THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-45 ◆FRIDAY ◆8 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୪୫ ◆ଶୁକ୍ରବାର ◆୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ମାଧୁରୀ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର୍

▶ଭିତର ପୃଷ୍ଠାରେ...

### ▶▶ ଚାଷୀଙ୍କୁ ଶୋଷୁଛି ବୀମା କମ୍ପାନୀ

# ନେଉଛି ବେଶି; ଦେଉଛି କମ୍

**ପ୍ରିମିୟମ୍ ତୁଳନାରେ କ୍ଷତିପୂରଣ ରାଶି ଯଥେଷ୍ଟ କମ୍**

**୯ ବର୍ଷରେ କମ୍ପାନୀ ନେଇଛନ୍ତି ୧୨ ହଜାର କୋଟି ପ୍ରିମିୟମ**

■ **ଭୁବନେଶ୍ୱର,୭।୮(ସମିସ):** ଫସଲବୀମା ପ୍ରିମିୟମ ବାବଦରେ କମ୍ପାନୀଗୁଡ଼ିକ ପ୍ରତିବର୍ଷ କୋଟି କୋଟି ଟଙ୍କା ନେଉଛନ୍ତି। ହେଲେ ଫସଲ କ୍ଷତି ଆଧାରରେ ଚାଷୀମାନଙ୍କୁ କ୍ଷତିପୂରଣ ଦେଉ ନାହାନ୍ତି। କ୍ଷତିପୂରଣ ଟଙ୍କା ପାଇବା ପାଇଁ ଚାଷୀଙ୍କୁ ଧାଇଁଧାଇଁ ଶେଷରେ ନିରାଶ ହେବାକୁ ପଡୁଛି ଓ ଯେଉଁମାନେ କ୍ଷତିପୂରଣର ଜଟିଳ ପ୍ରକ୍ରିୟାକୁ କୌଣସି ପ୍ରକାର ଶେଷ କରୁଛନ୍ତି, ସେମାନଙ୍କୁ ଯେତିକି ଅର୍ଥ ମିଳୁଛି ତାହା କ୍ଷତି ତୁଳନାରେ ଯଥେଷ୍ଟ କମ୍। ଏପରିକି କମ୍ପାନୀଗୁଡ଼ିକ ବୀମା ପ୍ରିମିୟମ ବାବଦରେ ଯେତିକି ଟଙ୍କା ନେଉଛନ୍ତି ତାହାର ଚାରିଭାଗରୁ ଭାଗେ ବି କ୍ଷତିପୂରଣ ମିଳୁନାହିଁ। ଯାହାକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ବଢୁଛି ଏବଂ ଫସଲବୀମାର କାର୍ଯ୍ୟକାରୀତା ଓ ଏହାର ସଫଳତାକୁ ନେଇ ସରକାରଙ୍କ ଶ୍ରେୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ୨୦୨୪ରେ ଗଞ୍ଜାମ ଜିଲ୍ଲାର ୧ଲକ୍ଷ ୪୫ ହଜାର ୭୧୬ଜଣ ଚାଷୀ ବୀମା କରିଥିଲେ। ଏହି ବାବଦରେ ଚାଷୀଙ୍କର ୭୬ କୋଟି ୩୪ ଲକ୍ଷ ୧ ହଜାର ପ୍ରିମିୟମ ଟଙ୍କା ବୀମା କମ୍ପାନୀ ପାଇଥିଲା। ମାତ୍ର ସେହିବର୍ଷ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା ଓ କ୍ଷତିପୂରଣ ପାଇବାକୁ ଲୋକେ କ୍ଲେମ୍ କରିଥିଲେ। ବୀମା କମ୍ପାନୀ ଫସଲ କ୍ଷତି ପାଇଁ ଚାଷୀଙ୍କୁ କ୍ଲେମ ଅନୁଯାୟୀ କ୍ଷତିପୂରଣ ସହାୟତା ଦେବା ତ ଦୂରର କଥା, ପ୍ରିମିୟମ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କାର ଯଥେଷ୍ଟ କମ୍ ଅର୍ଥାତ ମାତ୍ର ୧୦କୋଟି ୧୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ସମୁଦ୍ରକୁ ଶଙ୍ଖେ ଟଙ୍କା ଦେଇ ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ସରକାର ଓ କମ୍ପାନୀର ମିଳିଭଗତରେ ଚାଷୀଙ୍କ ପ୍ରିମିୟମ ଟଙ୍କାରୁ ୬୫ କୋଟି ଟଙ୍କା ଫାଇଦା ଉଠାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିବା ଭଳି ସାରା ରାଜ୍ୟରେ ଏହି ସ୍ଥିତି ସୃଷ୍ଟି ହୋଇଥିବା ନେଇ ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀ ପାଇଁ ରକ୍ଷା କବଚ ବୋଲି କହି ଏହି ଯୋଜନାଟି ୨୦୧୬ ଖରିଫ୍‌ଠାରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିଲେ। ଦେଶର କୋଟି କୋଟି ଚାଷୀ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି ▶ପୃଷ୍ଠା-୭

# ମୋଦୀ ବାଛିବେ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ

■ **ନୂଆଦିଲ୍ଲୀ, ୭।୮ (ଏଜେନ୍ସି):** ଆସନ୍ତା ସେପଟେମ୍ବର ୯ ତାରିଖରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ବିଜ୍ଞପ୍ତି ଜାରି କରିଛନ୍ତି। ଏହାସହିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଖାଲିପଡ଼ିଥିବା ଉପରାଷ୍ଟ୍ରପତି ପଦରେ କିଏ ବସିବ, ତାହାକୁ ନେଇ କସରତ ଆରମ୍ଭ ହୋଇଯାଇଛି। ସଂଖ୍ୟା ଦୃଷ୍ଟିରୁ କ୍ଷମତାସୀନ ଏନ୍‌ଡିଏ ଆଗୁଆ ଥିବାରୁ ଏହାର ପ୍ରାର୍ଥୀ ଉପରାଷ୍ଟ୍ରପତି ହେବା ପ୍ରାୟ ନିଶ୍ଚିତ। ଏନ୍‌ଡିଏ ପ୍ରାର୍ଥୀ ବାଛିବା ଲାଗି ମେଣ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେମାନେ ଯାହାକୁ ପ୍ରାର୍ଥୀ କରିବେ, ତାହାକୁ ଏନ୍‌ଡିଏ ଗ୍ରହଣ କରିବ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ନେତାମାନଙ୍କ ବୈଠକରେ ସର୍ବସମ୍ମତି କ୍ରମେ ଏହି ନଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅମିତ ଶାହ, ଜେପି ନଡ୍ଡା, ଲଲନ ସିଂହ, ଶ୍ରୀକାନ୍ତ ସିନ୍ଦେ, ଶ୍ରୀକୃଷ୍ଣା ଦେବରୟାଲୁ ଏବଂ ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ।


ଆଜି ନିର୍ବାଚନ କମିସନ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯାଇପାରିବ। ୨୨ ତାରିଖରେ ପ୍ରାର୍ଥିପତ୍ରର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ। ଆବଶ୍ୟକ ପଡ଼ିଲେ ସେପଟେମ୍ବର ୯ ତାରିଖରେ ମତଦାନ ହେବ।

ଲୋକସଭା ଏବଂ ରାଜ୍ୟସଭାର ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଏହି ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୬ ଥିବା ବେଳେ ନିର୍ବାଚନ ଜିତିବା ଲାଗି ୩୯୪ ଭୋଟ୍ ଦରକାର। ବିଜେପି ଏହାର ସହଯୋଗୀଙ୍କୁ ନେଇ ଗଠିତ ଏନ୍‌ଡିଏ ପାଖରେ ୪୨୨ ଜଣ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ବିଜୟୀ ହେବା ପ୍ରାୟ ନିଶ୍ଚିତ। ତେବେ ବିରୋଧୀ ଦଳ ମଧ୍ୟ ନିଜ ଆଡୁ ପ୍ରାର୍ଥୀ ଦେବାକୁ ଘୋଷଣା କରିଛନ୍ତି।

### ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମାହୁତି ଘଟଣା

# କ୍ଷୋଭ ପ୍ରକାଶ କଲେ ନବୀନ

■ **ଭୁବନେଶ୍ୱର, ୭।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ ଜଣେ + ୩ ଛାତ୍ରୀ ଆତ୍ମାହୁତି କରିବା ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଥିବା ବେଳେ ଏହାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେ ଚିତା ଜଳିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ପ୍ରତିଦିନ ମହିଳା ବିରୋଧୀ ଅତ୍ୟାଚାର, ଅପରାଧ ସାମ୍ନାକୁ ଆସୁଥିବା ବେଳେ



ଆତ୍ମାହୁତି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏପରି ସ୍ୱର୍ଶକାତର, ସମ୍ବେଦନଶୀଳ ଘଟଣା ରୋକିବାରେ ରାଜ୍ୟ

**ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେ ଚିତା ଜଳିବ ?**

ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି ବୋଲି ନବୀନ କହିଛନ୍ତି। ନିଜ ଏକ୍ସ ଏକାଉଣ୍ଟରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ପଟ୍ଟାମୁଣ୍ଡାଇର ଆଉ ଜଣେ ▶ପୃଷ୍ଠା-୭

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

# ଦୁଇ ଜଣଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ

■ **କଟକ, ୭।୮ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେଉଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟ କୁମାର ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ଦୁଇ ଦିନିଆ ରିମାଣ୍ଡରେ ନେବ। ଏହି ଦୁଇଜଣଙ୍କୁ ୪ଦିନିଆ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କଟକ ଜେଏମଏଫସି-୩ ଅଦାଲତରେ ଆବେଦନ କରାଯାଇଥିଲା। ତେବେ ଅଦାଲତ ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ରିମାଣ୍ଡ ବେଳେ କ୍ରାଇମବ୍ରାଞ୍ଚ ଉଭୟଙ୍କୁ ସାମ୍ନାସାମ୍ନି ଜେରା କରିବ ବୋଲି ସୂଚନା ମିଳିଛି। ଏଥିରୁ ଅଧିକ ତଥ୍ୟ ମିଳିପାରିବ ବୋଲି କୁହାଯାଇଛି। ▶ପୃଷ୍ଠା-୭

### ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା

# ୩ ସୁରକ୍ଷା କର୍ମୀଙ୍କୁ ଜେରା

■ **ବାଲେଶ୍ୱର, ୭।୮(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଜାରି ରହିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇମାମ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛନ୍ତି। କଲେଜର ଛାତ୍ରଛାତ୍ରୀ, କର୍ମଚାରୀ ଓ ଆଇସିସି ସଦସ୍ୟ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ତଦନ୍ତ ପ୍ରକ୍ରିୟାର ଅଗ୍ରଗତି ନେଇ କ୍ରାଇମବ୍ରାଞ୍ଚ ଏସ୍‌ପି ▶ପୃଷ୍ଠା-୭











ସକାଳ

www.sakalaepaper.com


## ୬୦ ପୀଡିତ ପରିବାର ଆମେରିକା କୋର୍ଟ ଯିବେ

ଅହମଦାବାଦ, ୭।୮(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଜୀବନ ହରାଇଥିବା ମୃତକଙ୍କ ୬୦ ପରିବାର ବୋଇଂ କମ୍ପାନୀ ବିରୋଧରେ କୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବିମାନର ନିର୍ମାତା କମ୍ପାନୀ ବୋଇଂ ବିରୋଧରେ ଆମେରିକାର କୋର୍ଟରେ ମକଦ୍ଦମା କରିବାକୁ ପସ୍ତୁତି ଆରମ୍ଭ କରିଛନ୍ତି। ଏଥିପାଇଁ ସେମାନେ ଆମେରିକାର ଜଣାଶୁଣା ଓକିଲ ତଥା ଆଇନି ବିଶେଷଜ୍ଞ ମାଇକ ଆଣ୍ଡ୍ରୁଜ୍‌ଙ୍କ ସହ ନିୟୋଜିତ କରିଛନ୍ତି। ଦୁର୍ଘଟଣା ଯାଞ୍ଚ ନେଇ ଏହି ପୀଡିତ ପରିବାରଗୁଡିକ ପ୍ରଶ୍ନ ଉଠାଇଛନ୍ତି। ବିମାନ କକ୍‌ପିଟ୍‌ର ଭଏସ ରେକର୍ଡର ଓ ଫ୍ଲାଇଟ୍ ଡାଟା ରେକର୍ଡର ତଥ୍ୟ ଦେବାକୁ ପୀଡିତ ପରିବାରଗୁଡିକ ଦାବି କରିଛନ୍ତି। ଏହା ଦ୍ୱାରା ସ୍ୱାଧୀନ ଭାବେ ସ୍ୱତନ୍ତ୍ର ଯାଞ୍ଚ କରିହେବ ବୋଲି ପରିବାର ତରଫରୁ କୁହାଯାଇଛି। ଆଣ୍ଡ୍ରୁଜ ଗମ୍ଭୀର ଭାବେ ଆହତ ଓ ଅପ୍ରାକୃତ ମୃତ୍ୟୁବରଣ କରିଥିବା ମାମଲାରେ ବିଶେଷଜ୍ଞ ଭାବେ ଜଣାଶୁଣା। ଏହାପୂର୍ବରୁ ସେ କେତୋଟି ଟ୍ରକ୍ ଓ କାର ନିର୍ମାତା କମ୍ପାନୀ ବିରୋଧରେ କେସ ଲଢି ସାରିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୧୨ରେ ଅହରାହ୍ନ ୧.୩୮ ରେ ଅହମଦାବାଦ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବାର କିଛି ସେକେଣ୍ଡ ପରେ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବିମାନ ଯାତ୍ରୀ, କ୍ରୁ ମେମ୍ବରଙ୍କ ସମେତ ଏଥିରେ ମୋଟ୍ ୨୭୦ଜଣ ମୃତ୍ୟୁବରଣ କରିଥିଲେ। ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମଧ୍ୟ ଏଥିରେ ମୃତ୍ୟୁବରଣ କରିଥିଲେ। ଏପର୍ଯ୍ୟନ୍ତ ଦୁର୍ଘଟଣାର ପ୍ରକୃତ କାରଣ ନେଇ କିଛି ସର୍ବଜନୀନ କରାଯାଇନାହିଁ। ତେଣୁ ପୀଡିତ ପରିବାରଗୁଡିକ ମଧ୍ୟରେ ସନ୍ଦେହ ଘନିଭୂତ ହୋଇଛି।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ପନ୍ନୁର ହତ୍ୟା ଧମକ

ଅମୃତସର, ୭।୮(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ହତ୍ୟା ଧମକ ମିଳିଛି। ଜଣାଶୁଣା ଖଲିସ୍ତାନୀ ଆତଙ୍କୀ ସଂଗଠନ 'ଶିଖ ଫର ଜଷ୍ଟିସ୍' (ଏସ୍‌ଏଫ୍‌ଜେ) ମୁଖ୍ୟ ଗୁରପତବନ୍ତ ସିଂହ ପନ୍ନୁ ଏହି ହତ୍ୟା ଧମକ ଦେଇଛି। ଏ ନେଇ ସେ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ଜାରି କରିଛି। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଭଗବନ୍ତ ମାନ ନିଶାଣରେ ରହିବେ ବୋଲି ସେ ଧମକ ଦେଇଛି। ସ୍ୱାଧୀନତା ଦିବସରେ ଭଗବନ୍ତ ତ୍ରିରାଙ୍ଗା ଉଡାଇବାକୁ ଆମେ ବିରୋଧ କରୁଛୁ ବୋଲି ସେ ଭିଡିଓରେ କହିଛି। ସେ ଲ୍ୟାଣ୍ଡ ପୁଲିଂ ପଲିସିକୁ ନେଇ ଲୋକଙ୍କୁ ଉସ୍କାଇବାକୁ ମଧ୍ୟ ପ୍ରୟାସ କରିଛି। ସେହିପରି ସେ ଅମୃତସର ବସଷ୍ଟାଣ୍ଡ ନିକଟସ୍ଥ ମନ୍ଦିର, କୋର୍ଟ ପରିସର ଓ ଖାଲସା କଲେଜର ଦିଆଲିରେ 'ଖଲିସ୍ତାନୀ ଏସ୍‌ଏଫ୍‌ଜେ ରେଫରେଣ୍ଡମ ଓ ଭଗବନ୍ତ ମାନ ମୁର୍ଦ୍ଦାବାଦ'ର ସ୍ଲୋଗାନ ଲେଖାଇଛି ବୋଲି ସେ ଦାବି କରିଛି। ପନ୍ନୁ ଭାରତର ସ୍ୱାଧୀନତା ଦିବସକୁ ବିରୋଧ କରୁଛି। ତେଣୁ ସେ ଏହାକୁ ପାଳନ କରିବାକୁ ମଧ୍ୟ ଖୋଲାଖୋଲି ଭାବେ ବିରୋଧ କରୁଛି ବୋଲି ଭିଡିଓରେ କହିଛି।

## ପ୍ରୟାଗରାଜରେ ଏନ୍‌କାଉଣ୍ଟର; ଗ୍ୟାଙ୍ଗଷ୍ଟର ନିହତ

ଲକ୍ଷ୍ନୌ, ୭।୮(ଏଜେନ୍ସି): ଉତ୍ତରପ୍ରଦେଶର ପ୍ରୟାଗରାଜ୍‌ରେ ସ୍ପେଶିଆଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଝାଡଖଣ୍ଡର କୁଖ୍ୟାତ ଗ୍ୟାଙ୍ଗଷ୍ଟର ଛୋଟୁ ଧନବାଦିଆ ଉର୍ଫ ଆଶିଷ ରଞ୍ଜନକୁ ଏନ୍‌କାଉଣ୍ଟର କରିଛି। ଆଶିଷ ନାମରେ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସର୍ଭିଲାନ୍ସ ଜରିଆରେ ତା'ର ଲୋକେସନକୁ ଟ୍ରେସ୍ କରାଯାଇଥିଲା। ସ୍ଥାନୀୟ ଶଙ୍କରଗଡ଼ ସ୍ଥିତ ଶିବରାଜ ଛକରେ ତାଙ୍କୁ ଏସ୍‌ଟିଏଫ୍ ଘେରାଉ କରିଥିଲା। ସେ ବାଇକ୍‌ରେ ଯାଉଥିବା ବେଳେ ତା'ର ପିଛା କରାଯାଇଥିଲା। କିନ୍ତୁ କିଛି ବାଟ ଯାଇ ସେ ଏକେ-୪୭ରେ ଆଖିବୁଜା ଗୁଳି ଚଳାଇଥିଲା। ଏସ୍‌ଟିଏଫ୍‌ର ପାଲଟା ଗୁଳିରେ ସେ ଆହତ ହୋଇଥିଲା। ତାଙ୍କୁ ହସ୍ପିଟାଲ ନିଆଯାଇଥିଲା କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ୧୦ ମିନିଟର ଏହି ଏନ୍‌କାଉଣ୍ଟରରେ ୪୬ ରାଉଣ୍ଡ ଫାୟାରିଂ ହୋଇଥିଲା। ତାଠାରୁ ଏକେ-୪୭ ଓ ୯ ଏମ୍‌ଏମ୍‌ର ଗୁଳି ଜବତ କରାଯାଇଛି।

## ଖାଇକୁ ଖସିଲା ସିଆରପିଏଫ୍ ଗାଡ଼ି: ୩ ଯବାନ ମୃତ

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ଜମ୍ମୁ- କଶ୍ମୀରର ଉର୍ଦ୍ଧ୍ୱମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ଗୁରୁବାର ସକାଳ ୧୦.୩୦ରେ ସିଆରପିଏଫ୍‌ର ଏକ ଗାଡ଼ି ୨୦୦ ଫୁଟ ଗଭୀର ଖାଇରେ ଖସିପଡ଼ିଛି। ଏହି ଦୁର୍ଘଟଣା ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ଥିତି ଗମ୍ଭୀର ରହିଛି ବୋଲି ସ୍ଥାନୀୟ ପ୍ରଶାସନ ତରଫରୁ କୁହାଯାଇଛି। ଯବାନମାନଙ୍କୁ ନେଇ ଏହି ଗାଡି ଆସୁଥିଲା। ତେବେ ନିୟନ୍ତ୍ରଣ ହରାଇ ଗାଡି ଖାଇକୁ ଖସିଥିଲା ବୋଲି ସିଆରପିଏଫ୍ ଅଧିକାରୀମାନେ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଥାଉ କି, ପୂର୍ବରୁ ଜୁଲାଇ ୧୬ରେ ଲଦାଖରେ ଏକ ମିନି ବସ ଖାଇରେ ଖସି ପଡ଼ିବା ଫଳରେ ୨ ଜଣଙ୍କ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଗମ୍ଭୀର ଭାବେ ଆହତ ହୋଇଥିଲେ।

## ୫ ସାଥୀଙ୍କୁ ଗୁଳି ମାରିଲେ ଯବାନ

ୱାସିଂଟନ, ୭।୮(ଏଜେନ୍ସି): ଆମେରିକାର ଜର୍ଜିଆ ରାଜ୍ୟର ଫର୍ଟ ଷ୍ଟିୱାର୍ଟସ୍ଥିତ ସେନା କ୍ୟାମ୍ପରେ ଜଣେ ସୈନିକ ନିଜ ପର୍ସନାଲ ହ୍ୟାଣ୍ଡଗନ୍‌ରେ ନିଜର ସାଥି ସୈନିକମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳିମାଡ କରିଥିଲେ। ଆକ୍ରମଣକାରୀ ସୈନିକଙ୍କ ନାମ କ୍ୱୋରୋନେଲିଅସ ରାଡଫର୍ଡ ବୋଲି ଜଣାଯାଇଛି। ଏହି ଘଟଣାରେ ୫ ଜଣ ସୈନିକ ଆହତ ହୋଇଛନ୍ତି। ଆଟଲାଣ୍ଟରେ ଦକ୍ଷିଣପୂର୍ବ ଦିଗରେ ଫର୍ଟ ଷ୍ଟିୱାର୍ଟ ୩୮୬ କିମି ଦୂରରେ ଅବସ୍ଥିତ। ଭାରତୀୟ ସମୟ ଅନୁସାରେ ବୁଧବାର ରାତି ୮.୨୬ରେ ଏହି ଘଟଣା ଘଟିଥିଲା। ଆକ୍ରମଣ କରିବା ମାତ୍ରେ ହିଁ ରାଡଫର୍ଡଙ୍କୁ ଅନ୍ୟ ସୈନିକମାନେ କାବୁ କରି ନେଇଥିଲେ। ଆହତ ସୈନିକଙ୍କୁ କମ୍ୟୁନିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନିର୍ବାଚନ କମିସନଙ୍କ ବିରୋଧରେ ରାହୁଲଙ୍କ 'ଭୋଟ ଚୋରି' ଅଭିଯୋଗ

# କର୍ଣ୍ଣାଟକରେ ଭୟଙ୍କର ଜାଲିଆତି

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ଜାଲ ଭୋଟର, ଜାଲ ଠିକଣା, ଜାଲ୍ ଫଟୋ, ଗୋଟିଏ ଠିକଣାରେ ବହୁ ସଂଖ୍ୟକ ଭୋଟର। ନିର୍ବାଚନ କମିସନ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ବିଜେପିକୁ ଜିତାଇବା ଲାଗି କମିସନ ବଡ଼ ଧରଣର ଜାଲିଆତି କରିଛନ୍ତି। କର୍ଣ୍ଣାଟକରେ ଏକ ଲୋକସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟ ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ଏକ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ଲକ୍ଷ ଭୋଟ୍ ଚୋରି କରାଯାଇଛି।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ଜିତାଇବା ଲାଗି ଭୋଟର ତାଲିକାରେ ହଜାର ହଜାର ଜାଲ ଭୋଟରଙ୍କୁ ସାମିଲ କରାଯାଇଛି। କର୍ଣ୍ଣାଟକର କେନ୍ଦ୍ରୀୟ ବାଙ୍ଗାଲୋର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ୬ ଲକ୍ଷ ୫୦ ହଜାର ଭୋଟର ଥିବା ବେଳେ ଏକ ଲକ୍ଷରୁ ଅଧିକ ଭୋଟ୍ ଜାଲିଆତି ହୋଇଛି। ୨୦୨୪ ସାଧାରଣ ନିର୍ବାଚନରେ ଏହି ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଗଣତି ବେଳେ ପ୍ରାୟ ସବୁସ୍ଥାନରେ ଆଗୁଆ ଥିବା ବେଳେ ଫଳାଫଳ ଘୋଷଣା ବେଳେ ବିଜେପି ପ୍ରାର୍ଥୀଙ୍କୁ ୩୨ ହାର ୭୦୭ ଭୋଟରେ ବିଜୟୀ ଘୋଷଣା କରାଗଲା। କଂଗ୍ରେସ ପ୍ରାର୍ଥୀ ୬,୨୬,୨୦୮ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ୬,୫୮,୯୧୫ ଭୋଟ୍ ପାଇଥିଲେ। ଏହାର ରହସ୍ୟ ଜାଣିବା ଲାଗି କଂଗ୍ରେସ ପକ୍ଷରୁ ନିଜସ୍ୱ ଉଦ୍ୟମରେ ଅନୁସନ୍ଧାନ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ଏହି ଲୋକସଭା ଆସନର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଆଗୁଆ ଥିବା ବେଳେ ମହାଦେବପୁରା ବିଧାନସଭା ଆସନରେ ବହୁତ ପଛରେ ରହିଥିଲେ। ଏହି ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୧ ଲକ୍ଷ ୧୪ ହଜାର ଭୋଟରେ ହାରିଯାଇଥିଲେ। ରାହୁଲ କହିଲେ ଯେ ଏହି ନିର୍ବାଚନମଣ୍ଡଳୀରେ ଏକ ଲକ୍ଷରୁ ଅଧିକ ଭୋଟ ଜାଲିଆତି ହୋଇଛି।



### ଗୋଟିଏ ବିଧାନସଭା ଆସନରେ ଏକ ଲକ୍ଷ ଭୋଟରଙ୍କୁ ନେଇ ଉଠାଇଲେ ପ୍ରଶ୍ନ

### ଅଭିଯୋଗକୁ ଖଣ୍ଡନ କଲେ ନିର୍ବାଚନ କମିସନ

### ସତ୍ୟପାଠ ଜରିଆରେ ତଥ୍ୟ ପ୍ରମାଣ ଦିଅ

ଏଠାରେ ୧୧ ହଜାର ୯୬୫ ଡୁପ୍ଲିକେଟ୍ ଭୋଟର ଅଛନ୍ତି। ୪୦ ହଜାର ୯ ଜଣ ଏମିତି ଭୋଟର ଅଛନ୍ତି, ଯାହାର ଠିକଣା ଠିକ୍ ନାହିଁ। ଗୋଟିଏ ଗୋଟିଏ ଠିକଣାରେ ୧୦ ହଜାର ୪୫୨ ଭୋଟରଙ୍କର ନାମ ରହିଛି। ପୁଣି ୪୧୩୨ ଏମିତି ଭୋଟର ରହିଛନ୍ତି ଯେଉଁମାନଙ୍କର ଫଟୋ ଇନ୍‌ଭାଲିଡ୍ ରହିଛି। ଏହାସହିତ ଫର୍ମ-୬ର ଅପବ୍ୟବହାର କରାଯାଇ ୩୩ ହଜାର ୬୯୨ ନୂଆ ଭୋଟରଙ୍କୁ ସାମିଲ କରାଯାଇଛି।

ରାହୁଲ ଗାନ୍ଧୀ କହିଲେ ଯେ ତାଙ୍କ ଦଳ ପକ୍ଷରୁ ନିର୍ବାଚନ କମିସନଙ୍କୁ ଏସଂପର୍କରେ ତଥ୍ୟ ମଗାଯାଇଥିଲା। କିନ୍ତୁ କମିସନ ଭୋଟର ତାଲିକା ଇଲେକଟ୍ରୋନିକ ଫର୍ମାଟରେ ନଦେଇ କାଗଜରେ ଦେଇଛନ୍ତି। ଏହି କାଗଜ ତାଲିକାର ଉଚ୍ଚତା ହେଉଛି ୭ ଫୁଟ୍। ଇଲେକଟ୍ରୋନିକ ଫର୍ମାଟରେ ଦେଇଥିଲେ ଜାଲିଆତି ୩୦ ସେକେଣ୍ଡରେ ଧରାପଡ଼ି ଯାଇଥାନ୍ତା। କିନ୍ତୁ ବିଭ୍ରାନ୍ତ କରିବା ଲାଗି କାଗଜ ଫର୍ମାଟରେ ଦିଆଯାଇଛି। କାଗଜ ତଥ୍ୟରେ ଜାଲିଆତି ଧରିବା ଏକ କଷ୍ଟସାଧ୍ୟ ବ୍ୟାପାର। ଭୋଟର ତଥ୍ୟ ଯାଞ୍ଚ କରାଇନଦେବା ଲାଗି ରାଜନୈତିକ ଦଳଙ୍କୁ ଏଭଳି କାଗଜାରେ ତଥ୍ୟ ାଦେଉଛନ୍ତି କମିସନ। ତଥାପି ଏହି କାଗଜ ତଥ୍ୟକୁ ନେଇ ଯାଞ୍ଚ କରିବା ଲାଗି କଂଗ୍ରେସ ଟିମ୍‌କୁ ୬ ମାସ ଲାଗିଗଲା ବୋଲି ରାହୁଲ କହିଛନ୍ତି।

୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିଲା। ବିଜେପି (୨୪୦) ନିଜ ଦମରେ ସରକାର ଗଠନ କରିପାରି ନଥିଲା। ସରକାର ପାଇଁ ଅନ୍ୟ ଦଳଙ୍କର ସହାୟତା ାନେଇଥିଲା। କିନ୍ତୁ ଏହାପରେ ହରିଆଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିକୁ ଅପ୍ରତ୍ୟାଶିତ ସଫଳତା ମିଳିଥିଲା। ଏହା କେବଳ ରାଜନୈତିକ ଦଳଙ୍କୁ ନୁହେଁ, ଏକଜିଟ୍ ପୋଲ୍ ସଂସ୍ଥାମାନଙ୍କୁ ମଧ୍ୟ ବିସ୍ମିତ କରିଥିଲା। ଏହାକୁ ନେଇ ସନ୍ଦେହ ବଢ଼ିବାରୁ କଂଗ୍ରେସ ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଭୋଟର ତାଲିକାରେ ଜାଲ ଭୋଟରଙ୍କୁ ସାମିଲ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

ତେବେ ନିର୍ବାଚନ କମିସନ ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କର୍ଣ୍ଣାଟକ ନିର୍ବାଚନ କମିସନ କହିଛନ୍ତି ଯେ କଂଗ୍ରେସ ନେତା ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରମାଣ ଦାଲଖ କରନ୍ତୁ। ସଂସ୍ଥା ବିରୋଧରେ ଦେଶବାସୀଙ୍କୁ ବିଭ୍ରାନ୍ତ ନକରିବା ଲାଗି ରାହୁଲଙ୍କୁ କମିସନ କହିଛନ୍ତି।

## ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୭।୮(ଏଜେନ୍ସି): ବାସଭବନରୁ ନଗଦ ଟଙ୍କା ଜବତ ମାମଲାରେ ଫସିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଆବେଦନକୁ ଆଜ ଖାରଜ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ମାମଲାରେ ଜଷ୍ଟିସ ବର୍ମା ତାଙ୍କ ବିରୋଧରେ କୋର୍ଟ ଯାଞ୍ଚ କମିଟି ଦେଇଥିବା ରିପୋର୍ଟକୁ ଚ୍ୟାଲେଞ୍ଜ କରି ପିଟିସନ ଦାୟର କରିଥିାଲେ। କିନ୍ତୁ ସାର୍ବୋଚ୍ଚ ଅଦାଲତ ଏହି ପିଟିସନକୁ ଖାରଜ କରିାଦେଇଛନ୍ତି। ଫଳାରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଚାଲୁ ରହିବ ବୋଲି ସ୍ପଷ୍ଟ ହୋଇଯାଇଛି।

ଜଷ୍ଟିସ ବର୍ମା ତାଙ୍କ ବାସଭବନରେ ଅଧାଜଳା ନଗଦ ଟଙ୍କା ଜବତ ମାମଲାରେ ଇନ୍ ହାଉସ୍ କମିଟିର ରିପୋର୍ଟ ଓ ମହାଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ଏହି ରିପୋର୍ଟରେ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି ଉଲ୍ଲେଖ କରାଯାଇଥିଲା। ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ ହେବା ପରେ ଏବେ ଦୁଇଟି ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମଟି ହେଲା ସେ ଇସ୍ତଫା ଦେବେ। ଯଦି ଏହା ହୁଏ, ତେବେ ସେ ମହାଭିଯୋଗକୁ ସାମ୍ନା କରିବାରୁ ବର୍ତ୍ତିଯିବେ ଓ ଅବସରପ୍ରାପ୍ତ ବିଚାରପତି ଭାବେ ସେ ପେନ୍‌ସନ ପାଇବେ। କିନ୍ତୁ ଯଦି ମହାଭିଯୋଗ ଜରିଆରେ ତାଙ୍କୁ ପଦରୁ ହଟା ଯାଏ ତେବେ ସେ ପେନସନ ସହିତ ଅନ୍ୟସବୁ ସୁବିଧାରୁ ବଞ୍ଚିତ ହେବେ। କିନ୍ତୁ ସେ ଇସ୍ତଫା ଦେବେ ନାହିଁ ବୋଲି ବହୁ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି।

ସେପଟେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦର ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଚଳିତ ଅଧିବେଶନରେ ଲୋକସଭାର ୧୫୨ ସାଂସଦ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ।

## ଉତ୍ତରାଖଣ୍ଡ ବିପତ୍ତି: ୧୭୪ ଉଦ୍ଧାର, ୫୯ ନିଖୋଜ



ନୂଆଦିଲ୍ଲୀ, ୭।୮(ଏଜେନ୍ସି): ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୂପରେ ପରିଣତ କରିଛି। ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଶୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିସିଯାଇଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟର ନିୟୋଜିତ କରାଯାଇଛି। ୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ଗୁଜରାଟର ୧୩୧ ଓ ମହାରାଷ୍ଟ୍ରର ୧୨୩ ସାମିଲ ରହିଛନ୍ତି। ଏମାନେ ଗଙ୍ଗୋତ୍ରୀ ଓ ଅନ୍ୟଅଞ୍ଚଳରେ ଫସିରହିଥିଲେ। ସେହିପରି ୯ ଯବାନ ଓ ୫୦ ନାଗରିକ ସମେତ ୫୯ ଜଣ ଏପର୍ଯ୍ୟନ୍ତ ନିଖୋଜ ରହିଛନ୍ତି।

ଭାରତୀୟ ସେନାର ଚିନୁକ ହେଲିକପ୍ଟରକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏୟାର ଲିଫ୍ଟିଂ ପାଇଁ ଅର୍ଦ୍ଧସୈନିକ ବଳର ଯବାନମାନ ଓ ଏକାଧିକ ମେଡିକାଲ ଟିମ୍‌ଗୁଡିକୁ ନିୟୋଜିତ କରାଯାଇଛି। ରୁଷିଆ ନିର୍ମିତ ଏମ୍‌ଆଇ-୧୭ ହେଲିକପ୍ଟରକୁ ମଧ୍ୟ ବ୍ୟବହାର କରାଯାଉଛି। ଆଇଟିବିପି ଏହି ହେଲିକପ୍ଟର ସଞ୍ଚାଳନ କରୁଛି। ଗୁରୁବାର ସକାଳ ୧୦ଟା ସୁଦ୍ଧା ପ୍ରଭାବିତ ଅଞ୍ଚଳଗୁଡିକରୁ ୬୧ ଜଣ ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଜଣଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ହସ୍ପିଟାଲକୁ ହଲିକପ୍ଟର ମାଧ୍ୟମରେ ନିଆଯାଇଥିଲା। ଭୂସ୍ଖଳନ ଯୋଗୁଁ ଜିଲ୍ଲାର ବିଭିନ୍ନ ମୁଖ୍ୟ ସଡକ ବନ୍ଦ ହୋଇଛି। ବୁଧବାର ଧରାଲୀରୁ ୧୯୦ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ମାତିଲ ହେଲିପ୍ୟାଡ୍ ବୁଲି ଦେଖିଛନ୍ତି ଓ ଏୟାରଲିଫ୍ଟ ହୋଇଥିବା ଲୋକଙ୍କୁ ଭେଟିଛନ୍ତି। ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାର ସାହଯ୍ୟ ସହଯୋଗ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ପାର୍ବତ୍ୟାଞ୍ଚଳରେ ମାଟି କିମ୍ବା କାଦୁଅ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଅଭିଯାନ ଚାଲୁ ରହିଛି। କେତେକାଞ୍ଚଳରେ ଉଦ୍ଧାରକାରୀ ଦଳ ପହଞ୍ଚିବାରେ ସକ୍ଷମ ହୋଇନାହାନ୍ତି। ହର୍ଶୀଲ ଉପତ୍ୟାକାକୁ ମଧ୍ୟ ଯିବା ସମ୍ଭବ ହୋଇପାରିନାହିଁ। ୧୦୦ମି ଲମ୍ବ ଲୁହା ନିର୍ମିତ ପୋଲ ଭୁଶୁଡିବା ଫଳରେ ଏହି ସ୍ଥାନ ଏପର୍ଯ୍ୟନ୍ତ ଅପହଞ୍ଚ ରହିଛି।

## ୟୁପିରେ ୩୬୦ ଘର ଭୁଶୁଡିଛି, ୨ ଦିନରେ ୧୬ ମୃତ

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ହିମାଚଳ ପ୍ରଦେଶରେ ଗତ ଦୁଇଦିନ ହେବ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶିମଲା ଜିଲ୍ଲାରେ ବୁଧବାର ରାତି ୧୦.୧୫ରେ ବାଦଲ ଫଟା ବର୍ଷା ହୋଇଥିଲା। ଫଳରେ ନାଗୋଲି ନଦୀରେ ଭୟଙ୍କର ବନ୍ୟା ଆସିଛି। ବୁଧବାର ମଣ୍ଡିର ଦବାଡାରେ ଚଣ୍ଡିଗଡ଼- ମାନାଲୀ ଫୋରଲେନ୍ ଫ୍ଲାଇଓଭରରେ ଭୂସ୍ଖଳନ କାରଣରୁ ଫାଟ ସୃଷ୍ଟି ହୋଇଛି। ଫଳରେ ମଣ୍ଡି- ମନାଲୀ, ଚଣ୍ଡିଗଡ଼- ସମ୍‌ଲା ଫୋରଲେନ୍ ସମେତ ୫୩୩ ସଡକ ବନ୍ଦ ହୋଇଛି।

ସେପଟେ ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ପ୍ରାୟସବୁ ନଦୀରେ ବନ୍ୟା ଆସିଛି। ପ୍ରୟାଗରାଜ, ବାରଣାସୀ ସମେତ ୨୪ ଜିଲ୍ଲାରେ ୧, ୨୪୫ ଗାଁ ବନ୍ୟା ଘେରରେ ରହିଛି। ବର୍ଷା କାରଣରୁ ୟୁପିରେ ୩୬୦ ଘର ଭୁଶୁଡିଛି। ଗତ ଦୁଇଦିନରେ ହୋଇଥିବା ବର୍ଷା ଯୋଗୁଁ ୧୬ ଲୋକଙ୍କ ମୃତ୍ୟୁ ହୋଇଛି। ବିହାରର ଗଙ୍ଗା ଓ ସୋନ ନଦୀରେ ମଧ୍ୟ ବନ୍ୟା ଆସିଛି। ବିହାର ଓ ଝାଡଖଣ୍ଡ ସମେତ ୧୨ଟି ରାଜ୍ୟରେ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡ ଓ ହିମାଚଳ ସମେତ ୧୧ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି।


## ପୁଣି ଆମେରିକା ଯିବେ ପାକ୍ ସେନାମୁଖ୍ୟ ଅସିମ ମୁନୀର୍

କରାଚୀ, ୭।୮(ଏଜେନ୍ସି): ପାକିସ୍ତାନ ସେନାଧକ୍ଷ ଅସିମ ମୁନୀର ଚଳିତ ସପ୍ତାହ ପୁଣି ଆମେରିକା ଗସ୍ତରେ ଯିବେ। ସେ ସିଇଏନ୍‌ଟିସିଓଏମ୍ (ସେଣ୍ଟ୍ରାଲ କମାଣ୍ଡ)ର ନୂଆ ମୁଖ୍ୟଙ୍କ ନିଯୁକ୍ତି ସମାରୋହରେ ଯୋଗ ଦେବେ। ଫଳରେ ଦୁଇମାସ ମଧ୍ୟରେ ସେ ଦ୍ୱିତୀୟଥର ପାଇଁ ଆମେରିକା ଗସ୍ତ କରିବେ। ପୂର୍ବରୁ ସେ ଜୁନ୍ ୧୪ରେ ଆମେରିକା ଗସ୍ତରେ ଯାଇଥିଲେ। ସେ ମଧ୍ୟ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ଦୁଇଘଣ୍ଟା ଲଞ୍ଚ୍ ମିଟିଂରେ ସାମିଲ ହୋଇଥିଲେ। ବନ୍ଦ କୋଠାରୀରେ ଏହି ବୈଠକ ବସିଥିଲା। ପ୍ରଥମଥର ପାଇଁ କୌଣସି ଆମେରିକାର ରାଷ୍ଟ୍ରପତି ସେତେବେଳେ ପାକିସ୍ତାନ ସେନାମୁଖ୍ୟଙ୍କ ସହ ବୈଠକରେ ମିଳିତ ହୋଇଥିଲେ। ମୁନୀର ସେତେବେଳେ ଭାରତ ସହିତ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ପ୍ରଦାନ କରିଥିଲେ। କେବଳ ସେତିକି ନୁହଁ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ସେ ପ୍ରସ୍ତାବ ମଧ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ।

## ଆୟର୍ଲାଣ୍ଡରେ ଭାରତୀୟ ବାଳିକାକୁ ଚୁଟି ଟାଣି ମାରିଲେ

ଡବ୍ଲିନ୍, ୭।୮(ଏଜେନ୍ସି): ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ ପରେ ଏବେ ଆୟର୍ଲାଣ୍ଡରେ ମଧ୍ୟ ଭାରତୀୟ ନାଗରିକମାନେ ବର୍ଣ୍ଣବୈଷମ୍ୟ ଭେଦଭାବର ଶିକାର ହେଉଛନ୍ତି। ଏହି ୟୁରୋପୀୟ ଦେଶରେ ଜଣେ ୬ ବର୍ଷର ଭାରତୀୟ ବାଳିକା ବେର୍ଣ୍ଣବେଷମ୍ୟ ଭେଦଭାବର ଶିକାର ହୋଇଛନ୍ତି। ଏହି ଭାରତୀୟ ବାଳିକା ହେଉଛନ୍ତି ନିଆ ନବୀନ। ନିଆଙ୍କ ପରିବାର କେରଳର କୋଟ୍ଟାୟାମରୁ ଯାଇ ଆୟର୍ଲାଣ୍ଡରେ ରହୁଛନ୍ତି। ଅୟର୍ଲାଣ୍ଡର ଦକ୍ଷିଣ ପୂର୍ବରେ ଥିବା ୱାଟରଫର୍ଡ ସିଟିରେ ନିଆ ତାଙ୍କ ଘର ବାହାରେ ଖେଳୁଥିଲେ। ଏଥିକି ବେଳେ ୧୨ରୁ ୧୪ ବର୍ଷର କେତେଜଣ ପିଲା ଆସି ନିଆଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଅସନା ଓ ଭାରତ ଫେରିଯାଅ ବୋଲି କହିଥିଲେ। ସେମାନେ ନିଆଙ୍କ ମୁହଁକୁ ମୁଥ ମାରିବା ସହ ବାଇସାକଲ୍‌ରେ ତାଙ୍କୁ ଆଘାତ ଦେଇଥିଲେ। ପୁଣି ପିଲାମାନେ ତାଙ୍କୁ ବେକ ଧକ୍କା ମାରିବା ସହ ଚୁଟି ମଧ୍ୟ ଟାଣିଥିଲେ ଥିଲେ ବୋଲି ତାଙ୍କ ମା ଅନୁପା ଅଚୁଥାନ 'ଆଇରିଶ ମିରର'କୁ କହିଛନ୍ତି। ଜଣେ ନର୍ସ ଭାବେ ଅନୁପା ୮ ବର୍ଷ ହେବ ସ୍ୱାମୀଙ୍କ ସହ ଆୟର୍ଲାଣ୍ଡରେ ରହୁଛନ୍ତି। ନିକଟରେ ତାଙ୍କୁ ଆୟର୍ଲାଣ୍ଡର ନାଗରିକତା ମିଳିଛି। ଗତ ସୋମବାର ଏହି ଘଟଣା ଘଟିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା ବୋଲି ସେ କହିଛନ୍ତି। ଏହି ପିଲାମାନେ ଅନୁପାଙ୍କୁ ମଧ୍ୟ ପରିହାଶ କରିଥିଲେ। ଅବଶ୍ୟ ଆୟର୍ଲାଣ୍ଡରେ ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଛି। ଏହି ଘଟଣା ପରେ ଡବ୍ଲିନସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛି।

## ବର୍ଷ ଶେଷରେ ଭାରତ ଆସିବେ ପୁତିନ



ନୂଆଦିଲ୍ଲୀ/ ମସ୍କୋ, ୭।୮(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଚଳିତ ବର୍ଷ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବେ। ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ ଏହି ସୂଚନା ଦେଇଛନ୍ତି ବୋଲି ରୁଷିଆ ନ୍ୟୁଜ୍ ଏଜେନ୍ସି ତାସ ତରଫରୁ କୁହାଯାଇଛି। ଡୋଭାଲ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କୁ ଭେଟିଛନ୍ତି। ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ। ଦୁଇ ଦେଶ ମଧ୍ୟରେ ଏକ ଦୃଢ ତଥ ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି। ଖୁବ୍‌ଶୀଘ୍ର ଡୋଭାଲ ରାଷ୍ଟ୍ରପତି ପୁତିନଙ୍କୁ ଭେଟିବେ। ଅପରେସନ ସିନ୍ଦୂର ପରେ ଏହା ଡୋଭାଲଙ୍କର ପ୍ରଥମ ମସ୍କୋ ଯାତ୍ରା। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତରଫରୁ ରୁଷ୍ ସହିତ ଭାରତର ସମ୍ପର୍କକୁ ନେଇ ବିରୋଧ କରାଯାଇଛି। ଏପରିସ୍ଥଳେ ଡୋଭାଲଙ୍କ ଏହି ଗସ୍ତ ବହୁତ ମହତ୍ତ୍ୱ ରଖୁଛି। ପୁତିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ। ସେତେବେଳେ ସେ ମାତ୍ର ୪ ଘଣ୍ଟା ପାଇଁ ଭାରତ ଆସିଥିଲେ। ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ନେଇ ଚୁକ୍ତି ହୋଇଥିଲା ଓ ଦସ୍ତଖତ ହୋଇଥିଲା। ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ। ଏହି ଗସ୍ତରେ ଦୁଇ ଦେଶ ମଧ୍ୟରେ ୨୦୩୦କୁ ଲକ୍ଷ୍ୟ ରଖି ଆର୍ଥିକ ରୋଡମ୍ୟାପ୍‌କୁ ଆଗକୁ ବଢ଼ାଇବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯିବ ବୋଲି ଆଶା କରାଯାଉଛି। ଗତ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଥର ରୁଷିଆ ଗସ୍ତରେ ଯାଇଥିଲେ। ଭାରତ ରୁଷିଆର ଦ୍ୱିତୀୟ ସର୍ବାଧିକ ତୈଳ କ୍ରେତା ରହିଆସିଛି। ୟୁକ୍ରେନ ଯୁଦ୍ଧ ପୂର୍ବରୁ ଭାରତ ୦.୨ ପ୍ରତିଶତ ତୈଳ ଆମଦାନୀ କରୁଥିଲା। କିନ୍ତୁ ଏବେ ଏହା ବୃଦ୍ଧିପାଇଁ ୪୫ ପ୍ରତିଶତରେ ପହଞ୍ଚିଛି।

## ଖୁବ୍‌ଶୀଘ୍ର ଟ୍ରମ୍ପ-ପୁତିନ ସାକ୍ଷାତ



ମସ୍କୋ, ୭।୮(ଏଜେନ୍ସି): ଖୁବଶୀଘ୍ର ଆମେରିକା ଓ ରୁଷିଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ସାକ୍ଷାତ ହେବାକୁ ଯାଉଛି। ଏ ସଂକ୍ରାନ୍ତରେ ରୁଷିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କ୍ରେମଲିନର ଅଧିକାରୀମାନେ ଗୁରୁବାର ସୂଚନା ଦେଇଛନ୍ତି। ଏହି ବୈଠକ ଆସନ୍ତା ସପ୍ତାହରେ ବସିବ। ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଶେଷ କରିବାକୁ ରୁଷିଆକୁ ଟ୍ରମ୍ପ ଅଗଷ୍ଟ ୮ ସୁଦ୍ଧା ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛନ୍ତି। ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି କୁହାଯାଇଛି। ତେବେ ଏହି ବୈଠକରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଯୋଗ ଦେବେ କି ନା ସେ ନେଇ କିଛି କୁହାଯାଇନାହିଁ। ଏହି ବୈଠକ କେଉଁଠାରେ ବସିବ ସେ ନେଇ ସହମତି ହୋଇ ସାରିଛି ଓ ଏ ନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ପୁତିନଙ୍କ ବୈଦେଶିକ ବିଭାଗର ପରାମର୍ଶ ଦାତା ୟୁରୀ ଓସାକୋଭ କହିଛନ୍ତି। ଚଳିତବର୍ଷ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମଥର ପାଇଁ ପୁତିନଙ୍କୁ ଭେଟିବେ। ୨୦୨୧ ପରେ ଦୁଇ ଦେଶ ମଧ୍ୟରେ ପ୍ରଥମଥର ପାଇଁ ଶିଖର ବୈଠକ ବସିବ। ସେତେବେଳର ରାଷ୍ଟ୍ରପତି ଜୋ ବାଇଡେନ ଓ ପୁତିନ ଜେନିଭାରେ ବୈଠକରେ ଏକାଠି ହୋଇଥିଲେ। ୟୁକେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ଦୃଷ୍ଟିକୋଣରୁ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରିବ।

# ମାଧୁରୀ ଦୀକ୍ଷିତ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର୍

## ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୮ (ସମିସ): ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ଭାବେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଜନତା ମଇଦାନରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ। ଆମର

### ଜାତୀୟ ହସ୍ତତନ୍ତ ଦିବସରେ ହସ୍ତତନ୍ତ ମେଳା 'ଏକତା' ଉଦ୍‌ଘାଟିତ

'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ; ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶବିଦେଶର ଫେସନ୍ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ବରଗଡ଼, କଟକରେ ଡାଇ ହାଉସ୍, ଗୋଦାମ, ଡିଜାଇନ୍ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ମାଧୁରୀ ଦୀକ୍ଷିତ ଉପସ୍ଥିତ ରହି କହିଥିଲେ ଯେ ହସ୍ତତନ୍ତ କେବଳ ଜୀବିକା ନୁହେଁ; ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ। ଏହି ଅବସରରେ ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ହସ୍ତତନ୍ତ ଦିବସର ମାସ୍କଟ "ରେଶା' ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ପ୍ରେମ ଚାନ୍ଦ ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

■ +୨ ସ୍ମାର୍ଟ ନାମଲେଖା

# ଚୟନ ହେଲେ ୨୫,୪୩୪ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୭।୮ (ସମିସ): ଯୁକ୍ତ ଦୁଇ ସ୍ମାର୍ଟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୩,୪୧୧ ଜଣ ଛାତ୍ରଛାତ୍ରୀ ସ୍ମାର୍ଟ ନାମଲେଖା ପାଇଁ ଆବେଦନ କରିଥିବାବେଳେ ୨୫,୪୩୪ ଜଣ ମେଧାବୀଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି। ତନ୍ମଧ୍ୟରୁ କଳାରେ ସର୍ବାଧିକ ୧୪,୮୨୪ ଜଣ ପିଲା ଥିବାବେଳେ ବିଜ୍ଞାନରେ ୬୯୩୮, ବାଣିଜ୍ୟରେ ୨୫୭୮, ସଂସ୍କୃତରେ ୩୧୦ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ୭୮୪ ଜଣ ପିଲା ଚୟନ ହୋଇଛନ୍ତି। ସେହିପରି ସମୁଦାୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୨,୪୫୪ ଜଣ ଛାତ୍ର ଥିବାବେଳେ ୧୨,୯୮୦ ଜଣ ଛାତ୍ରୀ ରହିଛନ୍ତି। ଚୟନ ହୋଇଥିବା ପିଲାମାନେ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଠାରୁ ୧୬ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାଇ ପାରିବେ।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ଦୁଇଟି ରାଉଣ୍ଡ ପରେ ୩ଲକ୍ଷ ୭୧ହଜାର ୨୦୭ ଜଣ ପିଲା ନାମଲେଖାଇଛନ୍ତି। ମୋଟ୍ ୫ଲକ୍ଷ ୭୨ହଜାର ୭୧୫ଟି ସିଟ୍ ଥିବାବେଳେ ଆଉ ୨ଲକ୍ଷ ୧ହଜାର ୫୦୮ ସିଟ୍ ଫାଙ୍କା ରହିଛି। ସ୍ମାର୍ଟ ନାମଲେଖା ପାଇଁ ଚୟନ ହୋଇଥିବା ସମସ୍ତ ପିଲା ନାମ ଲେଖାଇଲେ ମଧ୍ୟ ଦେଢ଼ ଲକ୍ଷରୁ ଅଧିକ ସିଟ୍ ଫାଙ୍କା ରହିବ।

### ଦିବ୍ୟାଙ୍ଗ ମହିଳାଙ୍କୁ ଗଣଦୁଷ୍କର୍ମ

# ୩ ଜଣଙ୍କୁ ଆଜୀବନ

ବାରିପଦା, ୭।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଓ ଦୌରାଜଜ୍ କୋର୍ଟରେ ଆଜି ଏକ ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ବିଚାରପତି ସୁଦୀପ୍ତ ଆଚାର୍ଯ୍ୟ ୩ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅନାଦେୟ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦୋଷୀମାନେ ହେଲେ, ବଡ଼ସାହି ଥାନା ଅନ୍ତର୍ଗତ ଶିଆଳିଘାଟି ଗ୍ରାମର କାହ୍ନୁ ମାର୍ଣ୍ଡି, ହୃଦାନନ୍ଦ ନାଏକ ଏବଂ ସୋଲେ ହାଁସଦା। ୨ଜଣ ପ୍ରତ୍ୟକ୍ଷଦର୍ଶୀ, ୧୬ଜଣ ସାକ୍ଷୀ, ୩୮ଟି କାଗଜପତ୍ର, ବୟାନ, ତଦନ୍ତ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି। ୨୦୧୮ ମସିହାରେ ଏମାନେ ଜଣେ ମାନସିକ ଦିବ୍ୟାଙ୍ଗ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଛତିଶଗଡ଼ ବିଳାସପୁର ଅଞ୍ଚଳର ଜଣେ ମାନସିକ ଦିବ୍ୟାଙ୍ଗ ମହିଳା ଶିଆଳିଘାଟି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରହୁଥିଲେ। ୨୦୧୮ ମସିହାରେ ଅଭିଯୁକ୍ତମାନେ ତାଙ୍କୁ ଏକୁଟିଆ ପାଇ ଗଣଦୁଷ୍କର୍ମ କରିଥିଲେ। ସେହି ସମୟରେ ଗ୍ରାମର ଦୁଇଜଣ ପିଲା ଟ୍ୟୁସନ୍‌ରୁ ଫେରୁଥିବା ବେଳେ ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଗ୍ରାମର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଆସି ମହିଳାଙ୍କୁ ଉଦ୍ଧାର କରିବା ସହ ପୁଲିସକୁ ଖବର ଦେଇଥିଲେ। ଘଟଣାର ପରଦିନ ପୁଲିସ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାକୁ ସରକାରୀ ପିପି ସସ୍ମିତା ମହାପାତ୍ର ପରିଚାଳନା କରୁଥିଲେ।

# ଆସ୍ଥା ହରାଉଛି ପୁଲିସ ବ୍ୟବସ୍ଥା

## ନ୍ୟାୟ ନ ପାଇ ଜଣଙ୍କ ପରେ ଜଣେ ଛାତ୍ରୀଙ୍କ ଆତ୍ମାହୁତି

ଭୁବନେଶ୍ୱର,୭।୮ (ସମିସ): ଲୋକଙ୍କୁ ନ୍ୟାୟ ଦେବାରେ ଓଡ଼ିଶା ପୁଲିସ ବିଫଳ ହୋଇଛି। ସାଧାରଣ ଲୋକଙ୍କ ଭରସା ପୁଲିସ ଉପରୁ ତୁଟି ଯାଉଛି । ରାଜ୍ୟରେ ଘଟୁଥିବା ଗୋଟିକ ପରେ ଗୋଟିଏ ଅଘଟଣରେ ପୁଲିସର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବାଲେଶ୍ୱର, ବଲାଙ୍ଗୀ ଏବଂ ପଟ୍ଟାମୁଣ୍ଡାଇ ଘଟଣାରେ ପୁଲିସର ଭୂମିକା ସାଧାରଣ ଲୋକଙ୍କ ପାଇଁ ଅବୁଝା ହୋଇରହିଛି। ଜଣକ ପରେ ଜଣେ ଛାତ୍ରୀ ନିଆଁରେ ଜଳିବା ଘଟଣା ପୁଲିସକୁ ସାଧାରଣରେ ନିନ୍ଦିତ କରିଛି। ଯୁବତୀ, ଛାତ୍ରୀ ବା ମହିଳା ନ୍ୟାୟ ପାଉ ନ ଥିବାବେଳେ ଅଭିଯୋଗ କରିବାକୁ ଯାଉଥିବା ଲୋକ ମଧ୍ୟ ଥାନାରେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ପୁଲିସ ନାମରେ ଅନେକ ଅଭିଯୋଗ ଆସୁଥିଲେ ହେଁ ବିଭାଗର ମାନବାଧିକାର ସୁରକ୍ଷାପ୍ରକୋଷ୍ଠ କୋମାରେ ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗାଁରେ ଜଣେ ଯୁକ୍ତ ତିନି ଶେଷବର୍ଷର ଛାତ୍ରୀ ନିଜ ଘରେ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ମୃତ ଛାତ୍ରୀଙ୍କ ପିତା ଘଟଣାକୁ ନେଇ ସିଧାସିଧା ପୁଲିସ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଛାତ୍ରୀଙ୍କ ପ୍ରେମିକ ତାଙ୍କୁ ଅଶ୍ଳୀଳ ଭିଡିଓ ଓ ଫଟୋ ରଖି ବ୍ଲାକମେଲ୍ କରୁଥିଲେ ଓ ସେ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ; କିନ୍ତୁ ୬ମାସ ଧରି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା ଓଲଟା ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ବ୍ଲକ କରି ଦେବାକୁ ପରାମର୍ଶ ଦେଇଥିଲା। ପୁଲିସ ସମ୍ପୃକ୍ତ ଯୁବକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ ହୁଏତ ତାଙ୍କ ଝିଅ ଆତ୍ମଦାହ କରି ନ ଥାନ୍ତା ବୋଲି ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଓ ପୁଲିସର ଭୂମିକା ସଂକ୍ରାନ୍ତରେ ଏକ ଗମ୍ଭୀର ଛବି ଉପସ୍ଥାପନ କରିଛି।

### ■ ଅଭିଯୋଗ କରିବାକୁ ଯାଉଥିବା ବ୍ୟକ୍ତିଙ୍କୁ ମିଳୁଛି ନିର୍ଯାତନା
### ■ ପୁଲିସ ବିଭାଗର ମାନବାଧିକାର ସୁରକ୍ଷା ସେଲକୁ ଗହନ ନିଦ

ରାଜ୍ୟର ତିନି ଥାନାରୁ ଆସିଥିବା ତିନୋଟି ଦୃଶ୍ୟ ପୁଲିସର ଅମାନବିକତାକୁ ପଦାରେ ପକାଇଛି। ଯାଜପୁର ବାଲିଚନ୍ଦ୍ରପୁର ଥାନାରେ ରବୀନ୍ଦ୍ର ମଲ୍ଲିକ ନାମକ ଯୁବକଙ୍କୁ ଥାନା ଅଧିକାରୀ ନିସ୍ତୁକ ମାଡ଼ ମାରି ଆହତ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଯୁବକ ଜଣଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଜଗତସିଂହପୁର ବିରିଡ଼ି ଥାନା ଅଧିକାରୀଙ୍କ ନାଁରେ ମଧ୍ୟ ସମାନ ଅଭିଯୋଗ ସାମ୍ନାକୁ ଆସିଛି। ଏକ ଗୋଷ୍ଠୀ କନ୍ଦଳ ମାମଲାରେ ପୁଲିସ ପାର୍ଥସାରଥୀ ଦାସ ନାମକ ଯୁବକଙ୍କୁ ଉଠାଇ ନେଇ ଥାନା ଭିତରେ ଅମାନୁଷିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି । ଜୁଲାଇ ୨୫ ତାରିଖର ଏହି ଘଟଣା ଏବେ ମାନବାଧିକାର କମିସନଙ୍କ ନିକଟରେ ପହଞ୍ଚିଛି ଓ ଥାନା ଅଧିକାରୀଙ୍କୁ ନୋଟିସ ଜାରି ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନାରେ ପୁଲିସ ତ ସୀମା ଟପିଛି। ଜଣଙ୍କ ନାଁରେ ୱାରେଣ୍ଟ ଥିବା ବେଳେ ତାଙ୍କ ବଦଳରେ ଜଣେ ପ୍ରଧାନ ଶିକ୍ଷକଙ୍କୁ ନେଇ ଅପରାଧୀ ଭଳି ବ୍ୟବହାର କରିଛି ପୁଲିସ। ଥାନାରେ ୩ ଘଣ୍ଟା ଅଟକ ରଖିବା ପରେ ଭୁଲ ଜାଣି ମାଗି ଛାଡ଼ିଛି।

ଲୋକଙ୍କୁ ସୁରକ୍ଷା ପ୍ରଦାନ ସହ ନ୍ୟାୟ ପ୍ରଦାନ ଦାୟିତ୍ୱ ପୁଲିସ ଉପରେ ନ୍ୟସ୍ତ। ମାତ୍ର ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପରିବର୍ତ୍ତେ ଏଭଳି ବ୍ୟବହାର ପୁଲିସର ଛବିକୁ ଖରାପ କରୁଛି। ପୁଲିସର ଅପାରଗତା ଓ ଦାୟିତ୍ୱହୀନତା ଯୋଗୁ ସରକାରଙ୍କୁ ଅପବାଦ ମୁଣ୍ଡାଇବାକୁ ପଡ଼ିଥିଲେ ମଧ୍ୟ ବିଗତ ବର୍ଷକ ମଧ୍ୟରେ ଆଇନଶୃଙ୍ଖଳା ସହ ଜଡ଼ିତ କୌଣସି ବି ଘଟଣାରେ ପୁଲିସକୁ ଉତ୍ତରଦାୟୀ କରିବା ତ ଦୂରର କଥା ସାମାନ୍ୟ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହୋଇପାରିନାହାନ୍ତି।

## ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ତଦନ୍ତରୁ ଅନ୍ତର ହେଲେ ଆଇଜି ସାଇନି

# ଶାସକ ଦଳକୁ ସମ୍ପୃକ୍ତି ଧରାପଡ଼ିବା ଭୟ: ବିଜେଡି

ଭୁବନେଶ୍ୱର,୭।୮ (ସମିସ): ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ଦାୟିତ୍ୱରେ ଥିବା ଆଇଜି ଏସ୍. ସାଇନି ହଠାତ୍ ଛୁଟିରେ ଯିବା ଓ ତାଙ୍କ ସ୍ଥାନରେ ଅନ୍ୟ ଏକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ନିଷ୍ପତ୍ତି ସାଧାରଣରେ ସଂଶୟ ସୃଷ୍ଟି କରିଛି। ଏହାଦ୍ୱାରା ତଦନ୍ତ ବାଟବଣା ହେବା ନେଇ ସନ୍ଦେହ ପ୍ରକାଶ କରିଛି ବିଜେଡି। ଏବିଭିପିର ୨ ସଦସ୍ୟଙ୍କୁ ଗିରଫର ୨୪ ଘଣ୍ଟା ମଧ୍ୟରେ ସାଇନି ଦାୟିତ୍ୱରୁ ଅପସରି ଯିବାକୁ ସମଗ୍ର ରାଜ୍ୟବାସୀ



ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏବିଭିପି ଓ ଶାସକ ଦଳର ସମ୍ପୃକ୍ତି ସାର୍ବଜନୀନ ହେବା ଭୟରେ ସରକାରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି ।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ପ୍ରଥମରୁ ବାଲେଶ୍ୱର ପୁଲିସକୁ କ୍ଲିନ୍‌ଚିଟ୍ ଦେଇଥିବା କ୍ରାଇମବ୍ରାଞ୍ଚ ଡିଜି ପରବର୍ତ୍ତୀ ସମୟରେ ଆଇଜି ଏସ୍. ସାଇନିଙ୍କୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନ୍ୟସ୍ତ କରିଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଏବିଭିପିର ସମ୍ପୃକ୍ତି ବାବଦରେ କ୍ରାଇମବ୍ରାଞ୍ଚ ଖୁଲାସା କରିବା ସହ ଏବିଭିପିର ୨ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା । ଏହି ଗିରଫଦାରୀ ପରେ ଏବିଭିପି ଓ ବିଜେପିର କୁତ୍ସିତ ଚେହେରା ପଦାକୁ ଆସିଥିଲା । ଏଥିରେ ଆହୁରି କିଛି ଏବିଭିପି ସଦସ୍ୟ ଓ ବିଜେପିର ନେତାମାନଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଥିଲା । ତଦନ୍ତ ଆଗକୁ ବଢ଼ିଲେ ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ପଦାକୁ ଆସିବାର ଭୟ ଥିବାରୁ ଏସ୍. ସାଇନିଙ୍କୁ ତଦନ୍ତ ପ୍ରକ୍ରିୟାରୁ ଅନ୍ତର କରାଯାଇଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଥିଲେ।

### ୨ ଏବିଭିପି ସଦସ୍ୟଙ୍କ ଗିରଫର ୨୪ ଘଣ୍ଟା ମଧ୍ୟରେ ଛୁଟିରେ ଗଲେ ଆଇଜି

ବିଧାୟକ ଶ୍ରୀ ଦାସ କହିଥିଲେ ଯେ ବିରୋଧୀ ଦଳ ଏବଂ ଗଣମାଧ୍ୟମର ଚାପରେ ଘଟଣାର ୨୨ ଦିନ ପରେ ୨ ଜଣ ଏବିଭିପି କର୍ମକର୍ତ୍ତାଙ୍କୁ ୩ ତାରିଖ ରାତିରେ ଗିରଫ କରାଯାଇଥିଲା। ଏହାର ୨୪ ଘଣ୍ଟା ମଧ୍ୟରେ ଏସ୍. ସାଇନି ଛୁଟିରେ ଯାଇଥିଲେ। ଏହାପରେ ସ୍ପଷ୍ଟ ହୋଇଛି ଯେ ଘଟଣାରେ ବିଜେପିର ବଡ଼ ନେତାଙ୍କ ସମ୍ପୃକ୍ତି ଖୁଲାସା ହେବା ଆଶଙ୍କାରେ ସରକାର ଭୟଭୀତ ହୋଇ ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ତେଣୁ ସୌମ୍ୟାଶ୍ରୀ ମୃତ୍ୟୁ ଭଳି ଗୋଟିଏ ସମ୍ବେଦନଶୀଳ ଘଟଣାରେ ଅଚାନକ ତଦନ୍ତ ଅଧିକାରୀଙ୍କୁ ଛୁଟିରେ ପଠାଇ ତାଙ୍କ ସ୍ଥାନରେ ଅନ୍ୟ ଜଣେ କନିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କେଉଁ ସ୍ୱାର୍ଥରେ କରାଯାଇଛି ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଦାସ କହିଥିଲେ।

# ପରଲୋକରେ ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ



ଖଣ୍ଡପଡ଼ା, ୭।୮ (ସମିସ): ପୂର୍ବତନ ଉପବାଚସ୍ପତି, ପୂର୍ବତନ ମନ୍ତ୍ରୀ ଏବଂ ଖଣ୍ଡପଡ଼ାର ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ (୭୦)ଙ୍କ ପରଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ। ବୁଧବାର ରାତି ପ୍ରାୟ ସାଢ଼େ ୧୨ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ତଥା ରାଣୀ ଦେବକୀ ଦେବୀ କୁମାରୀ, ପୁଅ ଯୁବରାଜ ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଉପସ୍ଥିତ ଥିଲେ।

ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମେତ ବିଭିନ୍ନ ଦଳର ନେତା ଗଭୀର ଶୋକ ପ୍ରକାଶ କରିଛନ୍ତି। ଗୁରୁବାର ସକାଳେ ତାଙ୍କ ପାର୍ଥିବ ଶରୀରକୁ ବିଧାନସଭା ପରିସରକୁ ଅଣାଯାଇଥିବା ବେଳେ ସେଠାରେ ଗାର୍ଡ-ଅଫ୍-ଅନର୍ ଦିଆଯାଇଥିଲା। ପରେ ତାଙ୍କ ପାର୍ଥିବ ଶରୀରକୁ ଅନ୍ତିମ ସଂସ୍କାର ପାଇଁ ଖଣ୍ଡପଡ଼ାକୁ ଅଣାଯାଇଥିଲା। ଫତେଗଡ଼ଠାରୁ ଖଣ୍ଡପଡ଼ା ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ, ବଜାର, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶୁଭେଚ୍ଛୁମାନେ ସ୍ୱର୍ଗତ ମର୍ଦ୍ଦରାଜଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ ସହ ଅନ୍ତିମ ଦର୍ଶନ କରିଥିଲେ।

ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ କୁମାର ମାର୍ଥା, ବରିଷ୍ଠ ବିଜେପି ନେତା ସନ୍ତୋଷ ପ୍ରଧାନ, ରାଘବ ମଲ୍ଲିକ, ମହିଳା ବିଜେପି ନେତ୍ରୀ ଇଂ ଅର୍ଚ୍ଚନା ଦାଶ, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତିଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ, ସାମ୍ବାଦିକ, ହଜାର ହଜାର ସଂଖ୍ୟାରେ ଶୁଭେଚ୍ଛୁ ଖଣ୍ଡପଡ଼ାସ୍ଥିତ ରାଜବାଟୀରେ ଉପସ୍ଥିତ ରହି ସ୍ୱର୍ଗତ ସିଂହ ମର୍ଦ୍ଦରାଜଙ୍କ ଅନ୍ତିମ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ ରାଜ୍ୟର ବିଭିନ୍ନ ରାଜପରିବାରର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଶୁକ୍ରବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ରାଜ ପରିବାର ସୂତ୍ରରୁ ସୂଚନା ମିଳିଛି।

### ଆଜି ହେବ ଶବ ସତ୍କାର

୧୯୫୫ ଜାନୁଆରୀ ୪ରେ ଜନ୍ମିତ ସ୍ୱର୍ଗତ ମର୍ଦ୍ଦରାଜ ୧୯୮୦ରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମଥର ପାଇଁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ୧୯୮୫ ଏବଂ ୧୯୯୫ରେ କଂଗ୍ରେସ ପ୍ରାର୍ଥୀ ଭାବେ ପୁନଃ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୬ରେ ସେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ୪ବର୍ଷ ପାଇଁ ଏହି ପଦବୀରେ ରହିଥିଲେ।

# ରାଉରକେଲାରୁ ବନ୍ଧୁକ କାରବାର ରାକେଟ୍ ଠାବ

ରାଉରକେଲା, ୭।୮ (ସମିସ): ରାଉରକେଲା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଆଜି ଏକ ବନ୍ଧୁକ କାରବାର ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ମାଷ୍ଟରମାଇଣ୍ଡକୁ ଗିରଫ କରିଛି। ସେ ହେଲା, ରାଜେଶ ସାହୁ(୨୫)। ସ୍ଥାନୀୟ ରେଲ୍‌ୱେ କଲୋନୀର ରିମଝିମ ବସ୍ତିରେ ରହୁଥିବା ବେଳେ ତା'ର ପ୍ରକୃତ ଘର ବିହାର ମୁଙ୍ଗେର ଜିଲ୍ଲାର ଆସରଗଂଜ ଥାନା ମାସୁମଗଂଜ ଗାଁରେ ବୋଲି ସୂଚନା ମିଳିଛି। ତା' ପାଖରୁ ପୁଲିସ୍ ୧୦ଟି ଦେଶୀ ବନ୍ଧୁକ ସହ ୫ଟି ୮ ଏମ୍.ଏମ୍ ଓ ଗୋଟିଏ ୭.୬୫ ଏମ୍.ଏମ୍ ଗୁଳି ଓ ୭ଟି ମାଗାଜିନ ଜବତ କରିଛି।




ରାଜେଶ ରାଉରକେଲା ଷ୍ଟେସନ୍ ନିକଟ ଗାନ୍ଧୀରୋଡ୍ ଅଞ୍ଚଳରେ ଏକ ବ୍ୟାଗରେ ମାରଣାସ୍ତ୍ର ଧରି ଗ୍ରାହକ ଅନ୍ୱେଷଣରେ ଥିଲା। ଖବର ପାଇ ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଜୋନାଲ୍ ଡିଏସ୍‌ପି ଅମରେନ୍ଦ୍ର ନାଥ ଷଣ୍ଢଙ୍କ ତତ୍ତ୍ୱାବଧାନରେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବୀଭସ୍ ପ୍ରଧାନ, ସବ୍‌ଇନ୍ସପେକ୍ଟର ସିଦ୍ଧାର୍ଥ ବେହେରା, ସବଇନ୍ସପେକ୍ଟର ସୁବ୍ରତ ପଣ୍ଡା, ଦୀପୁନ ଦଳେଇ ସଦଳବଳେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିଥିଲେ। ତା' ନିକଟରୁ ଉପରୋକ୍ତ ମାରଣାସ୍ତ୍ର ଜବତ କରାଯାଇଥିବା ଗୁରୁବାର ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ରାଜେଶ ଜଣେ ପେସାଦାର ବନ୍ଧୁକ ଚାଲାଣକାରୀ। ସେ ବିହାର, ଝାଡ଼ଖଣ୍ଡ ସମେତ ଅନ୍ୟାନ୍ୟ ରାଜ୍ୟରୁ ଦେଶୀ ବନ୍ଧୁକ ଆଣି ରାଉରକେଲାର ବିଭିନ୍ନ ଅସାମାଜିକ ଯୁବକଙ୍କୁ ବିକ୍ରି କରୁଥିଲା। ଏହି ଦେଶୀ ବନ୍ଧୁକଗୁଡ଼ିକୁ ତାର କ୍ଷମତା ଅନୁସାରେ ୮ ହଜାରରୁ ୧୮ ହଜାର ଟଙ୍କାରେ ବିକ୍ରି କରୁଥିଲା ବୋଲି

### ■ ମାଷ୍ଟରମାଇଣ୍ଡ ଗିରଫ
### ■ ୧୦ ବନ୍ଧୁକ ସହ ୬ ଗୁଳି, ୭ ମାଗାଜିନ ଜବତ

ଏସ୍‌ପି କହିଛନ୍ତି। ଗତ ୨୦୨୫ ଅକ୍ଟୋବର୍‌ରୁ ଏହି ଗ୍ୟାଙ୍ଗ୍ ଉପରେ ପୁଲିସ ନଜର ରଖିବା ସହ ବେଆଇନ ଅସ୍ତ୍ରଶସ୍ତ୍ର ଉପରେ ଚଢ଼ଉ ଜାରି ରଖିଥିଲା। ଆଜି ୧୦ଟି ଚୋରା ପିସ୍ତଲ ଜବତ ହୋଇଥିବା ବେଳେ ଅକ୍ଟୋବରରୁ ଆଜି ପର୍ଯ୍ୟନ୍ତ ମୋଟ ୨୭ଟି ବେଆଇନ ବନ୍ଧୁକ ଜବତ କରାଯାଇଛି। ଏ ବାବଦରେ ୧୩ଟି ମାମଲା ରୁଜୁ ହୋଇଥିବା ବେଳେ ୫୨ ଜଣଙ୍କୁ ପୁଲିସ୍ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି।

## ବଲାଙ୍ଗୀ ନାବାଳିକାଙ୍କୁ ନ୍ୟାୟ, ଅଭିଯୁକ୍ତଙ୍କୁ ଗିରଫ ଦାବି

# ବିଜେଡିର ହରତାଳ, ଜିଲ୍ଲାବାସୀଙ୍କ ପୂର୍ଣ୍ଣ ସମର୍ଥନ

ପୁରୀ,୭।୮ (ସମିସ): ବଲାଙ୍ଗୀ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଅଭିଯୁକ୍ତଙ୍କୁ ଗିରଫ ଦାବି ଏବଂ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ପୁରୀ ଜିଲ୍ଲାରେ ହରତାଳ କରାଯାଇଛି। ଗୁରୁବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପୁରୀ ବନ୍ଦକୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି ଜିଲ୍ଲାବାସୀ। ପୁରୀରୁ ପିପିଲି, ବ୍ରହ୍ମଗିରିରୁ ଅସ୍ତରଙ୍ଗ ଜିଲ୍ଲାର ୧୧ଟି ବ୍ଲକ୍, ଗୋଟିଏ ପୌରସଂସ୍ଥା ଏବଂ ୩ଟି ଏନ୍‌ଏସିରେ ପୁରୀ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ସ୍ୱତଃପ୍ରବୃତ୍ତ ଭାବେ ବ୍ୟବସାୟୀମାନେ ସେମାନଙ୍କ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ କରିଥିବା ବେଳେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିଜେଡି ନେତା ଓ କର୍ମୀ ରାସ୍ତାରେ ବସି ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ।



ରାଜ୍ୟରେ ନାରୀ ଓ ଛାତ୍ରୀ ନିର୍ଯାତନା ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିକଟରେ ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କରିବା, ବଲାଙ୍ଗୀ ନାବାଳିକାକୁ ଜିଅନ୍ତା ଜାଳିଦେବା, କେନ୍ଦ୍ରାପଡ଼ାରେ ପୁଲିସକୁ ନ୍ୟାୟ ପାଇଁ ଗୁହାରି କରି ଜଣେ ଛାତ୍ରୀ ଆତ୍ମଦାହ କରିବା ଏମିତି ଅନେକ ଘଟଣା ନାରୀ ନିର୍ଯାତନାର ଜ୍ୱଳନ୍ତ ଉଦାହରଣ। ଏହି ସମସ୍ତ ଘଟଣାର ନିରପେକ୍ଷ ଓ ଏକ ନ୍ୟାୟିକ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରିଥିଲେ ବିଜେଡି କର୍ମୀ।

ଉଦ୍‌ବେଗର ବିଷୟ ହେଉଛି, ପୁରୀ ଜିଲ୍ଲା ବଲାଙ୍ଗାରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳିବା ଘଟଣା ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିପାରି ନାହିଁ। ଦୀର୍ଘ ୧୫ଦିନ ମୃତ୍ୟୁ ସଂଗ୍ରାମ କରି ପୀଡ଼ିତା ହାରିଯାଇଥିଲେ ହେଁ ତାଙ୍କୁ ନ୍ୟାୟ

### ଗଡ଼ିଲାନି ଗାଡ଼ି, ଖୋଲିଲାନି ବ୍ୟବସାୟିକ ପ୍ରତିଷ୍ଠାନ

ମିଳି ପାରିନାହିଁ। ଏହାର ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇ ନଥିବା ବେଳେ ଦୋଷୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ଓଡ଼ିଶାର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଦୁର୍ବଳ ତଦନ୍ତ ପ୍ରକ୍ରିୟା ଅପରାଧୀମାନଙ୍କୁ ଅଧିକ ଅପରାଧ କରିବା ପାଇଁ ପ୍ରୋତ୍ସାହିତ କରୁଛି ବୋଲି ହରତାଳକାରୀ ନାରାବାଜି ଦେଇଥିଲେ।

ସକାଳ THE SAKALA



■ ଜମି ବିବାଦରୁ ଆକ୍ରମଣ ମାମଲା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦମ୍ପତିଙ୍କ ଧାରଣା

ଦଶରଥପୁର,୭।୮ (ସମିସ): ଜମି ବିବାଦରୁ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦମ୍ପତିଙ୍କ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଘଟଣାକୁ ନେଇ ଦଶରଥପୁର ଥାନାରେ ଅଭିଯୋଗ ହୋଇଥିବା ବେଳେ ନ୍ୟାୟ ପାଇଁ ଦମ୍ପତି ଜିଲ୍ଲା ଏସ୍‌ପି ଯଶ ପ୍ରତାପ ଶ୍ରୀମଲଙ୍କୁ ଭେଟି ଜଣାଇଲେ। ଘଟଣାକୁ ୨୪ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଗିରଫ ନହେବା ଏବଂ ଦମ୍ପତିଙ୍କୁ ଜୀବନରୁ ମାରିଦେବାକୁ ସେ ଧମକ ଦେଉଥିବାରୁ ଭୟରେ ଦମ୍ପତି ଦଶରଥପୁର ଥାନା ସମ୍ମୁଖରେ ଧାରଣାରେ ବସି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ରାଜମିସ୍ତ୍ରୀ କାର୍ଯ୍ୟ କରୁଥିବା ଦଶରଥପୁର ଥାନା ଗୋପାଳପୁର ପଞ୍ଚାୟତ ବିଭୁତିପୁର ଗ୍ରାମର ସୁବାସ ଯେନା ଓ ସେହି ଗ୍ରାମର ମିର୍ଜା ଅମଜାତଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ଥିଲା। ଜୁଲାଇ ୧୭ରେ ସୁବାସ ଗାଁରେ କାମକରୁଥିବା ବେଳେ ମିର୍ଜା ଅମଜାତ ଓ ତାଙ୍କ ୩ ସମ୍ପର୍କୀୟ ମିର୍ଜା ମୋରାଦ, ମିର୍ଜା ସଜାଦ, ମିର୍ଜା ୱାରଜ ମିଳିମିଶି ସୁବାସଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କ ପତ୍ନୀ ସ୍ୱର୍ଣ୍ଣପ୍ରଭାଙ୍କୁ ବି ଆକ୍ରମଣ କରିଥିଲେ। ଉଭୟଙ୍କୁ ଜିଲ୍ଲା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ପରେ ଦଶରଥପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦମ୍ପତି ଆଜି ଆମରଣ ଧାରଣାରେ ବସିଥିଲେ। ଏସଡିପିଓ ପ୍ରଶାନ୍ତ ମାଝୀ ବିଝାସୁଝା କରିବା ପରେ ସେମାନେ ଧାରଣରୁ ଓହରିଥିଲେ। ଏସଡିପିଓ ଶ୍ରୀ ମାଝୀଙ୍କୁ ପଚାରିବାରୁ ଘଟଣାକୁ ନେଇ ଥାନାରେ ୩ଟି ମାମଲା ରୁଜୁ ହେବା ସହିତ ପୁଲିସ ତଦନ୍ତ ଚଳାଇଛି ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।




# ଯାଜପୁରରେ ବବି ଜାରି ରଖିଛନ୍ତି ବିଜୟର ଧାରା

## ବିଜୁ ଜନତା ଦଳ ଦିନକୁ ଦିନ ଅଧିକ ସଂଗଠିତ ଓ ଦୃଢ଼ ହେବାରେ ଲାଗିଛି

ଯାଜପୁର, ୭।୮ (ସମିସ):



ସାରା ରାଜ୍ୟରେ ଗତ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ଭାବେ ବିଜେପି ଓଡ଼ିଶାରେ ସରକାର କଲା। ଯାଜପୁର ଜିଲ୍ଲାର ମୋଟ ୭ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନ ମଧ୍ୟରୁ ୪ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନକୁ ଦଖଲ କରିଥିଲା ବିଜେପି। ଏହା ପରଠାରୁ ରାଜ୍ୟରେ ସରକାର ଆସିବା ପରେ ପୁରା ଯାଜପୁରରେ ବିଜେପି ନିଜର ଦବଦବା ଜାହିର କରିବା ପାଇଁ ଯେତେ ପ୍ରକାର ଉଦ୍ୟମ କରୁଛି ସେଥିରେ କ୍ରମାଗତ ଭାବେ ବିଫଳତା ହାସଲ କରୁଛି। କାରଣ ଜିଲ୍ଲାର ୧୦ଟି ବ୍ଲକ୍ ଏବଂ ଦୁଇଟି ପୌରପାଳିକାରେ ଏବେ ବି ବିଜୁ ଜନତା ଦଳ ଦଖଲରେ ରହିଛି। ସରକାରୀ ଓ ପ୍ରଶାସନର ଚାପ ସତ୍ୱେ ବିଜୁ ଜନତା ଦଳର ସଂଗଠନକୁ କୌଣସି ପ୍ରକାର କ୍ଷତି ହେବାକୁ ଦିଆଯାଇନାହିଁ। ବରଂ ବିଜୁ ଜନତା ଦଳ ଦିନକୁ ଦିନ ଅଧିକ ସଂଗଠିତ ଓ ଦୃଢ଼ ହେବାରେ ଲାଗିଛି। ଯାଜପୁର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଦଳ କ୍ରମଶଃ ଦୃଢ଼ ହେବାରେ ଲାଗିଛି। ପ୍ରତ୍ୟେକ ଦଳୀୟ କାର୍ଯ୍ୟକ୍ରମରେ ବିଜେଡି କର୍ମୀଙ୍କ ସହଭାଗିତା ବଢୁଥିବା ଦେଖିବାକୁ ମିଳିଛି। ପ୍ରତି ରବିବାର ପ୍ରଣବ ନିଜ ବାସଭବନରେ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଛନ୍ତି। ବର୍ତ୍ତମାନ କୌଣସି ସରକାରୀ ପଦପଦବୀରେ ନଥାଇ ମଧ୍ୟ ପ୍ରତ୍ୟେକ ଅଭିଯୋଗ ଶୁଣାଣି ଶିବିରରେ ଶତାଧିକ ଲୋକଙ୍କ ଭିଡ଼ ଜମିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ସାଧାରଣ ନିର୍ବାଚନ ପରେ ଯାଜପୁର ଆରଏମ୍‌ସିର ନିର୍ବାଚନ ହୋଇଥିଲା। ଏଥିରେ ଶାସକ ବିଜେପିକୁ ଚିତ୍‌ପଟାଙ୍ଗ କରି ବିଜୁ ଜନତା ଦଳ ବିଜୟୀ ହୋଇଥିଲା। ଯାହା ଶାସକ ଦଳକୁ ଏକ ଶକ୍ତଚାପୁଡ଼ା ବୋଲି ରାଜନୈତିକ ବିଶେଷଜ୍ଞମାନେ ମତଦିଅନ୍ତି। ସେହିଭଳି ବ୍ୟାସନଗର ପୌରପାଳିକା ପୂର୍ବତନ ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆଙ୍କୁ ସରକାରୀ ଦଳ ଓ କଳ ପ୍ରଭାବିତ କରି ଦଳରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏଥିରେ ଶାସକ ଦଳ ବିଫଳ ହୋଇଥିଲା ଏବଂ ବିଜୁ ଜନତା ଦଳ ପୁନଃର୍ବାର ପୌରାଧ୍ୟକ୍ଷ ଆସନକୁ ଦଖଲ କରିବାକୁ ସକ୍ଷମ ହୋଇଛି। ସେହିପରି ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟ ପାଖରେ ଥିବା ପଣସା ପଞ୍ଚାୟତର ସରପଞ୍ଚ ବିଜେପିର ସମର୍ଥକ ଥିଲେ। କିନ୍ତୁ ସାଧାରଣ ନିର୍ବାଚନ ପରଠାରୁ ତାଙ୍କ କାର୍ଯ୍ୟାକଳାପରେ ଅସନ୍ତୁଷ୍ଟ ୱାର୍ଡସଭ୍ୟମାନେ ବିଜୁ ଜନତା ଦଳର ନେତା ପ୍ରଣବଙ୍କ ନିକଟସ୍ଥ ହେବା ପରେ ଗତକାଲି ସେହି ସରପଞ୍ଚ କୁଳମଣୀ ପରିଡ଼ା ଅନାସ୍ଥାରେ ପରାସ୍ତ ହୋଇଛନ୍ତି। ରାଜ୍ୟରେ ନୂତନ ସରକାର ଆସିବାର ବର୍ଷେ ପରେ ମଧ୍ୟ ବିଜୁ ଜନତା ଦଳ ସଂଗଠନ ଉପରେ କୌଣସି ପ୍ରଭାବ ନ ପକାଇବା ପ୍ରଣବଙ୍କ ଦୃଢ଼ ନେତୃତ୍ୱର ପରାକାଷ୍ଠା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପ୍ରଣବ ଓରଫ ବବି ହିଁ ବିଜୁ ଜନତା ଦଳର ବିଜୟର ଧାରା ଜାରି ରଖିଛନ୍ତି ବୋଲି ଚର୍ଚ୍ଚା ହେଉଛି।

## ଅଗ୍ନିଶମ ବାହିନୀ ପକ୍ଷରୁ ପେଟ୍ରୋଲ ଟାଙ୍କିରେ ମକଡ୍ରିଲ

ମଙ୍ଗଳପୁର,୭।୮ (ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରସ୍ଥ ଲକ୍ଷ୍ମୀ ନାରାୟଣ ଫିଲିଙ୍ଗ ଷ୍ଟେସନରେ ଦଶରଥପୁର ବ୍ଲକ ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନି ନିରାପତ୍ତା ସମ୍ପର୍କରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ପେଟ୍ରୋଲ ଟାଙ୍କିରେ ଯଦି ହଠାତ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟେ ତାହେଲେ ହଠାତ କିପରି ନିଆଁକୁ ଆୟତ୍ତ କରାଯାଇ ପାରିବ ସେନେଇ ଟାଙ୍କିର କର୍ମଚାରୀମାନେ ନିଜର ଆତ୍ମକୌଶଳ ଦେଖାଇ ଥିଲେ। କାର୍ଯ୍ୟକ୍ରମରେ ଦଶରଥପୁର ଅଗ୍ନିଶମ ବାହିନୀ ପକ୍ଷରୁ ଓଆଇସି ପର୍ଶୁରାମ ଜେନା, ଏଲଏଫଏଫ ବିଭୁତି ଭୂଷଣ ନାୟକ, ଏଫଏଫ ଲିଙ୍ଗରାଜ ସାହୁ, ଏଫଏଫ ସୌମ୍ୟରଞ୍ଜନ ମହାନ୍ତି, ଏଫଏଫ ସୌମ୍ୟରଞ୍ଜନ ଭୂୟାଁ, ଏଫଏଫ ରାକେଶ କୁମାର ସାମଲ, ଏଫଏଫ ଜଗନ୍ନାଥ ଦାସ, ଲକ୍ଷ୍ମୀ ନାରାୟଣ ଫିଲିଙ୍ଗ ଷ୍ଟେସନର ପ୍ରୋପାଇଟର ପରେଶ ମଲ୍ଲିକ ଉପସ୍ଥିତ ଥିଲେ।

## ସ୍ତନ୍ୟପାନ ସପ୍ତାହ ପାଳିତ

ଧର୍ମଶାଳା,୭।୮ (ସମିସ): ଜାରକା ଇନର ହୁଇଲ କ୍ଲବ ପକ୍ଷରୁ ସ୍ତନ୍ୟପାନ ସପ୍ତାହ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଇନର ହୁଇଲ କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧୀର କୁମାର ସାହୁ, ସମାଜସେବୀ ମିନତୀ ସାହୁ ଓ ମହିଳା ସ୍ୱାସ୍ଥ୍ୟ ଅଧିକାରିଣୀ ସବିତାରାଣୀ ମହାନ୍ତି ଯୋଗଦେଇ ପିଲା ପାଇଁ ମା' କ୍ଷୀର ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ମାଧୁରୀ ଶତପଥି, ସମ୍ପାଦକ ପ୍ରଭାତ ନଳିନୀ ସ୍ୱାଇଁ, ରଶ୍ମିତା ନାୟକ, ଅର୍ଚ୍ଚନା ସ୍ୱାଇଁ, ଶୁଭଲକ୍ଷ୍ମୀ କର, କଳ୍ପନା ପରିଡା, ଶକୁନ୍ତଳା ମହାନ୍ତି, କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା ଓ ଇନ୍ଦୁପ୍ରଭା ସାମଲ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜାରକା ଇନର ହୁଇଲ କ୍ଲବର ସମସ୍ତ ସଦସ୍ୟା ସମେତ ଧର୍ମଶାଳା ମେଡିକାଲର ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ସେବିକା, ମହିଳା କର୍ମଚାରୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ।

## ବଜ୍ରପାତରେ ୪ ଷଣ୍ଢ ମୃତ

କବାଟବନ୍ଧ,୭।୮ (ସମିସ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଜେନାପୁର (ଷଣ୍ଢପୁର) ଗ୍ରାମରେ ଅପରାହ୍ଣରେ ପ୍ରବଳ ଘଡ଼ଘଡ଼ି ଯୋଗୁଁ ବଜ୍ରପାତରେ ୪ଟି ଷଣ୍ଢଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବର୍ଷା ଏବଂ ପ୍ରବଳ ଘଡ଼ଘଡ଼ି ହେବାରୁ ଷଣ୍ଢପୁର ଗାଁରେ ଏକ ବାଉଁଶ ବଗିଚା ନିକଟରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତରେ ୪ଟି ଷଣ୍ଢଙ୍କର ପ୍ରାଣ ହାନି ହୋଇଥିଲା। ସ୍ଥାନୀୟ ଲୋକେ ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କର ସତ୍କାର ପାଇଁ ଏକ ବିଶେଷ ପ୍ରସ୍ତୁତି କରିଥିଲେ। ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ପୂଜା ପାଠ ଏବଂ ନାମ ସଂକୀର୍ତ୍ତନ ସହିତ ବ୍ରାହ୍ମଣୀ ନଦୀ ପଠାକୁ ନେଇ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ଗ୍ରାମବାସୀମାନଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସାମ୍ବାଦିକଙ୍କ ସହିତ ଜିଲ୍ଲାପାଳଙ୍କ ଆଲୋଚନା

ଯାଜପୁର,୭।୮ (ସମିସ): ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରେସ୍ କ୍ଲବ ଯାଜପୁରର ସଦସ୍ୟମାନେ ନୂତନ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହିତ ଆଲୋଚନା କରିଛନ୍ତି। ବିଶେଷ କରି ପୁରୁଣା ସେତୁରେ ଯାତାୟାତକୁ ସୁଗମ କରିବା, ଶିକ୍ଷାନୁଷ୍ଠାନ ଗୁଡିକରେ ଶିକ୍ଷକ ସମସ୍ୟା ଦୂର କରିବା, ପ୍ରମୁଖ ପର୍ଯ୍ୟଟନସ୍ଥଳୀ କୁସୁମା କରିଡର ସମେତ ସହରର ବିଭିନ୍ନ ରାସ୍ତାରେ ଅନ୍ଧକାରକୁ



ଗମନାଗମନ, ଟ୍ରାଫିକ ସମସ୍ୟା, ସଦର ମହକୁମା ହସ୍ପିଟାଲ ସମେତ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଠାରୁ ଆରମ୍ଭ କେତେକ ପ୍ରମୁଖ ସମସ୍ୟା, ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ, ପାଣିକୋଇଲି ଟ୍ରମା କେୟାରକୁ କାର୍ଯ୍ୟକାରୀ କରାଯିବା, କଳିଙ୍ଗ ନଗର ସ୍ଥିତ ମାନପୁର ଦିତୀୟ ସେତୁ ନିର୍ମାଣ ଶୀଘ୍ର ସାରିବା ସଙ୍ଗେ ସଙ୍ଗେ ଦୂର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଆଲୋକୀକରଣ ବ୍ୟବସ୍ଥା କରିବା ପ୍ରଭୃତି ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀଯୁକ୍ତ କରଙ୍କ ସହିତ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପ୍ରେସ୍ କ୍ଲବର ସଭାପତି ରାଜୀବ ମହାନ୍ତି ଜିଲ୍ଲାପାଳଙ୍କୁ କ୍ଲବ ପକ୍ଷରୁ ସ୍ୱାଗତ କରିବା ସହିତ ଦୀର୍ଘ ୩୩ ବର୍ଷ ପୂର୍ବେ ଏହି ପଞ୍ଜିକୃତ କ୍ଲବଟି ପ୍ରତିଷ୍ଠା ହୋଇଥିବା ନେଇ ସୂଚନା ରଖିବା ସହିତ ଜନସାଧାରଣଙ୍କ ବିଭିନ୍ନ ଦାବି ଓ ସମସ୍ୟାକୁ ପ୍ରଶାସନ ସହିତ ସେତୁ ବନ୍ଧ ପରି ସମନ୍ୱୟ ରକ୍ଷା କରିବ ବୋଲି ପ୍ରେସ କ୍ଲବର ପ୍ରତିଷ୍ଠାତା ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ମହାନ୍ତି ଓ କୈଳାଶ ଚନ୍ଦ୍ର ନାୟକ କହିଥିଲେ। ବରିଷ୍ଠ ସଭ୍ୟ ସମରଜିତ ମହାନ୍ତି, ତପନ କୁମାର ମହାନ୍ତି, ପରମେଶ୍ୱର ବେହୁରିଆ, ଦିଲିପ ଦାସ, ସଞ୍ଜିବ ନାୟକ, ପ୍ରଭାତ ତ୍ରିପାଠୀ, ମହେଶ୍ୱର ସାହୁ, ଅନୀଲ ପଣ୍ଡା, ଶେଖ୍ ମନିରୁଦ୍ଦିନ, ସୁରେନ୍ଦ୍ର ସାମଲ, ଦେବାଶିଷ ସାହୁ, ସମର ବିଜୟ ଶରଣ, ହିମାଂଶୁ ପାଢ଼ୀ, ବିଜୟ ସାହୁ, ମନୋଜ ରଣା, ପ୍ରଦୀପ ବେହୁରିଆ, କୃଷ୍ଣଚନ୍ଦ୍ର ନାୟକ, ଅକ୍ଷୟ ବିଶ୍ୱାଳ, ବିଭୁଦତ୍ତ ପୃଷ୍ଟି, ମାନସ ତ୍ରିପାଠୀ, ସୌମ୍ୟରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କ୍ଲବର ସାଧାରଣ ସମ୍ପାଦକ ଅରୁଣ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ବିକାଶ ପାଇଁ ଜିଲ୍ଲାପାଳ ଶ୍ରୀ କର ସାମ୍ବାଦିକମାନଙ୍କ ସହଯୋଗ କାମନା କରିଥିଲେ।

## ରାଉରକେଲାକୁ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ହେବନି ସ୍ଥାନାନ୍ତର

ଦାନଗଦି, ୭।୮ (ସମିସ): କଳିଙ୍ଗନଗରରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ରାଉରକେଲାକୁ ସ୍ଥାନାନ୍ତର ହେବ ନାହିଁ। ଆଜି ଏ ସଂକ୍ରାନ୍ତରେ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ



ଚରଣ ମାଝୀ ଏବଂ ଯାଜପୁର ସାଂସଦ ଡ଼ଃ ରବିନାରାୟଣ ବେହେରା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାର ସ୍ୱାମିଙ୍କ ସହ ଆଲୋଚନା କରିବା ପରେ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ କିଛିଦିନ ତଳେ ମଧ୍ୟ ଇସ୍ପାତ ମନ୍ତ୍ରୀଙ୍କୁ ଇସ୍ପାତ ପ୍ରତିଷ୍ଠାନ କଳିଙ୍ଗନଗରରୁ ରାଉରକେଲା ସ୍ଥାନାନ୍ତର ନିଷ୍ପତ୍ତିକୁ ବାତିଲ ପାଇଁ ପତ୍ର ଲେଖିଥିଲେ। ଏଥିସହିତ ଏହାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ସେଣ୍ଟର ଅଫ ଏକ୍ସିଲେନ୍ସ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ଭିତ୍ତିଭୂମି ନିର୍ମାଣ ଓ ଅସ୍ଥାୟୀ କ୍ୟାମ୍ପସ୍ ପାଇଁ ଆନୁସଙ୍ଗିକ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ଇସ୍ପାତ ମନ୍ତ୍ରୀ ଏହାକୁ ଗୁରୁତର ସହ ବିଚାର କରି ବିଭାଗୀୟ ଅଧିକାରୀଙ୍କୁ ଇସ୍ପାତ ପ୍ରତିଷ୍ଠାନର ସ୍ଥାନାନ୍ତର ନିଷ୍ପତ୍ତିକୁ ବାତିଲ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନାରେ ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ଦୟା ନିଧନ ପାଣ୍ଡେ ପ୍ରମୁଖ ଭାଗ ନେଇଥିଲେ।

## ଅଚଳ ହୋଇପଡ଼ିଛି ଡାକଘର

ସୁକିନ୍ଦା,୭।୮ (ସମିସ): ସାତ ଦିନ ହେବ ଡାକସେବା ବନ୍ଦ ଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧ତାରିଖ ଠାରୁ ଅଚଳ ହୋଇପଡ଼ିଥିବା ଡାକସେବା କେବେ ପୁନଃ ଚାଲୁହେବ ବିଭାଗୀୟ ଅଧିକାରୀ ମାନେ ମଧ୍ୟ କହିପାରୁନାହାନ୍ତି। ଡାକସେବା କ୍ଷେତ୍ରରେ ନୂତନ ପ୍ରକ୍ରିୟା (ନିୟୁ ଭର୍ସନ) ଆରମ୍ଭ ହେବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଯାହା ଗତ ୪ ତାରିଖରୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେବା କଥା। କିନ୍ତୁ ସାତଦିନ ହୋଇଥିଲେ ମଧ୍ୟ ହୋଇନାହିଁ। ଏପରିକି ସମ୍ପୂର୍ଣ୍ଣ ଡାକସେବା ଅଚଳ ହୋଇପଡିଛି। ଡାକସେବା ଅଚଳ ହେବାରୁ ସରକାରୀ, ଘରୋଇ ଓ ବ୍ୟକ୍ତିଗତ ସମସ୍ତ କାର୍ଯ୍ୟ ଏକ ପ୍ରକାର ବାଧାପ୍ରାପ୍ତ ହୋଇଛି।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ମିଳିବ ଲକର ସୁବିଧା

ବଡଚଣା,୭।୮ (ସମିସ): ଚଣ୍ଡିଖୋଲ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରଶସ୍ତୀକରଣ ଓ ଶାନ୍ତିମଣ୍ଡପଠାରେ ଏଚ୍‌ଡିଏଫ୍‌ସିବ୍ୟାଙ୍କ୍‌ର ନୂତନ ଗୃହ ଉଦ୍‌ଘାଟନ ହୋଇଛି। ବ୍ୟାଙ୍କ ପୂର୍ବରୁ ମିଲିତନଗର ନିକଟସ୍ଥ (ରେଳ ପୋଲ) ପାଖରେ ଥିଲା। ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର୍ କୁମାର କର ଯୋଗଦେଇଥିଲେ। ଏହି ବ୍ୟାଙ୍କରେ ଲକର୍ ବ୍ୟବସ୍ଥା ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜ୍ଞାନ କୌଶଳରେ ଉନ୍ନତମାନର ସେବା ପ୍ରତ୍ୟେକ ଗ୍ରାହକ ପାଇବେ ବୋଲି ଘୋଷଣା କରାଯାଇଥିଲା। ବିଶିଷ୍ଟ ବକ୍ତା ଭାବେ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ସଂଗ୍ରାମ ଅଜିତାଭ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ଦିଲ୍ଲୀପ କୁମାର ଚୌଧୁରୀ, ଶାଖା ପରିଚାଳକ ସନ୍ତୋଷ କୁମାର ନନ୍ଦ, ଅନ୍ୟମାନଙ୍କ ମଧ୍ୟରେ ବ୍ୟକ୍ତିଗତ ବ୍ୟାଙ୍କର୍ ମୋହନ ଚନ୍ଦ୍ର ସାହୁ, ସୁରେନ୍ଦ୍ର କୁମାର ମହାରଣା, ରଶ୍ମିତା ପଣ୍ଡା, କୋଷାଧ୍ୟକ୍ଷ ଅଭିଲାଷ ଦାସ, କର୍ମଚାରୀ ସ୍ମୃତିସ୍ନିଗ୍ଧା ଜେନାମଣି, ସ୍ୱର୍ଣ୍ଣପ୍ରଭା ଖୁଣ୍ଟିଆ, ସୁନିତା ମିଶ୍ର, ସତ୍ୟଜିତ ଦାସ, ଉମର ଫାରୁକ୍ ମହମ୍ମଦ, ମାନସ କୁମାର ବେହେରା, ପ୍ରଦ୍ୟୁମ୍ନ ରାଜ୍, ରେଣୁଲତା ଗିରି, ମନୋରମା ସାହୁ, ସୁମନ୍ତ କୁମାର ନାୟକ, ପ୍ରଦୀପ ସାହୁ ହାଡିବନ୍ଧୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ନୂତନ ଏଟିଏମ୍ ବ୍ୟବସ୍ଥା ଉଦ୍‌ଘାଟନ କରିବା ସହିତ ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମହାଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀ ଗୋଷ୍ଠୀକୁ ଋଣ ଅର୍ଥ ପ୍ରଦାନ କରିବା ସହିତ ଜଣକୁ କାର୍ ଚାବି ପ୍ରଦାନ କରିଥିଲେ।

## ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

ଯାଜପୁର,୭।୮ (ସମିସ): ନିଖିଳ ଓଡ଼ିଶା ୬୬୨ ବର୍ଗ +୨ ଓ +୩ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେବା ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ ୧୯୯୦ ମସିହାରୁ ନିଯୁକ୍ତି ପାଇଥିବା ଓଡ଼ିଶାର ସମସ୍ତ ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀ ଦୀର୍ଘ ୧୮ ବର୍ଷ ପରେ ଅର୍ଥାତ୍ ୨୦୦୮ ମସିହାରେ ଅନୁଦାନଭୁକ୍ତ ହେଲେ। ଅନୁଦାନର ୪୦ ପ୍ରତିଶତ ଦରମା ପାଇଲେ ଓ ୨୦୧୮ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରିଥିଲେ। ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ଏହି ଅଧ୍ୟାପକ ଓ କର୍ମଚାରୀ ପାଉଥିଲେ ସୁଦ୍ଧା ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଅବସର ପରେ ସେମାନଙ୍କର ପରିବାର ଭରଣ ପୋଷଣ କରିବାରେ ସକ୍ଷମ ହୋଇପାରୁନାହାଁନ୍ତି। ସେମାନଙ୍କର ଦାବି ଅବିଳମ୍ବେ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଶତାଧିକ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଆର୍ଥିକ ସହାୟତା

ଧର୍ମଶାଳା,୭।୮ (ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ "ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ" ପକ୍ଷରୁ ଜଣେ ଅସହାୟ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କର ଶୁଦ୍ଧିକ୍ରିୟା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବ୍ଲକ୍ ଅଧୀନ ଅଞ୍ଜିରା ପଞ୍ଚାୟତ ଡଙ୍କୁଣିଆ ଗ୍ରାମର ଶ୍ୟାମ ପାଇକ ଦୀର୍ଘ ଦିନ ଧରି କିଡ଼ନୀ ରୋଗରେ ପୀଡ଼ିତ ଥିଲେ ଏବଂ ଗତ ୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଛି। ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ତାଙ୍କ ବିୟୋଗରେ ପରିବାର ବହୁ ଅଭାବ ଅନାଟନରେ ଦିନ କାଟୁଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ତାଙ୍କ ପତ୍ନୀ ମେଘି ପାଇକ ଅଧିକ ବେସାହାରା ହୋଇ ସୁରକ୍ଷା ମଞ୍ଚ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ସମ୍ପାଦକ ଆଲୋକ ଜେନା ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ମେଘିଙ୍କୁ ଶୁଦ୍ଧିକ୍ରିୟା ନିମନ୍ତେ ସହାୟତା ରାଶି ପ୍ରଦାନ କରିଛନ୍ତି। ମଞ୍ଚ ପକ୍ଷରୁ ବ୍ରଜମୋହନ ବିଶ୍ୱାଳ, ବ୍ରଜକିଶୋର ମହାନ୍ତି, ସିପକ ଜେନା ସାମନ୍ତ, ଜୟନ୍ତ କୁମାର ସ୍ୱାଇଁ, ସବ୍ୟସାଚୀ ପଣ୍ଡା, ବିଶ୍ୱଜିତ ବିଶ୍ୱାଳ, ମୃତ୍ୟୁଞ୍ଜୟ ରଥ ଓ ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପତ୍ନୀ ବିୟୋଗ

ବାଲିଚନ୍ଦ୍ରପୁର,୭।୮ (ସମିସ): ବଡ଼ଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ପଞ୍ଚାୟତ ଅଧୀନ ନାନପୁର ପଟଣା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ପଣ୍ଡାଙ୍କ ବୋହୂ, ପୂର୍ବତନ ସରପଞ୍ଚ, ସମାଜସେବୀ ବୈକୁଣ୍ଠନାଥ ପଣ୍ଡାଙ୍କ ଧର୍ମପତ୍ନୀ ତଥା ପୂର୍ବତନ ସରପଞ୍ଚ ଫନୀନ୍ଦ୍ରନାଥ ପଣ୍ଡାଙ୍କ ଜନ୍ମଦାତ୍ରୀ ମାଆ ଯଶୋଦାମୟୀ ପଣ୍ଡା (୮୬)ଙ୍କ ପରଲୋକ ଘଟିଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଖବର ପାଇ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ବିପିନ ବିହାରୀ ଜେନା, ସମାଜସେବୀ କିରଣ କୁମାର ଶତପଥୀ, ଅଧ୍ୟାପକ ପ୍ରମୋଦ କୁମାର ଦାସ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ମନ୍ମଥ କେଶରୀ ସାହେବରାୟ, ଅଭିମନ୍ୟୁ ବଳ, ବସନ୍ତ କୁମାର ସାମଲ ଓ ତପନ କୁମାର ରାଉତରାୟ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଅମର ଆତ୍ମାର ସଦଗତି କାମନା କରିଥିଲେ। ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଥିବା ବେଳେ ସାନ ପୁଅ ଶୁଭ୍ରଜିତ ମୁଖାଗ୍ନି ଦେଇଥିଲେ।

## ଓପି ଜିନ୍ଦଲଙ୍କ ଜନ୍ମଜୟନ୍ତୀ ଅବସରରେ ସାମାଜିକ ସେବା

ଦାନଗଦୀ,୭।୮ (ସମିସ): ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସଏଲ)ର ପ୍ରତିଷ୍ଠାତା ସ୍ୱର୍ଗତ ଓ ପି ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମାଜ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରକ୍ତଦାନ ଶିବିର, ସ୍ଥାନୀୟ ଡାକ୍ତରଖାନାଗୁଡ଼ିକରେ ରୋଗୀମାନଙ୍କୁ ଫଳ ପ୍ୟାକେଟ ବଣ୍ଟନ ଏବଂ ଲେପ୍ରୋସି କଲୋନୀରେ ଗ୍ରୋସରୀ ପ୍ୟାକେଟ ଯୋଗାଇବା ସହ ଅନାଥାଶ୍ରମ ଓ ଜରାଶ୍ରମରେ ଖାଦ୍ୟ ବଣ୍ଟନ ଅନ୍ତର୍ଭୁକ୍ତ ଥିଲା। ଚଳିତ ବର୍ଷ ମୋଟ ୪୨୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହାସହିତ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଯାଜପୁର ରୋଡ୍ ଏରିଆ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ବଣ୍ଟନ, ବୃଦ୍ଧାଶ୍ରମ (ଶାନ୍ତି ହୋମସ, କନ୍ହେଇପୁର ) ଓ ଅନାଥାଶ୍ରମ ( ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାର ସେଣ୍ଟର, ନୂଆଗାଁ)ରେ ଅନ୍ତେବାସୀଙ୍କୁ ଭୋଜନ ପ୍ରଦାନ କରାଯାଇଥିଲା। ପରେ ବ୍ୟାସନଗର ସ୍ଥିତ, ଗାନ୍ଧିନଗରରେ କୁଷ୍ଠ ରୋଗୀ ପରିବାର ମାନଙ୍କୁ ରାସନ ପ୍ୟାକେଟ ମଧ୍ୟ ବଣ୍ଟନ କରାଯାଇଥିଲା। ସେବା କାର୍ଯ୍ୟରେ ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀ ଓ ପି ଜିନ୍ଦଲଙ୍କ ଜୟନ୍ତୀ ପାଳନ କରି ଆମେ ଗର୍ବିତ ବୋଲି ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର କାରଖାନା ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି।

ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

# ୩ ଶିକ୍ଷକରେ ଚାଲିଛି ୮ଟି ଶ୍ରେଣୀ

ଧର୍ମଶାଳା,୭।୮ (ସମିସ):



ଧର୍ମଶାଳା ବ୍ଲକ ଅଧୀନ ତରଞ୍ଜିଆ ପଞ୍ଚାୟତ ପୋବଲ ୟୁଜିଏମ୍‌ଇ ବିଦ୍ୟାଳୟ ଅନେକ ସମସ୍ୟା ଦେଇ ଗତିକରୁଛି। ପୁରାତନ ବିଦ୍ୟାଳୟଟି ବ୍ଲକରେ ଦିନେ ଶିକ୍ଷାଦାନ ନିମନ୍ତେ ଭଲ ନାମ କରିଥିଲା। ବର୍ତ୍ତମାନ ସେହି ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ଏଠି ୮ଟି ଶ୍ରେଣୀକୁ ମାତ୍ର ୨ଜଣ ଶିକ୍ଷୟିତ୍ରୀ ସହ ଜଣେ ଡେପ୍ଲୋୟଡ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏହି ସ୍କୁଲରେ ୩ଟି ଶ୍ରେଣୀ ଗୃହ ରହିଥିବା ବେଳେ ଗୋଟିଏ ଶ୍ରେଣୀ ଗୃହର ଅଧାରେ ଚାଉଳ ଓ ଅନ୍ୟ ସାମଗ୍ରୀ ରହୁଥିବାରୁ ସେହି ଶ୍ରେଣୀ ଗୃହରେ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଛନ୍ତି। ଅନ୍ୟଦୁଇଟି ଶ୍ରେଣୀ ଗୃହରେ ବାଟିକାରୁ ଆରମ୍ଭ କରି ତୃତୀୟ ଓ ଅନ୍ୟ ଗୋଟିଏ ଶ୍ରେଣୀ ଗୃହରେ ଚତୁର୍ଥରୁ ପଞ୍ଚମ ଯାଏଁ ଛାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଛନ୍ତି। ଫଳରେ ଏଠାରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ନଜରକୁ ଆସିଛି। ଯେଉଁଥି ପାଇଁ ଅଭିଭାବକମାନେ ତାଙ୍କ ପିଲାଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ବିଦ୍ୟାଳୟରୁ ମୁହଁ ଫେରେଇ ନେଉଛନ୍ତି। କେହି କେହି ପିଲାଙ୍କ ଟିସି ନେଇ ଅନ୍ୟତ୍ର ନାମ ଲେଖାଇ ପାଠ ପଢ଼ାଉଛନ୍ତି। ଏଠି ଶିଶୁ ବାଟିକାରୁ ନେଇ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଟି ଶ୍ରେଣୀ ଅଛି। ସରକାରଙ୍କ ଶିକ୍ଷା ନୀତି ଅନୁସାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ସର୍ବନିମ୍ନ ୨ଜଣ ଶିକ୍ଷକଶିକ୍ଷୟିତ୍ରୀ ଏବଂ ୬ଷ୍ଠ, ୭ମ ଓ ୮ମ ପାଇଁ ୩ଜଣ ଏମିତି ସର୍ବନିମ୍ନ ୫ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ରହିବା କଥା। ତା' ସହିତ ଯେହେତୁ ପୋବଲ ବିଦ୍ୟାଳୟଟି ଏକ ମଧ୍ୟ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ତେଣୁ ଏଠାରେ ଜଣେ ପ୍ରଧାନଶିକ୍ଷକ ପଦବୀ ସର୍ବଦା ପୂରଣ ହେବା କଥା। ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ଥିବା ୨ଜଣ ରେଗୁଲାର ଶିକ୍ଷୟିତ୍ରୀ ଏବଂ ଜଣେ ଡେପ୍ଲୋୟଡଙ୍କ ମଧ୍ୟରୁ ଜଣେ ଜଗିଲେ ମଧ୍ୟାହ୍ନ ଭୋଜନ, ଆଉ ଜଣେ କାଗଜପତ୍ର ଓ ଅନଲାଇନ କାମରେ ନିୟୋଜିତ ରହୁଛନ୍ତି। ତେଣୁ ପାଠ ପଢ଼େଇବ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡେପୁଟେସନ ଶିକ୍ଷକ ନିରୁପାୟ ହୋଇ କେବଳ ଚୌକିଦାର ସାଜି ପିଲାଙ୍କୁ ଜଗିଥାନ୍ତି। ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ବିଧାୟକଙ୍କୁ ଭେଟି ତାଙ୍କ ଅନୁମୋଦିତ ଚିଠି ବିଇଓଙ୍କୁ ଗତ ମେ' ମାସରେ ପ୍ରଦାନ କରିଥିଲେ। ଅଦ୍ୟାବଧି ୩ମାସ ପୂରିବାକୁ ବସିଥିବା ବେଳେ ଶିକ୍ଷା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇରହିଛି। ତୁରନ୍ତ ବିଦ୍ୟାଳୟର ସମସ୍ୟା ଉପରେ ବିଚାର କରି ଆବଶ୍ୟକତା ଅନୁସାରେ ଶିକ୍ଷକ ଓ ଶ୍ରେଣୀ ଗୃହ ଉପଲବ୍ଧ କରାଇବାକୁ ଗ୍ରାମବାସୀ ପ୍ରଶାସନ, ଶିକ୍ଷା ବିଭାଗ ଓ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ବିଧାୟକଙ୍କୁ ନିବେଦନ କରିଛନ୍ତି। ଯଦି ଏଥିରେ ଟାଳଟୁଳ ନୀତି ଅବଲମ୍ବନ କରରାଯାଏ, ତେବେ ଗ୍ରାମବାସୀ ଆସନ୍ତା ୨୦ ଅଗଷ୍ଟ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# କଳିଙ୍ଗନଗରରେ କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ



ସୁକିନ୍ଦା,୭।୮ (ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ନର୍ବାଚନ ମଣ୍ଡଳୀର ଆମ୍ବଗାଡିଆ ସ୍ଥିତ ବୀରଭୂମି ଠାରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଜମି, ଜଳ, ଜଙ୍ଗଲରେ ଆଦିବାସୀଙ୍କର ଅଧିକାର ଓ ଜଙ୍ଗଲ ଆଇନ୍ ଅଧିକାର ଉପରେ ଆଲୋକପାତ କରିଥିଲେ। ପ୍ରଦେଶ କଂଗ୍ରେସ ଆଦିବାସୀ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ସଂସଦ ଯଶୋବନ୍ତ ଲାଗୁରି, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ପୂର୍ବତନ ମନ୍ତ୍ରୀ ଶରତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ଜିଲ୍ଲା ଆଦିବାସୀ ସେଲ ସଭାପତି ହିନ୍ଦୁ ଜାମୁଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରବୀନ୍ଦ୍ରନାଥ ଜାରିକା, ନଟି ଆଙ୍ଗରାଇ, ସିନୀ ସଏ, ସ୍ୱର୍ଣ୍ଣଲତା ବାନରା, ଝରଣା ମହାନ୍ତ, ସ୍ୱପ୍ନା ବେହୁରା, ପ୍ରଭାତୀ ବଳ, ରଣଜିତ୍ ରାଜ, ରାଇଚରଣ ମହାନ୍ତି, ମଙ୍ଗଳ ହେମ୍ବ୍ରମଙ୍କ ସମେତ ଅନେକ ଆଦିବାସୀ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# କାରଖାନାରେ ଦୁର୍ଘଟଣା: ଟ୍ରକ ଚାଳକଙ୍କ ମୃତ୍ୟୁ

ଦାନଗଦି, ୭।୮ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳ ଯଖପୁରା ଥାନା ଅଧୀନ ନିୟୁଜନ କାରଖାନାରେ ଗୁରୁବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। କାରଖାନା ପରିସରରେ ବାହାର ରାଜ୍ୟର ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତ ଚାଳକ ଜଣଙ୍କ ହେଲେ ତାମିଲିନାଡୁର କଲାୟା ରସନ(୩୧)। ସେ କାରଖାନାରେ ଏକ ୧୪ ଚକିଆ ଗାଡ଼ିରେ ପାଇପ୍ ଲୋଡ୍ କରୁଥିବା ବେଳେ ଉପରୁ ଏକ ପାଇପ୍ ତାଙ୍କ ମୁଣ୍ଡ ଉପରେ ପଡ଼ିଯାଇଥିଲା। ତୁରନ୍ତ କାରଖାନା କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ପାଇଁ ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରଖାଯାଇଛି।

# ବ୍ରାହ୍ମଣୀ ବ୍ରିଜ ଉପରେ ଦୁର୍ଘଟଣା, ୨ଗୁରୁତର

କବାଟବନ୍ଧ,୭।୮ (ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ ଉପରେ ଦୁର୍ଘଟଣା ଘଟି ୨ ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ଦ୍ୱୟ ହେଲେ ଏହି ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ କନ୍ତପଡ଼ା ଗ୍ରାମର ଅଭିନ୍ନ ମଲିକଙ୍କ ପୁଅ ଦିବ୍ୟ ରଞ୍ଜନ ମଲିକ (ଟୁଲୁ) ଏବଂ ରାଇଛନ୍ଦା ଗ୍ରାମର ବାବୁଲା ମଲିକଙ୍କ ପୁଅ ଟିଟୁ ମଲିକ ବୋଲି ଜଣାପଡିଛି। ଉଭୟେ ଦାନଗଦୀରୁ କାମ ସାରି ଘରକୁ ଫେରୁଥିଲେ। ବ୍ରାହ୍ମଣୀ ବ୍ରିଜ ଉପରେ ରହିଥିବା ଏକ ୧୨ ଚକିଆ ଟ୍ରକ ପଛରେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଲୋକମାନେ ଗୁରୁତର ଆହତଙ୍କୁ ଉଦ୍ଧାର କରି ଘରୋଇ ଆମ୍ବୁଲାନ୍ସ ଯୋଗେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

# ଧାନକ୍ଷେତରେ ଟଳିପଡ଼ିଲେ ଚାଷୀ

ଦଶରଥପୁର, ୭।୮ (ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ବିରୁହାଁ ପଞ୍ଚାୟତ ଭାଁଆରା ଗ୍ରାମରେ ଧାନ ରୋଉଥିବା ବେଳେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣକ ହେଲେ ଭାଁଆରା ଗ୍ରାମର ସଞ୍ଜୟ କୁମାର ଦେବତା (୫୧)। ସଞ୍ଜୟ ଭାଗ ଚାଷ କରି ପରିବାର ଚଳାନ୍ତି। ଖରିଫ ଧାନ ଚାଷ ପାଇଁ ପୂର୍ବାହ୍ନରେ ସେ ଗ୍ରାମ ନିକଟସ୍ଥ ଚାଷ ଜମିରେ ଧାନ ତଳି ରୋଉଥିବା ସମୟରେ ହଠାତ କ୍ଷେତରେ ମୁହଁମାଡ଼ି ଟଳିପଡ଼ିଥିଲେ। ପାଖରେ ଚାଷ କାର୍ଯ୍ୟ କରୁଥିବା କିଛି କୃଷକ ସେଠାରୁ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମରଶରୀର ଗାଁରେ ପହଞ୍ଚିବା କ୍ଷଣି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସଞ୍ଜୟଙ୍କ ପରିବାର କହିଲେ ଘରେ ତାଙ୍କ ପତ୍ନୀ, ନାବାଳକ ପୁଅ ଓ ଝିଅ। ଚାଷ କରି ଯାହା ଉପାର୍ଜନ କରନ୍ତି ସେଥିରେ ଦୁଃଖ କଷ୍ଟରେ ଚଳୁଥିବା ତାଙ୍କ ପରିବାର ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିବାରୁ ତୁରନ୍ତ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ସରପଞ୍ଚ ସୁବାସ ଚନ୍ଦ୍ର ଦେବତା, ସମାଜସେବୀ ହୃଷିକେଶ ଯେନା ଓ ଗ୍ରାମବାସୀ ଦାବି କରିଛନ୍ତି।

# ଶିକ୍ଷକଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ଧର୍ମଶାଳା,୭।୮ (ସମିସ): ଧର୍ମଶାଳା ବ୍ଲକ ଚହଟା ଗ୍ରାମର ଆଦର୍ଶ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଏକଦଶାହରେ ଚହଟା ସ୍ଥିତ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର ସଭାପତିତ୍ୱ କରିଥିଲେ।



ସଭାରେ ଜଳଧର ମହାନ୍ତି, ମାନସ ରଞ୍ଜନ କର, ବସନ୍ତ କୁମାର ପରିଡା, ଗୋଲକ ଚନ୍ଦ୍ର ପଲେଇ, ବେଣୁଧର ନାୟକ, ଭିକାରୀ ଚରଣ ମଲିକ, କେଳୁଚରଣ ନାୟକ, ଶୁଭକାନ୍ତ ନାୟକ, କୃଷ୍ଣ ଚନ୍ଦ୍ର ବେହେରା, ରତ୍ନାକର ନାୟକ, ହିମାଂଶୁ ଭୂଷଣ ସାମଲ, ମାନସ ରଞ୍ଜନ ଜେନା, ସନ୍ତୋଷ ଓଝା ଓ ନାତୁଣୀ ଅଳକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ସେହିପରି ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ସମାଜସେବୀ ମୀନତି ସାହୁ ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି, ଗ୍ରାମବାସୀ ଓ ଆ।।ୟ ସ୍ୱଜନମାନେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରିବାର ପକ୍ଷରୁ ପୁତ୍ର ପ୍ରକାଶ, ପ୍ରଭାତ, ପ୍ରଭାସ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଥାନାରେ ଯୁବକଙ୍କୁ ମାଡ଼ ଘଟଣା

# ଥାନାଧିକାରୀଙ୍କ ସମେତ ୭ଜଣଙ୍କ ବିରୋଧରେ ମାମଲା ରୁଜୁ

ଯାଜପୁର/କୁଦଲ,୭।୮ (ସମିସ):

ବାଲିଚନ୍ଦ୍ରପୁର ଥାନାରେ ଅଭିଯୁକ୍ତ ଯୁବକଙ୍କୁ ବେଆଇନ ଅଟକ ରଖି ନିର୍ଯାତନା ଦେବା ଘଟଣାରେ ୩ଜଣ ପୁଲିସଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଘଟଣାରେ ଥାନା ଅଧିକାରୀଙ୍କ ସମେତ ୭ଜଣ ପୁଲିସଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି ଯୁବକଙ୍କ ପତ୍ନୀ। ସୂଚନାନୁଯାୟୀ, ଗଣ୍ଡଗୋଳ ଘଟଣାରେ ଅଣକା ପଞ୍ଚାୟତ ମହିପୁର ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କୁ ଥାନାରେ ଅଟକ ରଖି ପୁଲିସ ନିସ୍ତୁକ ମାଡ଼ ମାରିଥିଲା। ପୁଲିସର ନିର୍ଯାତନା ସହି ନ ପାରି ରବିନ୍ଦ୍ର ଥାନାରେ ବିଷପିଇ ଗୁରୁତର ହେବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଗୁରୁବାର ତାଙ୍କ ପତ୍ନୀ ଭାନୁ ମଲ୍ଲିକ ବାଲିଚନ୍ଦ୍ରପୁର ଥାନାକୁ ଆସି ଥାନାଧିକାରୀ ସମରଜିତ୍ ନାୟକ ଓ ଏସଆଇ ହରିଶ ସିଂହଙ୍କ ସମେତ ୭ଜଣ ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ସେ ଦର୍ଶାଇଛନ୍ତି ଯେ, ଗତ ୩ ତାରିଖ ସକାଳେ ତାଙ୍କ ସ୍ୱାମୀ ରବୀନ୍ଦ୍ର ଓ ଆଉ ଜଣେ ମହିଳା ନମିତା ମଲ୍ଲିକ ବାଲିଚନ୍ଦ୍ରପୁର ଥାନାକୁ ଏତଲା ଦେବାକୁ ଆସିଥିଲେ। ସକାଳ ୯ ଟା ବେଳେ ଥାନାକୁ ଆସିଥିବା ବେଳେ ତାଙ୍କୁ ଅଟକ ରଖାଯାଇଥିଲା। ସେହିଦିନ ରାତି ସାଢେ ୧୦ଟା ସମୟରେ ଥାନା ଅଧିକାରୀ ସମରଜିତ୍ ନାୟକ, ଏସ୍ଆଇ ହରିଶ ସିଂହଙ୍କ ସମେତ ୭ ଜଣ ରବୀନ୍ଦ୍ରଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ଜୀବନରୁ ମାରିଦେବାକୁ ଧମକ ଦେବା ସହ ବିଷ ବୋତଲ ଦେଇଥିଲେ। ବିଷ ପିଇ ମରିବୁ ନଚେତ ବାଡେଇ ମାରିଦେବୁ ବୋଲି ଧମକ ଦେଇଥିଲେ। ଏଥିରେ ମୋ ସ୍ୱାମୀ ଭୟରେ ବିଷ ପିଇ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ତେବେ ଆମ ପରିବାରକୁ ନ ଜଣାଇ ସେ ମେଡ଼ିକାଲରେ ଚିକିତ୍ସା କରାଇଥିଲେ। ଦୁଇଦିନ ଧରି ଥାନା ସମ୍ମୁଖରେ ବସି ରହିଥିଲେ ମଧ୍ୟ ଘଟଣାକୁ ଲୁଚାଇଥିଲେ ଏବଂ ବିଭିନ୍ନ ବାହାନା କରି ୫ ତାରିଖ ଅପରାହ୍ଣରେ ଆମକୁ କଟକ ବଡ଼ ମେଡ଼ିକାଲକୁ ନେଇ ଯାଇଥିଲେ। ରବୀନ୍ଦ୍ରଙ୍କ ପ୍ରତି ହୋଇଥିବା ନିର୍ଯାତନା ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ କରିବା ସମୟରେ ଭାନୁଙ୍କ ସହ ଅଣକା ପଞ୍ଚାୟତ ଦଳିତ ଓ ଆଦିବାସୀ ସଂଘ ନେତା ଉମାକାନ୍ତ ମଲ୍ଲିକ, ଧନେଶ୍ୱର ଜେନା, କାଳନ୍ଦୀ ମଲ୍ଲିକ, ବିଚିତ୍ରା ନନ୍ଦ ଜେନା ଓ ତାପସ ମଲ୍ଲିକଙ୍କ ସମେତ ବହୁ ଲୋକ ସାମିଲ ହୋଇଥିଲେ। ଏନେଇ ଯାଜପୁର ଏସ୍ପି, ଡିଜି, ଆଇଜି ଓ ମାନବ ଅଧିକାର କମିଶନଙ୍କୁ ଅବଗତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବିଭିନ୍ନ ଦଳିତ ସଂଗଠନ ପକ୍ଷରୁ ଆସନ୍ତା ଆସନ୍ତା ସୋମବାର ଥାନା ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।



# ଧର୍ମଶାଳାରେ ଆଇଶୃଙ୍ଖଳା ବିପର୍ଯ୍ୟସ୍ତ; କଂଗ୍ରେସର ଦାବିପତ୍ର



ଧର୍ମଶାଳା,୭।୮ (ସମିସ): ଧର୍ମଶାଳାରେ ଆଇଶୃଙ୍ଖଳା ବିପର୍ଯ୍ୟସ୍ତ ଓ କ୍ରସର କର୍ମଚାରୀ ଅର୍ଜିତ ଜେନାଙ୍କ ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରୁନଥିବାରୁ ଗୁରୁବାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଜାରକାରେ ରହୁଥିବା ଅମୂଲ୍ୟ ଜେନାଙ୍କ ପୁଅ ଅର୍ଜିତ ଜେନା କ୍ରସରରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଟଙ୍କା ହେରଫେର ହୋଇଥିବା ଅଭିଯୋଗ ଆଣି ଅର୍ଜିତକୁ କୋଠରୀରେ ଅଟକ ରଖି ୪ଜଣ ମାଡ଼ମାରିଥିଲେ। ଫଳରେ ସେ ଗୁରୁତର ହେବାରୁ ପରିବାର ଲୋକେ କଟକ ମେଡିକାଲରେ ଚିକିତ୍ସା କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମେ' ୧ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା ଘଟଣାରେ ସଂପୃକ୍ତ ୪ ଜଣଙ୍କ ମଧ୍ୟରୁ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜ୍ଞାନରଞ୍ଜନ ମହାପାତ୍ରକୁ ପୁଲିସ ଅଦ୍ୟାବଧି ଗିରଫ କରୁନାହିଁ। ଅର୍ଜିତ ପରିବାର ଗୋଟେ ପୁଅକୁ ହରାଇ ଦୁଃଖରେ ଦିନ କାଟୁଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ ନକରି ହାତବାନ୍ଧି ବସିରହିଛି। ପୁଲିସର ନିଷ୍କ୍ରିୟତାକୁ ବିରୋଧ କରି ଆଜି ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟ ଅଭିଯୁକ୍ତକୁ ୭ଦିନ ମଧ୍ୟରେ ଗିରଫ କରିବାକୁ ଦାବି କରିଛି। ନଚେତ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସେହିପରି ଧର୍ମଶାଳାରେ ଆଇଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅଭିଯୋଗ କରିଛି କଂଗ୍ରେସ। ଏଥିରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ପୂର୍ଣ୍ଣଚନ୍ଦ୍ର ତରେଇ, ଲକ୍ଷ୍ମୀଧର ନାୟକ, ନରୋତ୍ତମ ନାୟକ, ନକୁଳ ଜେନା, ଯୁବନେତା ସଞ୍ଜୟ କୁମାର ରାଉତ, ଦୀପକ ବଳ, ମିହିର ଖୁଣ୍ଟିଆ, ଉଗ୍ରସେନ ମହାନ୍ତି, ଗଗନ ବିହାରୀ ରାଉତ, ମକରଧ୍ୱଜ ରାଉତ, କେଶବ ଚନ୍ଦ୍ର ମଲିକ, ପ୍ରମୋଦ କୁମାର ମହାନ୍ତି, ଉମାକାନ୍ତ ସାମଲ, ସୁଦାମ ରାଉତ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ

ପାଣିକୋଇଲି, ୭।୮ (ସମିସ): ପାଣିକୋଇଲି ଥାନା ଅଦୀନ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ପୂର୍ତ୍ତ କାର୍ଯ୍ୟାଳୟ ସମ୍ମୁଖରେ ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପ୍ରକାଶଯେ ବୁଧବାର ରାତି ୧୦ଟା ସମୟରେ ଜଣେ ବ୍ୟକ୍ତି ଚାଲି ଚାଲି ଜାତୀୟ ରାଜପଥ ପାର ହେଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ବ୍ୟକ୍ତି ଜଣଙ୍କ ଗୁରୁତର ଥିବାରୁ ତାର ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳେ ପୁଲିସ ପହଞ୍ଚି ତାକୁ ଉଦ୍ଧାର କରି ୧୧୨ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମାମଲା ରୁଜୁ କରି ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇଛି। ଯେହେତୁ ମୃତକଙ୍କ ପରିଚୟ ମିଳିନି ଶବକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ଯଦି କେହି ଉକ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ଜାଣିଥାନ୍ତି ପାଣିକୋଇଲି ଥାନାକୁ ଜଣାଇବାକୁ ପୁଲିସ ପକ୍ଷରୁ କୁହାଯାଇଛି।

# ଉଦୟଗିରି ବୁଦ୍ଧ ବାଟିକାରେ ବକୁଳ ଚାରାରୋପଣ

ବାଲିଚନ୍ଦ୍ରପୁର,୭।୮ (ସମିସ): ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ପାହାଡ଼ ପାଦଦେଶର ଗୋପାଳପୁରଠାରେ ନିର୍ମାଣ ହେଉଥିବା ବୁଦ୍ଧ ବାଟିକା ସଂଲଗ୍ନ ଉପବନରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଚାରାରୋପଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ବଡ଼ଚଣା ବିଧାୟକ ଅମର କୁମାର ନାୟକ। ଉଦୟଗିରି ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ରଠାରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପବନରେ ୫୦ଟି ବକୁଳ ଚାରାରୋପଣ କରାଯାଇଥିଲା। ମହୋତ୍ସବ ସମିତିର ଅଧ୍ୟକ୍ଷା ଡଃ ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ନାୟକ କହିଥିଲେ ଯେ ଶାନ୍ତି ଓ ସହଂତି ପାଇଁ ଉଦୟଗିରି ମାଟିରୁ ସମଗ୍ର ବିଶ୍ୱକୁ ମାନବ କଲ୍ୟାଣର ଏକ ସୁନ୍ଦର ବାର୍ତ୍ତା ଯାଇଥିଲା। ବିଶ୍ୱ ଦରବାରରେ ଉଦୟଗିରିର ମନୋରମ ବୌଦ୍ଧ ଐତିହ୍ୟ ଓ କୀର୍ତ୍ତିରାଜିକୁ ପରିଚିତ କରାଇବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ହୀରକ ତ୍ରିଭୁଜ ଅଧୀନ ତିନି ବୌଦ୍ଧପୀଠ ଲଳିତଗିରି ଉଦୟଗିରି ରତ୍ନଗିରିକୁ ଯୋଡ଼ିବା ପାଇଁ ଚାରିଲେନ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମିତିର ଆବାହକ ମହେଶ୍ୱର ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହୋତ୍ସବ ସମିତିର ବରିଷ୍ଠ ସଦସ୍ୟ ଶିକ୍ଷାବିତ ଉମାକାନ୍ତ ବଳ, କିଶୋର ଚନ୍ଦ୍ର ଦାଶ, ଡଃ ଭାଗ୍ୟଧର ସାହୁ, ରାମଚନ୍ଦ୍ର ସାମଲ, ଶୈଳେନ୍ଦ୍ର ନାରାୟଣ ରାୟ, ସରୋଜ ବଳ, ରବୀନ୍ଦ୍ର କୁମାର ଶାନ୍ତି, ଲୋକନାଥ ଜେନା, ଅଜିତ କୁମାର ମହାନ୍ତି, ଡମ୍ବରୁଧର ଜେନାଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଅଞ୍ଚଳବାସୀ ଯୋଗଦେଇଥିଲେ। ଉତ୍ତମ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁଣାଚଳ ପ୍ରଦେଶରୁ ପରିଭ୍ରମଣରେ ଆସିଥିବା ବୌଦ୍ଧଧର୍ମାଶ୍ରିତ ପର୍ଯ୍ୟଟକମାନେ ମଧ୍ୟ ବୁଦ୍ଧ ବନ୍ଦନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



# ହାଇସ୍କୁଲକୁ ଅଭିଭାବକଙ୍କ ପ୍ରବେଶ ଉପରେ କଟକଣା

ମଙ୍ଗଳପୁର,୭।୮ (ସମିସ): ଦଶରଥପୁର ବ୍ଲକର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରତ୍ୟେକ କାର୍ଯ୍ୟ ଦିବସରେ ସକାଳ ୧୦ଟା ଠାରୁ ଦିନ୨ଟା ମଧ୍ୟରେ ବିଦ୍ୟାଳୟ ମଧ୍ୟକୁ କୌଣସି ଅଭିଭାବକ ପ୍ରବେଶ କରିପାରିବେ ନାହିଁ ବୋଲି ପ୍ରଧାନଶିକ୍ଷକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଅଭିଭାବକ ଯାହାକୁ ନେଇ ପ୍ରତିବାଦ କରିଛନ୍ତି। ଗତକିଛି ଦିନ ଧରି ଏହି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ନେଇ ବିବାଦ ଦେଖାଦେଇଥିଲା। ବିଦ୍ୟାଳୟ ପରିସରରେ ଥିବା ବଡ଼ ବଡ଼ ଗଛ ଗୁଡିକୁ କଟାଯିବା, ମଧ୍ୟାହ୍ନଭୋଜନ ଚାଉଳରେ ପୋକ ବାହାରିବା ଘଟଣା ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲ। ଖବର ପରେ ୫ ତାରିଖରେ ମଣ୍ଡଳ ସହ ଶିକ୍ଷାଧିକାରୀଣୀ ସାବିତ୍ରୀ ସେଠି ଘଟଣାର ତଦନ୍ତ କରିବା ପାଇଁ ବିଦ୍ୟାଳୟରେ ପହଞ୍ଚି ଥିଲେ। ଯାହାକୁ ନେଇ ସ୍ଥାନୀୟ ମଙ୍ଗଳପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ତଥା ମଙ୍ଗଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର ଧଳଙ୍କ ସମେତ ସ୍ଥାନୀୟ କିଛି ଅଞ୍ଚଳବାସି ବିଦ୍ୟାଳୟକୁ ଯାଇ ତଦନ୍ତ ଅଧିକାରିଣୀ ଓ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିବା ସହ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଏଭଳି ଘଟଣାକୁ ରୋକିବା ପାଇଁ ପ୍ରଧାନଶିକ୍ଷକ ରଜନୀକାନ୍ତ ବେହେରା ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କ ଅଭିଭାବକ ମାନଙ୍କ ପାଇଁ ଏକ ନୂଆ ନିୟମ ଜାରି କରିଛନ୍ତି। ନିୟମାନୁଯାୟୀ, ପ୍ରତେକ କାର୍ଯ୍ୟ ଦିବସରେ ସକାଳ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଶିକ୍ଷାଦାନ ଓ ଅଫିସ କାର୍ଯ୍ୟରେ ବ୍ୟାହତ ନହେବା ପାଇଁ ବିଦ୍ୟାଳୟ ମଧ୍ୟକୁ କୌଣସି ଅଭିଭାବକ ପ୍ରବେଶ କରିପାରିବେ ନାହିଁ। ତେବେ ଏ ସମ୍ପର୍କରେ ବ୍ଲକ ମଣ୍ଡଳ ଶିକ୍ଷକଧିକାରୀ ଶାନ୍ତନୁ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ସରକାରଙ୍କ ପକ୍ଷରୁ ଏଭଳି କୌଣସି ନିୟମ ନାହିଁ ବୋଲି କହିବା ସହ ପ୍ରଧାନଶିକ୍ଷକ କାହିଁକି ଏଭଳି ନିୟମ କରିଛନ୍ତି ସେ ବିଷୟରେ ସେ କହିପାରିବେ ଓ ଏନେଇ କିଛି ଜାଣିନାହାଁନ୍ତି ବୋଲି କହିଥିଲେ।

# ଜିଲ୍ଲା ମଧ୍ୟରେ ୪ ଏଏସ୍ଆଇଙ୍କ ଅଦଳବଦଳ

ପାଣିକୋଇଲି,୭।୮ (ସମିସ): ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ୪ ଜଣ ଏଏସଆଇ (ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର)ଙ୍କୁ ଜିଲ୍ଲା ମଧ୍ୟରେ ଅଦଳବଦଳ କରାଯାଇଛି। କୁଆଖିଆ ଥାନାର ଏଏସଆଇ ନରେନ କିଶୋର ଦାସଙ୍କୁ ବୈରୀ ଥାନା, ବୈରୀ ଥାନାର ଅକ୍ଷୟ ବେହେରାଙ୍କୁ ବାଲିଚନ୍ଦ୍ରପୁର ଥାନା, ଜିଲ୍ଲା ସଦରମହକୁମାରୁ ଗାୟତ୍ରୀ ରାଉତଙ୍କୁ ଜେନାପୁର ଥାନା, ଦିଲ୍ଲୀପ ସିଂହଙ୍କୁ କୁଆଖିଆ ଥାନାକୁ ବଦଳି କରାଯାଇଛି। ଏନେଇ ଯାଜପୁର ଏସପି ଯସ ପ୍ରତାପ ଶ୍ରୀମଲ ଆଜି ଅର୍ଡର ନମ୍ବର ୧୬୯୦ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

## ଧର୍ମଶାଳାରେ ୬୭ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

# ଭଡ଼ାଘର ଓ ସ୍କୁଲ ବାରଣ୍ଡାରେ ଚାଲିଛି ପାଠପଢ଼ା

କବାଟବନ୍ଧ/ଯାଜପୁର,୭।୮ (ସମିସ):



ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକରେ ନାହିଁ ଆବଶ୍ୟକୀୟ ଅଙ୍ଗନବାଡ଼ି କେନ୍ଦ୍ର। ଫଳରେ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ନିଜସ୍ୱ ଶ୍ରେଣୀ ଗୃହ ନ ଥିବାରୁ ଅନେକ ସ୍ଥାନରେ ସ୍କୁଲ ବାରଣ୍ଡା, କମ୍ୟୁନିଟି ସେଣ୍ଟର, ଭଡ଼ାଘରେ କେନ୍ଦ୍ର ଚାଲୁଥିବା ଧର୍ମଶାଳା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଅସ୍ଥାୟୀ ଭାବେ ଯିଏ ଯେଉଁଠି ଯେମିତି ମଧ୍ୟ ହେଉ ସେଣ୍ଟର ଚଳାଇ କାମ ତୁଲାଇ ଦେଉଛନ୍ତି। ଏମିତିକି ପିଲାଙ୍କ ପାଠପଢିବା ପାଇଁ ଉପଯୁକ୍ତ ପରିବେଶ ନଥାଇ ତଥା ପ୍ରତିକୂଳ ପରିବେଶରେ ତଥା ଖରା, ବର୍ଷା ଶୀତ ଅର୍ଥାତ ବର୍ଷ ସାରା ପିଲାମାନେ ଏହି ଅସୁବିଧା ମଧ୍ୟରେ ପାଠ ପଢୁଛନ୍ତି। ଶୀତ ଖରା ବର୍ଷା ଅର୍ଥାତ ବର୍ଷ ସାରା ଏଭଳି ବାରଣ୍ଡାରେ ଶିକ୍ଷା ଲାଭ କରୁଛନ୍ତି। ବର୍ଷାଦିନେ ବାରଣ୍ଡାରେ ପାଠପଢ଼ିବା ସମୟରେ ବର୍ଷା ହେଲେ ପାଣି ଛିଟାରେ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି ପ୍ରତିକୂଳ ବ୍ୟବସ୍ଥାରେ ଶିଶୁ ଏବଂ ଗର୍ଭବତୀଙ୍କ ପାଇଁ ଆସୁଥିବା ପୁଷ୍ଟିକର ଖାଦ୍ୟ କେମିତି ଏବଂ କେଉଁ ଅବସ୍ଥାରେ ରହୁଛି ତାହା ଏକ ପ୍ରକାର ଆଶ୍ଚର୍ଯ୍ୟ ଲାଗୁଛି। ବ୍ଲକ୍‌ର ୪୫ଟି ପଞ୍ଚାୟତରେ ମୋଟ ୩୨୧ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଗତ ମାର୍ଚ୍ଚ ସୁଦ୍ଧା ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୯୬୯୫ ଜଣ ଶିଶୁ ପଞ୍ଜିକୃତ ହୋଇଛନ୍ତି। ଦୀର୍ଘ ବର୍ଷ ଧରି ଶିଶୁମାନଙ୍କ ପାଠପଢ଼ା ପାଇଁ ଆବଶ୍ୟକୀୟ ସ୍ଥାୟୀ ଶ୍ରେଣୀ ଗୃହ ନ ଥିବାରୁ ଅସ୍ଥାୟୀ ଭାବେ ପାଠପଢ଼ା ଯାଉଥିବା ଜଣାପଡିଛି। ବ୍ଲକରେ ଥିବା ମୋଟ ୩୨୧ଟି ସେଣ୍ଟର ମଧ୍ୟରୁ ୮ଟି କେନ୍ଦ୍ରର ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେହି କେନ୍ଦ୍ରଗୁଡ଼ିକରେ ପାଠପଢ଼ା ହେଉଛି ନା ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ସେଥିମଧ୍ୟରୁ ୨୩୪ଟି କେନ୍ଦ୍ରର ନିଜସ୍ୱ ଗୃହ ରହିଛି। ତଥ୍ୟ ଅନୁସାରେ ୬୭ଟି କେନ୍ଦ୍ରର ଆଦୌ ନିଜସ୍ୱ ଗୃହ ନାହିଁ। ସେହିପରି ୧୩ଟି ଅଙ୍ଗନବାଡ଼ି ଗୃହ ନିର୍ମାଣଧୀନ ରହିଛି। ନିର୍ମାଣଧୀନ ଗୃହ ଦୀର୍ଘ ଦିନହେବ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଗୃହ ନିର୍ମାଣ କରାଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ଅଭିଯୋଗ ହେଉଛି। ବ୍ଲକର ତାଳଜଙ୍ଗ-୧, ମୁକୁନ୍ଦପୁର-୧, ଉଟିମାର, କଦମପାଳ-୨, ବଳଭଦ୍ରପୁର, ଦହିପୁର, ଗୋପାଳପୁର, ଅଣ୍ଟିଆ-୩, ଭେଜିଗୋଠ, ଅଚ୍ୟୁତପୁର-୧, ସ୍ୱାଇଁ ସାହି, ବାଉଁଶଅଣ୍ଟା, ଭଡ଼ଙ୍ଗା, ଆଦି ମୋଟ ୧୩ଟି ଅଙ୍ଗନବାଡ଼ି ଗୃହ ନିର୍ମାଣଧୀନ ରହିଛି। ସେଥିମଧ୍ୟରୁ ମଧୁସୂଦନପୁର ପଞ୍ଚାୟତର ବଳଭଦ୍ରପୁର, ବୃନ୍ଦାଦେଇପୁର ପଞ୍ଚାୟତର ଦହିପୁର, କ୍ଷେତ୍ରପାଳ ପଞ୍ଚାୟତର ଗୋପାଳପୁର, ଆରୁହା ପଞ୍ଚାୟତର ଉଟିମାର ଆଦି ୪ ଗୋଟି ସେଣ୍ଟରର ଛାତ କାମ ସମ୍ପୂର୍ଣ୍ଣ ହୋଇଛି; ମାତ୍ର ପ୍ଲାଷ୍ଟର, ମେଜିଆ, କବାଟ, ଝରକା ଆଦି କାମ ଅନୁଦାନ ଅଭାବରୁ ବାକି ରହିଛି। ସେହିପରି ତାଳଜଙ୍ଗ-୧, କଦମପାଳ-୨, ବାଉଁଶ ଅଣ୍ଟା ଲିଂଣ୍ଟେଲ (ନିମଟାଲ) ଲେବୁଲ ପର୍ଯ୍ୟନ୍ତ କାମ ହୋଇ ଅର୍ଥ ଅଭାବରୁ ପଡ଼ିରହିଛି। ଚକ୍ରଧରପୁର ପଞ୍ଚାୟତର ମୁକୁନ୍ଦପୁର-୧ ସ୍ଲାବ ଲେବୁଲରୁ କାମ ଅଟକିଛି ଏବଂ ଦେଓଦା ପଞ୍ଚାୟତର ସ୍ୱାଇଁ ସାହି ସେଣ୍ଟର ସ୍ଲାବ ଲେବୁଲ କାମ ଚାଲିଥିବା ଜଣାପଡିଛି। କମାଗଡ଼ ପଞ୍ଚାୟତ ଅଣ୍ଟିଆ-୩, ଅଞ୍ଜିରା ପଞ୍ଚାୟତ ଭେଜିଗୋଠ, ଅଭୟପୁର ପଞ୍ଚାୟତର ଅଚ୍ୟୁତପୁର ସେଣ୍ଟର ଛାତ ଲେବୁଲ ହୋଇପଡ଼ିରହିଛି। ହରିଦାସପୁର ପଞ୍ଚାୟତ ଭଡଙ୍ଗା କେନ୍ଦ୍ରର ଛାତକାମ ଚାଲୁ ରହିଥିବା ସୂଚନା ମିଳିଛି। ନୂତନ ଭାବେ ୩୧ଟି ସେଣ୍ଟର ଗୃହକୁ ମଞ୍ଜୁର କରାଯାଇଥିବା ବେଳେ ବାକି ୩୬ଟି ମଞ୍ଜୁରୀ ହୋଇନାହିଁ।

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

TN.TPWODL/TP/O/SITC/2500001039 Date. 07.08.2025

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

2 Year RC for SITC of 2 KVA UPS Along with Other Accessories.

Interested bidders are to submit Tender Participation Fee and Authorization Letter through email on or before 18th August 2025, 18:00Hrs, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head-Contracts & Procurement

# ସମ୍ପାଦକୀୟ



ଆମେ ସଂଯୋଗର ସେତୁ ତୁଳନାରେ ଅଧିକ ବିଭାଜନର କାନ୍ଥ ନିର୍ମାଣ କରିଚାଲିଛୁ।
-ଆଇଜାକ୍ ନିଉଟନ୍

## ସଂସଦରେ 'ସାର୍'

ବିହାରରେ ଆସନ୍ନ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକା ସଂଶୋଧନ ପାଇଁ ଜୁନ୍ ୨୫ ତାରିଖରୁ ଯେଉଁ ସ୍ୱତନ୍ତ୍ର ଅଭିଯାନ(ସ୍ପେଶାଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍-ସାର) ଆରମ୍ଭ ହୋଇଥିଲା ତାହା ଗତ ଜୁଲାଇ ୨୫ ତାରିଖରେ ସମାପ୍ତ ହୋଇଛି। ସଂଶୋଧିତ ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିବା ଜଣାପଡ଼ିଛି। ସମସ୍ତ ନକଲି, ଦ୍ୱୈତ ଓ ଭୂତ ଭୋଟରମାନଙ୍କୁ ବାଦ୍ ଦିଆଯାଇଥିବା ନିର୍ବାଚନ ଆୟୋଗ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି। ଅପରପକ୍ଷରେ ଅନେକ ବୈଧ ଭୋଟର ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲୋଡ଼ା ଯାଇଥିବା ପର୍ଯ୍ୟାପ୍ତ ପ୍ରମାଣପତ୍ର ସୀମିତ ସମୟ ଭିତରେ ଦାଖଲ କରିପାରିନଥିବାରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କୁ ରିପୋର୍ଟ ତଲବ କରିଛନ୍ତି। ପ୍ରସଙ୍ଗର ଜଟିଳତା ଦୃଷ୍ଟିରୁ ଆଗାମୀ ଦିନରେ ଏହା ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

'ସାର'ର ପ୍ରଭାବ ସବୁଠାରୁ ଅଧିକ ଅନୁଭୂତ ହୋଇଛି ଦେଶର ସଂସଦ ଉପରେ। ମୌସୁମୀ ଅଧିବେଶନ ଆରମ୍ଭରୁ 'ସାର'କୁ ନେଇ ଉଭୟ ଗୃହରେ ହଟ୍ଟଗୋଳ ଲାଗି ରହିଥିବା ବେଳେ କେବଳ 'ଅପରେସନ୍ ସିନ୍ଦୂର' ବିତର୍କକୁ ବାଦ୍ ଦେଇ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରିନାହିଁ କି ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ। ବିରୋଧୀ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରୁଥିବା ବେଳେ ସରକାରୀ କଳ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ଅସ୍ୱାଭାବିକ ସ୍ଥିତିରେ କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ବିନା ଆଲୋଚନା ଓ ବିତର୍କରେ ଉପସ୍ଥାପିତ ଓ ପାରିତ ହୋଇଯାଉଛି। ସଂସଦୀୟ ଗଣତନ୍ତ୍ରରେ ଏହା ଏକ ଅବାଞ୍ଛିତ ଅଧ୍ୟାୟ ସୃଷ୍ଟି କରିଛି।

ଆମେ ପୂର୍ବରୁ ମଧ୍ୟ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲୁ ଯେ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ଭୋଟର ତାଲିକା ତ୍ରୁଟିଶୂନ୍ୟ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ପାଇଁ ଯେଉଁ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା ତାହା ଯଥେଷ୍ଟ ନଥିଲା। ବିହାର ଭଳି ଏକ ଅବିକଶିତ ତଥା ଜନବହୁଳ ରାଜ୍ୟରେ ଦୁର୍ଗମ ଅଞ୍ଚଳର ଅପାଠୁଆ ଲୋକମାନେ 'ସାର'ରେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ ବୈଧ ଭୋଟରମାନେ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ହରାଇପାରନ୍ତି ବୋଲି ଆମେ ଆଶଙ୍କା କରିଥିଲୁ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ସେହି ଆଶଙ୍କା କେତେକାଂଶରେ ସତ ହୋଇଥିବା ଅଭିଯୋଗ ଆସୁଛି। ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠରେ ଏହି ମାମଲା ବିଚାରାଧୀନ ଥିବାରୁ ଏବଂ ନିର୍ବାଚନ ଆୟୋଗ ଅଦାଲତରେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖିବାକୁ ଯାଉଥିବାରୁ ଆମେ ନିଜସ୍ୱ ମତ ଦେବା ଅନୁଚିତ ହେବ।

ସମ୍ପ୍ରତି 'ସାର'କୁ ନେଇ ସଂସଦରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଉପରେ କିଛିଟା ଆଲୋଚନା କରିବା। ସଂସଦ ସମ୍ପୂର୍ଣ୍ଣ ରୂପେ ନୀତି ନିର୍ଦ୍ଧାରକଙ୍କ ସ୍ୱାଧିକାର କ୍ଷେତ୍ର ହୋଇଥିବାରୁ ଆମେ ସେମାନଙ୍କୁ ଗୃହ ମଧ୍ୟସ୍ଥ କାର୍ଯ୍ୟଧାରା ଓ ଆଚରଣରେ ଉଚିତ/ଅନୁଚିତର ପାଠ ପଢ଼ାଇବା ଧୃଷ୍ଟତା ହେବ। କିନ୍ତୁ ସେମାନଙ୍କୁ ଯେଉଁ ଭୋଟରମାନେ ସେମାନଙ୍କ ପ୍ରତିନିଧି ଭାବେ ନୀତି ନିର୍ଦ୍ଧାରଣ ପାଇଁ ଭୋଟ ଦେଇ ସଂସଦକୁ ପଠାଇଛନ୍ତି ସେମାନଙ୍କ ପ୍ରତି ବା ସମ୍ପୃକ୍ତି ନିର୍ବାଚନ ମଣ୍ଡଳୀ ପ୍ରତି ଯେ କେତେକ ଉତ୍ତରଦାୟିତ୍ୱ ରହିଛି, ତାହାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ସଂସଦୀୟ କାର୍ଯ୍ୟକ୍ରମ ବ୍ୟାହତ ହେଲେ କିମ୍ବା ଦୀର୍ଘସମୟ ଧରି ଅଚଳ ହେଲେ କିମ୍ବା ବାରମ୍ବାର ହଟ୍ଟଗୋଳ ହେଲେ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ସଚେତନ ନାଗରିକଙ୍କ ମନରେ କେତେକ ବିରୋଧାଭାସ ସୃଷ୍ଟି ହେବା ସ୍ୱାଭାବିକ।

ଜନତାଜନାର୍ଦ୍ଦନଙ୍କ ଦୃଷ୍ଟିକୋଣରୁ ଯେତେଦୂର ମନେ ହୁଏ ବିରୋଧୀ ଦଳର ନ୍ୟାଯ୍ୟ ଦାବିକୁ ଶାସକ ଦଳ ଯଦି ଉଦ୍ଦେଶ୍ୟମୂଳକ ଭାବେ ଏଡ଼ାଇ ଚାଲନ୍ତି ତେବେ ଗୃହରେ ଅଚଳାବସ୍ଥା ସୃଷ୍ଟି ହେବ। ଅପରପକ୍ଷରେ ଯଦି କେବଳ ବିରୋଧ ଆଳରେ ହଟ୍ଟଗୋଳ ସୃଷ୍ଟି ଉଦ୍ୟମ ହୁଏ ତେବେ ସରକାରୀ ଦଳକୁ ଉତ୍ତରଦାୟୀ କରିବାର ସୁଯୋଗ ମଉଳି ଯିବ। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ସରକାରୀ ଦଳରୁ ମିଳିପାରିବ ନାହିଁ। ଆଲୋଚନା ନ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକପାରିତ ହୋଇଯିବ। ସଂସଦ ଅଚଳ ହେଲେ ମଧ୍ୟ ଅମଲାତନ୍ତ୍ରକୁ ଆରାମ କରିବାର ସୁଯୋଗ ମିଳୁଛି ବୋଲି କେତେକ ନୀତିନିର୍ଦ୍ଧାରକଙ୍କ ମତ ମଧ୍ୟ ଗ୍ରହଣଯୋଗ୍ୟ। ଏହାଦ୍ୱାରା ରାଜକୋଷୀୟ ଅପଚୟ ମଧ୍ୟ ଚିନ୍ତାଜନକ।

ବିଧାନପାଳିକା ଅଚଳ ହେଲେ ଶାସକ ଓ ବିରୋଧୀ ତୁଳନାରେ ଗଣତନ୍ତ୍ର ହିଁ ଅଧିକ କ୍ଷତିଗ୍ରସ୍ତ ହୁଏ। ଜଣେ ଜଣେ ଜନପ୍ରତିନିଧି ଲକ୍ଷଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରନ୍ତି। ବିଧାନପାଳିକା ହେଉଛି ଗଣତନ୍ତ୍ରକୁ ସଚଳ ଓ କାର୍ଯ୍ୟକ୍ଷମ କରୁଥିବା ଏକ କ୍ଷେତ୍ର। ଯଦି ତାହା ଅଚଳ ହୋଇଯାଏ ତେବେ ଗଣତାନ୍ତ୍ରିକ ବ୍ୟବସ୍ଥା ହିଁ ଅଚଳ ହୋଇପଡ଼ିବ ବୋଲି ଧରାଯିବ। ବିଧାନପାଳିକାରେ କେହି ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ସମସ୍ତେ ଜନାଦେଶ ବଳରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ଅଞ୍ଚଳକୁ ଦେଶର ଗଣତନ୍ତ୍ର ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଦଳଗତ ଓ ଆଦର୍ଶଗତ ଦୃଷ୍ଟିରୁ ବିରୋଧାଭାସ ଥାଇପାରେ। କିନ୍ତୁ ତାହା ଆକ୍ରୋଶର ରୂପ ନେବା ଗଣତନ୍ତ୍ର ପାଇଁ ହିତକର ନୁହେଁ।

ଏବେ ସଂସଦ ଭିତରେ ଯାହା ଘଟୁଛି ତାହା ସାରାବିଶ୍ୱର ଲୋକ ଦେଖୁଛନ୍ତି। ସାମ୍ବାଦିକମାନେ କିଛି ଗଠନମୂଳକ ଆଲୋଚନାକୁ ଲିପିବଦ୍ଧ କରିବାକୁ ସକାଳୁ ରାତି ଯାଏଁ ଚାହିଁ ବସୁଛନ୍ତି। ଦେଶର ଯୁବପିଢ଼ି ନୀତି ନିର୍ଦ୍ଧାରକମାନଙ୍କଠାରୁ ପ୍ରେରଣାଦାୟୀ ବକ୍ତୃତା, ତର୍କ, ବିତର୍କ ଶୁଣିବା ପାଇଁ ଆଗ୍ରହୀ ହୋଇ ଚାହୁଁଛନ୍ତି। ଏଠାରେ ସଂସଦୀୟ ମନ୍ତ୍ରୀ କିରଣ ରିଜୁଙ୍କ ଏକ ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ - 'ନକାରାତ୍ମକତା ପ୍ରଚାରସର୍ବସ୍ୱ ହୋଇପାରେ ଗଠନମୂଳକ କଦାପି ହୋଇପାରିବ ନାହିଁ।' ଏହା ସମସ୍ତ ନୀତି ନିର୍ଦ୍ଧାରକ ସ୍ମରଣକୁ ଆଣିବା ଉଚିତ।

ଆମେ ଏଠାରେ ଗଣତନ୍ତ୍ରର ଏକ ଦାୟିତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଲ୍ଲେଖ କରିବା ଉଚିତ ମଣୁଛୁ ଯେ ଦେଶର ଯେକୌଣସି ଅଞ୍ଚଳର ଯେଉଁ ସମସ୍ୟା ହେଉ ତାହା ସଂସଦରେ ଗୁରୁତ୍ୱ ପାଇବା ଦରକାର। ଠିକ୍ ସେହି ସମୟରେ 'ସାର' ଭଳି ଏକ ପ୍ରସଙ୍ଗରେ ଅବଶିଷ୍ଟ ଭାରତର ସମସ୍ୟା ଓ ପ୍ରସଙ୍ଗ ଯେ ଉପେକ୍ଷିତ ହେବା କଥା ନୁହେଁ। ଏ ଦିଗରେ ଉଭୟ ପକ୍ଷ ଧ୍ୟାନ ଦେବାକୁ ଆମର ସଂଭ୍ରମ ଅନୁରୋଧ। ●

## ଅଦୃଶ୍ୟ ଲେଖକର କଥା ଓ ବ୍ୟଥା

**ରାକେଶ ପଣ୍ଡା**

ଜଣେ ଲେଖକଙ୍କର ବିଭିନ୍ନ ପ୍ରକାରର ଲେଖା ପଢ଼ି ପାଠକ ଆନନ୍ଦ ଲାଭ କରିଥାଏ। ତା'ର ମନ ଓ ହୃଦୟକୁ ସ୍ପର୍ଶ କରୁଥିବା ଲେଖାଟିକୁ ନିକଟରେ ପାଇ ସେ ସ୍ୱାଭାବିକ ଭାବରେ ଆତ୍ମବିଭୋର ହୋଇପଡ଼େ। ଏଥିସହ ଉକ୍ତ ଲେଖାର ସୃଷ୍ଟି କର୍ତ୍ତା ବା ଲେଖକଟିକୁ ମଧ୍ୟ ସେ ହୃଦୟରୁ ଭଲପାଇ ବସେ। ଅନେକ ଶୁଭେଚ୍ଛା, ଶୁଭକାମନା ଓ ଆଶୀର୍ବାଦ ଅଜାଡ଼ି ଦିଏ। କିନ୍ତୁ ପାଠକର ଅଜାଣତରେ ବେଳେବେଳେ ଏମିତି ଘଟିଥାଏ ଯେ ଉକ୍ତ ଲେଖାଟିର ଲେଖକ ବୋଲାଉ ଥିବା ଅବା ପରିଚୟ ପାଇଥିବା ବ୍ୟକ୍ତି ଜଣଙ୍କ ତା'ର ପ୍ରକୃତ ସ୍ରଷ୍ଟା ହୋଇ ନଥା'ନ୍ତି! ଏହାଛଡ଼ା ଅନେକ ସମୟରେ ବଡ଼ ବଡ଼ ମଞ୍ଚ ଉପରେ ଏବଂ ଜନବହୁଳ ସାଧାରଣସଭାରେ ମଞ୍ଚାସୀନ ପ୍ରତିଷ୍ଠିତ ଅତିଥିବୃନ୍ଦ ସେଠାରେ ଉପସ୍ଥିତ ଜନତାଙ୍କୁ ପ୍ରଦାନ କରୁଥିବା ଭାଷଣ ମଧ୍ୟ ତାଙ୍କର ନିଜର ଲେଖା ବା ସୃଜନ ହୋଇ ନ ଥାଏ। ଯାହାକି ଜଣେ ଅଦୃଶ୍ୟ ତଥା ଅଜ୍ଞାତ ଲେଖକଙ୍କ ଦ୍ୱାରା ରଚନା କରାଯାଇଥାଏ। ଉକ୍ତ ବିଷୟବସ୍ତୁଟି ସାମାନ୍ୟ ବିତର୍କମୂଳକ ହେଲେ ମଧ୍ୟ ଏହା ଏକ ସଂବେଦନଶୀଳ ବାସ୍ତବତାକୁ ବହନ କରିଥାଏ।

ପୂର୍ବକାଳରେ ବିଶିଷ୍ଟ କବି/ଲେଖକମାନେ ପୃଷ୍ଠପୋଷକତା ଓ ଅନୁଗ୍ରହ ପାଇବା ପାଇଁ ନିଜ ରଚନାକୁ ରାଜାମହାରାଜାଙ୍କ ନାମରେ ଭଣିତା କରୁଥିଲେ, ଯାହା ସେମାନଙ୍କ ଗ୍ରନ୍ଥାବଳୀ ବା ସୃଜନକୃତିରେ ଦେଖିବାକୁ ମିଳେ। ଯୋଗୀ ଅରବିନ୍ଦ ମଧ୍ୟ ଯୁବାବସ୍ଥାରେ ଜନୈକ ରାଜାଙ୍କ ପାଇଁ ପ୍ରଚ୍ଛଦପଟ୍ଟ ଭାବେ ଲେଖୁଥିବା କୁହାଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ଏହି ଧାରା ଏବେ ମଧ୍ୟ ଜାରି ରହିଛି। ଦାରିଦ୍ର୍ୟ, ଅଭାବ ଓ ଅନାହାରରେ ଜୀବନ ବିତାଉଥିବା ମା' ଟିଏ ଯେପରି ନିଜର ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ କିମ୍ବା ଚିକିତ୍ସା ପାଇଁ କେଇଟା ଟଙ୍କା ବିନିମୟରେ ନିଜ ଜନ୍ମିତ ସନ୍ତାନକୁ ଜଣେ ଧନୀଲୋକର ହାତକୁ ଟେକି ଦେଇଥାଏ; ଠିକ୍ ସେହିପରି ନିଜର ଲେଖନୀକୁ ନେଇ ଆର୍ଥିକ ଅନଟନ ମଧ୍ୟରେ ବଞ୍ଚୁଥିବା କେତେ ଜଣ ଅଭାବୀ ଲେଖକ ବେଳେବେଳେ ନିଜର ଲେଖକୀୟ କୃତି ତଥା ମାନସ ସନ୍ତାନକୁ କିଛି ଟଙ୍କା ପାଇଁ ସମାଜର ପ୍ରତିଷ୍ଠିତ ଲୋକଙ୍କ ନାମରେ ଉତ୍ସର୍ଗ କରିଦିଅନ୍ତି। ପରବର୍ତ୍ତୀ ସମୟରେ ସେହି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାଁରେ ଉକ୍ତ ଲେଖାଟି ପ୍ରକାଶିତ ହୋଇ ସମାଜରେ ପାଠକୀୟ ଆଦୃତି ସହିତ ଏକ ନୂତନ ପରିଚୟ ଲାଭ କରିଥାଏ। ଲେଖାର ସୃଜନରେ ପରିଶ୍ରମ ଓ ସୃଜନଶୀଳତା ଜଣେ ବ୍ୟକ୍ତିଙ୍କର ଥାଏ, କିନ୍ତୁ ପରିଚୟ ଅନ୍ୟ ଜଣେ ମଣିଷର ହୋଇଥାଏ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଆମେରିକୀୟ ଲେଖକ କେଭିନ୍ ଟ୍ରୁଡୋଙ୍କ ଦ୍ୱାରା ରଚିତ ଏକ କାର୍ଯ୍ୟକ୍ରମ 'ୟୋର ୱିସ ଇଜ ୟୋର କମାଣ୍ଡ'ରେ ସେ ପ୍ରକାଶ କରିଛନ୍ତି ଯେ 'ଅତି ଧନୀ ଲୋକ କିମ୍ବା ଲେଖକମାନେ ବହି ଲେଖନ୍ତି ନାହିଁ। ସେମାନେ ଜାଣନ୍ତି ନାହିଁ ଯେ ସେମାନଙ୍କ ନାମରେ ପ୍ରକାଶ ହୋଇଥିବା ପୁସ୍ତକଗୁଡ଼ିକରେ କ'ଣ ଲେଖା ଅଛି। କାରଣ ସେମାନେ ଅଦୃଶ୍ୟ ଲେଖକ(ଘୋଷ୍ଟ ରାଇଟର)ଙ୍କ ଉପରେ ନିର୍ଭର କରନ୍ତି।

କିଛିଦିନ ତଳେ ଗୋଟିଏ ଅଜଣା ଫୋନ ନମ୍ବରରୁ ଜଣେ ଅଚିହ୍ନା ବ୍ୟକ୍ତି ମୋତେ କଲ୍ କରିଥିଲେ ଏବଂ ନିଜର ପରିଚୟ ଜଣେ ନାମୀ ଲୋକ ଭାବରେ ପ୍ରଦାନ କରି କହିଲେ ଯେ, 'ଆପଣଙ୍କ ଲେଖା ଅତି ଉଚ୍ଚକୋଟୀର। ମୋତେ ପଢ଼ିବାକୁ ଭଲ ଲାଗେ। ଆପଣ ୧୦୦୦ ଶବ୍ଦର ଗୋଟିଏ ନିବନ୍ଧ ମୋ ପାଇଁ ଲେଖିବେ କି? ଲେଖାଟି ମୋ ନାମରେ ରହିବ, ଯେଉଁଥିପାଇଁ ମୁଁ ଆପଣଙ୍କୁ ୨୦୦୦ ଟଙ୍କା ଦେବି। ତା'ସହ ଯଦି କେବେ କୌଣସି ବ୍ୟକ୍ତିଗତ କ୍ଷେତ୍ରରେ କିଛି ସହଯୋଗ ଦରକାର ହୁଏ ତେବେ ତାହା ମଧ୍ୟ ମୁଁ କରିବି। ପ୍ରତିଉତ୍ତରରେ ଧନ୍ୟବାଦ ଜ୍ଞାପନ ସହ ମୁଁ ଉକ୍ତ ବ୍ୟକ୍ତି ଜଣଙ୍କୁ କହିଲି, 'ଲେଖିବା ମୋର ପେସା ନୁହେଁ, ନିଶା। ଜୀବନ ବଞ୍ଚିବାର ଭିନ୍ନ କାରଣ ମଧ୍ୟ। ପ୍ରତିଟି ଲେଖାକୁ ମୁଁ ଅନ୍ତରଆତ୍ମାରୁ ଜନ୍ମ ଦିଏ, ଯାହା କି ମୋର ଗୋଟିଏ ସନ୍ତାନ ସଦୃଶ। ଜଣେ ଜନ୍ମଦାତା କିଛି ଟଙ୍କା ଓ ବ୍ୟକ୍ତିଗତ ସ୍ୱାର୍ଥ ତଥା ଲାଭ ପାଇଁ କ'ଣ କେବେ ନିଜର ସନ୍ତାନକୁ ବିକ୍ରି କରିପାରେ କି? ଯେଉଁ ଭାବନା ଆପଣଙ୍କ ମନକୁ ଆଜି ଗ୍ରାସ କରିଛି ତାହା ଗୋଟିଏ ଲେଖକ ପାଇଁ ବଡ଼ ଅପମାନ ଓ ସମାଜ ପାଇଁ ଅପରାଧ। ଯଦି ଲେଖକୀୟ ଦକ୍ଷତା ଓ ସୃଜନଶୀଳତା ଆପଣଙ୍କ ନାହିଁ, ତେବେ ଲେଖକ ହେବା ନିମନ୍ତେ ଆପଣ କିପରି ଚିନ୍ତା କରୁଛନ୍ତି ଏବଂ କିପରି ଏହାର ବ୍ୟବସାୟୀକରଣ କରୁଛନ୍ତି?' ଏହାପରେ ଉକ୍ତ ବିଷୟକୁ ନେଇ ମୁଁ କିଛି ପ୍ରତିଷ୍ଠିତ ସମୀକ୍ଷକ ଓ ଲେଖକଙ୍କଠାରୁ ଘଟଣା ସମ୍ବନ୍ଧରେ ଆହୁରି ଅଧିକ ଜାଣିବା ନିମନ୍ତେ ପ୍ରୟାସ କଲି। ମୁଁ ଜାଣିପାରିଲି ଯେ ବାସ୍ତବରେ ଜଣେ ଲେଖକର ସୃଜନଶୀଳତା ଓ ଲେଖକୀୟ ସୃଷ୍ଟିର କିଣା-ବିକା ହେଉଛି। ଯେଉଁଥିପାଇଁ, ସମାଜରେ ଏକ ଅଦୃଶ୍ୟ ବଜାର ମଧ୍ୟ କାର୍ଯ୍ୟ କରୁଛି। କିଛିତଥ୍ୟ ଅନୁସାରେ, ଏହି ଧାରା ପ୍ରାୟତଃ ୧୮୦୦ ଦଶକର ଶେଷ ଭାଗରୁ ଚାଲିଆସୁଛି। ଆଜିକାଲି ଏହି ଲେଖକମାନଙ୍କୁ ସାଧାରଣତଃ ଆଜିର ସମାଜର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଯୁକ୍ତି ଦିଅନ୍ତି, ଯେଉଁମାନଙ୍କ ପାଖରେ ନିଜର ପୁସ୍ତକ, ପ୍ରବନ୍ଧ କିମ୍ବା ଭାଷଣ ପ୍ରସ୍ତୁତ କରିବା ପାଇଁ ସମୟ କିମ୍ବା ଦକ୍ଷତାର ଅଭାବ ରହିଥାଏ। ତେବେ ନିଜର ଭାବନାକୁ ଶବ୍ଦରେ ରୂପାନ୍ତରିତ କରିବାର ଯନ୍ତ୍ରଣା, ଉଦ୍ୟମ ଓ ପରିଶ୍ରମକୁ ଜଣେ ଲେଖକ ହିସାବରେ ମୁଁ ଅତି ଗଭୀରତାର ସହ ବୁଝିଥାଏ। ଯେଉଁ ଲେଖକଟି କିଛି ଟଙ୍କା ପାଇଁ ନିଜର ଲେଖାକୁ ବିକ୍ରି କରିଦିଏ, ତା'ର ଅନ୍ତରରେ ସୃଷ୍ଟି ହେଉଥିବା ଉକ୍ତ ବେଦନା ଓ ପରିସ୍ଥିତି କଥା ଚିନ୍ତା କରି ମୋ ଆଖିରୁ ଦୁଇ ଧାର ଲୁହ ଖସି ଆସିଲା। ତେବେ ନୈତିକତା ଆଧାରରେ ଏହି ବିଷୟବସ୍ତୁ ତଥା କାର୍ଯ୍ୟକଳାପ କେତେ ଯଥାର୍ଥ, ତାହା ମୋ ମନର ପ୍ରଶ୍ନଘେର ମଧ୍ୟରେ ଆଲୋଡ଼ନ ସୃଷ୍ଟି କରୁଛି।

ଏହି ପରିପ୍ରେକ୍ଷୀରେ, ଆଜିର ସମୟରେ ଲେଖନୀକୁ ପେସା ଭାବରେ ଗ୍ରହଣ କରିଥିବା ଲେଖକମାନଙ୍କୁ ଯଦି ତାଙ୍କର ସଠିକ ପାରିଶ୍ରମିକ ମିଳିବାର କିଛି ସରକାରୀ ଓ ବେସରକାରୀ ବନ୍ଦୋବସ୍ତ କରାଯା'ନ୍ତା, ତେବେ ଉକ୍ତ ଅଜ୍ଞାତ ଓ ଅଦୃଶ୍ୟ ଲେଖକଟି ପରଦା ପଛର ନାୟକ ଭାବରେ ରହିଯାଇ ନିଜର ପରିଚୟକୁ ସୁପ୍ତ ରଖନ୍ତା ନାହିଁ। ଏକ ସାମାଜିକ ପରିଚୟ ସହ ପାଠକମାନଙ୍କର ଭଲପାଇବାକୁ ସେ ସିଧାସଳଖ ଭାବରେ ଲାଭ କରିପାରନ୍ତା। ଏତଦ୍‌ବ୍ୟତୀତ, ଆଜିର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତି, ଯେଉଁମାନେ କି ଅନ୍ୟର ଲେଖାକୁ ଅର୍ଥ ଓ କ୍ଷମତାରେ କ୍ରୟ କରି ନିଜର ନାମ ସହ ପ୍ରକାଶିତ କରିବାକୁ ରୁଚି ରଖନ୍ତି, ସେମାନେ ନିଜ ମନ, ହୃଦୟ ଓ ଚିନ୍ତାଧାରାକୁ ସାମାନ୍ୟ ବଡ଼ କରି ନିଃସ୍ୱାର୍ଥପର ଭାବରେ ଅଭାବୀ ଲେଖକଟିଏକୁ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଜରୁରୀ। ଲେଖକଟିର କଲମ ଚାଳନାକୁ ସହଯୋଗ ଓ ତ୍ୱରାନ୍ୱିତ କରିବା ପୂର୍ବକ ତା'ର ହାତଲେଖାଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶିତ କରି ଲୋକଲୋଚନକୁ ଆଣିବା ନିମନ୍ତେ ପ୍ରୟାସ କରିବା ଉଚିତ। ଏହା ଏକ ଶିକ୍ଷିତ, ସମନ୍ୱିତ ଓ ସୁସ୍ଥ ସମାଜ ଗଠନ ଦିଗରେ ବଡ଼ କାରକ ସାଜିବ ବୋଲି ଅନୁମାନ କରାଯାଏ। ●

ବନ୍ଦାଲୋ(କଟକ), ମୋ: ୯୩୩୭୮୯୭୬୫୦

## ବ୍ୟବସ୍ଥା ଓ ବିଶ୍ୱାସ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଗତିଶୀଳ ଜୀବନର ଭିଡ଼ ଭିତରେ ଅନେକ ଅପ୍ରତ୍ୟାଶିତ ଘଟଣା ସାଧାରଣ ହେବାରେ ଲାଗିଛି। ଧାର୍ମିକ ସମାବେଶରେ, ଟ୍ରେନ୍ ଚଢ଼ିବା ସମୟରେ, ଆଉ କେତେବେଳେ ଦେବାଳୟରେ। ଏହା ପରିତାପର ବିଷୟ ଯେ ଏହି ଘଟଣାଗୁଡ଼ିକରୁ କୌଣସି ଶିକ୍ଷା ନିଆଯାଉନାହିଁ। ପ୍ରତ୍ୟେକ ଥର ପୁଙ୍ଖାନୁପୁଙ୍ଖ ତଦନ୍ତ, କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ଦାବି କରାଯାଏ। କିନ୍ତୁ ଫଳାଫଳ ଶୂନ୍। ହରିଦ୍ୱାରର ପ୍ରସିଦ୍ଧ ମନସା ଦେବୀ ମନ୍ଦିରରେ ୨୭ ଜୁଲାଇର ଘଟଣା ଦୁଃଖଦ। ଘଟଣାସ୍ଥଳରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ପ୍ରାୟ ୩୦ ଜଣ ଆହତ ହୋଇଥିଲେ। ତା' ପରଦିନ ଉତ୍ତରପ୍ରଦେଶର ବାରବାଙ୍କି ଜିଲ୍ଲାର ଆବାଶନେଶ୍ୱର ମନ୍ଦିରରେ ସମାନ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଲା। ମନେହୁଏ ଦଳାଚକଟାର ଏକ କ୍ରମ ଆରମ୍ଭ ହୋଇଛି ଏବଂ ବ୍ୟବସ୍ଥାଗତ ତ୍ରୁଟି ସଜାଡ଼ି ହୋଇପାରୁନାହିଁ।

ହରିଦ୍ୱାରର ଘଟଣା ପ୍ରଥମ ନଥିଲା। ପୂର୍ବରୁ ୧୯୮୬ କୁମ୍ଭମେଳାରେ ଦଳାଚକଟାରେ ପ୍ରାୟ ୨୦୦ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ ମସିହାରେ ହର କି ପେଢ଼ିରେ ୨୦ ଜଣ, ଶାନ୍ତିକୁଞ୍ଜର ଏକ କାର୍ଯ୍ୟକ୍ରମରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହିତ ୫୦ ଜଣ ଆହତ ହୋଇଥିଲେ। ଏହି ଦୁର୍ଘଟଣାଗୁଡ଼ିକର କାରଣ ପ୍ରାୟ ସମାନ। ମହାକୁମ୍ଭ ପ୍ରୟାଗରାଜର ମୌନୀ ଅମାବାସ୍ୟା ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ମଧ୍ୟରେ ଘଟିଥିବା ଦୁର୍ଘଟଣା ଏବଂ ତା'ପରେ ଟ୍ରେନ ବିଳମ୍ବ, ପ୍ଲାଟଫର୍ମରେ ସଂଖ୍ୟାଧିକ ଲୋକଙ୍କ ଯୋଗୁଁ ଦିଲ୍ଲୀ ରେଳ ଷ୍ଟେସନର ଅପ୍ରୀତିକର ଘଟଣା କୁପରିଚାଳନା ଓ ବିଶୃଙ୍ଖଳାକୁ ଇଙ୍ଗିତ କରେ। ଏହା ପରେ ପରେ ବାଙ୍ଗାଲୋର ଆଇପିଏଲ୍ ବିଜୟ ପାଳନ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଦୁର୍ଘଟଣାରେ ସମସ୍ତେ ସ୍ତବ୍ଧ ହେଲେ। ପୂର୍ବରୁ ୨୦୨୪ ମସିହାରେ ଉତ୍ତର ପ୍ରଦେଶର ହାଥରସରେ ଜଣେ ଆତ୍ମ ଘୋଷିତ ବାବାଙ୍କ ସତସଙ୍ଗରେ ଦଳାଚକଟା ଘଟି ୧୨୧ ରୁ ଅଧିକଙ୍କର ମୃତ୍ୟୁ ହୋଇଥିଲା। ୨୦୨୨ ମସିହାରେ ବୈଷ୍ଣୋ ଦେବୀ ମନ୍ଦିରରେ ନୂତନ ବର୍ଷ ଅବସରରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିଲେ। ୨୦୦୮ ମସିହାରେ ହିମାଚଳ ପ୍ରଦେଶର ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବ ଯୋଗୁଁ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୬୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ପୁରୀ ରଥଯାତ୍ରା ଭିଡରେ ୩ଜଣ ଶ୍ରଦ୍ଧାଳୁ ଜୀବନ ହାରିଲେ। ସେହିପରି ଜାନୁଆରୀ ୨୦୨୫ ରେ ତିରୁପତି ମନ୍ଦିରର ଟୋକନ୍ ବଣ୍ଟନ କେନ୍ଦ୍ରରେ ହଠାତ୍ ଭିଡ଼ ଜମିଗଲା ଏବଂ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୁଅନ୍ତେ ୬ ଜଣ ପ୍ରାଣ ହରାଇଲେ। ପ୍ରଶ୍ନ ଉଠେ ଟୋକନ୍ ବଣ୍ଟନ ଭଳି ଡିଜିଟାଲ୍ ନିୟନ୍ତ୍ରିତ କାର୍ଯ୍ୟରେ ମଧ୍ୟ ଏତେ ବିଶାଳ ଭିଡ଼ କିପରି ହେଲା?

ଏହି ଘଟଣାଗୁଡ଼ିକ କେବଳ ସଂଖ୍ୟା ନୁହେଁ. ବରଂ ବ୍ୟବସ୍ଥାଗତ ବିଫଳତାର ପ୍ରମାଣ। ପ୍ରଶ୍ନ ହେଉଛି ଏପରି କେତେ ଘଟଣା ପରେ ସଚେତନ ହେବା? ମନସା ଦେବୀ ମନ୍ଦିରରେ ଦଳାଚକଟାର କାରଣ ବିଦ୍ୟୁତ୍ କରେଣ୍ଟ ବ୍ୟାପିବା ଗୁଜବ ବୋଲି କୁହାଯାଉଛି। ପ୍ରଶାସନିକ କର୍ମଚାରୀମାନେ ଏପରି ଆଶଙ୍କାକୁ ପୂର୍ବାନୁମାନ କରିବାରେ ଏତେ ଅସମର୍ଥ କାହିଁକି? ଏପରି ଘଟଣା ଦେଶବ୍ୟାପୀ ଧାର୍ମିକ ସ୍ଥଳ ଏବଂ ସାର୍ବଜନୀନ ସମାବେଶରେ ହୋଇଥିବା ମାରାତ୍ମକ ଦଳାଚକଟାର ଆଉ ଏକ ସଂଖ୍ୟା। ମନ୍ଦିର, ରେଳ ଷ୍ଟେସନ ଓ ମହାକୁମ୍ଭ ଭଳି ସ୍ଥାନରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୮୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଉଲ୍ଲେଖନୀୟ ଯେ ମନସା ଦେବୀ ମନ୍ଦିରର ଅଘଟଣ ଗୁଜବରୁ ସୃଷ୍ଟି ହୋଇନଥିଲା ବରଂ ବର୍ଷ ବର୍ଷର ଅସାବଧାନତା ପରିଣାମ।

ଏହାର ଗୋଟିଏ କାରଣ ସରକାର ଓ ଧାର୍ମିକ ସଂଗଠନଗୁଡ଼ିକ ଯେତେ ଅଧିକ ଭିଡ଼ ଏକାଠି କରିପାରିବେ ସେତେ ବଡ଼ ସଫଳତା ସାଉଁଟିବେ। ଭକ୍ତଙ୍କ ସଂଖ୍ୟା ଲକ୍ଷ ଓ କୋଟିରେ ଗଣନା କରାଯାଏ ଏବଂ ଏହା ଅନୁମାନ କରାଯାଏ ଯେ ବିଶ୍ୱାସ ଯେତେ ବ୍ୟାପକ ହେବ ସେତେ ଅଧିକ ମାନ୍ୟତା ମିଳିବ। ପ୍ରଶାସନ ପ୍ରାୟତଃ ଦାବି କରେ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଛି, ସିସି ଟିଭି କ୍ୟାମେରା ଲଗାଛି, ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି, ରୁଟ୍ ପ୍ଲାନ୍ ପ୍ରସ୍ତୁତ। ତେବେ ଏତେ ସବୁ ପରେ ଦୁର୍ଘଟଣା ଘଟି ଅନେକ ମୃତାହତ ହୁଅନ୍ତି କାହିଁକି? ବାସ୍ତବତା ହେଉଛି ଅଧିକାଂଶ ଧାର୍ମିକ କାର୍ଯ୍ୟକ୍ରମରେ ଭିଡ଼ର ସଠିକ୍ ପୂର୍ବାନୁମାନ କରାଯାଏ ନାହିଁ। ଆୟୋଜକମାନେ ଭିଡ଼ ବିଷୟରେ କୌଣସି ବୈଜ୍ଞାନିକ ଆକଳନ କରନ୍ତି ନାହିଁ। କୁମ୍ଭ ମେଳା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ।

ଧାର୍ମିକ କାର୍ଯ୍ୟକ୍ରମ, ବିଶେଷ ଅବସରରେ ଲକ୍ଷ ଲକ୍ଷ ଭକ୍ତ ଏକତ୍ରିତ ହୁଅନ୍ତି। ଭିଡ଼ର ଏକାଗ୍ରତା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରେ। ଯୋଜନାର ଅଭାବ ଯୋଗୁଁ ଏସବୁ ପ୍ରାୟତଃ ଅନିଶ୍ଚିତ ହୋଇଯାଏ। ଏପରିସ୍ଥିତିରେ ଗୁଜବ କିମ୍ବା ଅପ୍ରତ୍ୟାଶିତ ପରିସ୍ଥିତି ଦଳାଚକଟା ଭଳି ଦୁଃଖଦ ଘଟଣା ଘଟାଇଥାଏ। ଗତ ଗୋଟିଏ ବର୍ଷ ମଧ୍ୟରେ ଅନେକ ଦୁର୍ଘଟଣା ପ୍ରମାଣ କରିଛି ଯେ ଆମର ପ୍ରଶାସନିକ ପ୍ରସ୍ତୁତି, ବୈଷୟିକ ବ୍ୟବସ୍ଥା ଅପର୍ଯ୍ୟାପ୍ତ। ପ୍ରକୃତରେ ଅନେକ ଧାର୍ମିକ ସ୍ଥାନରେ ପଥଗୁଡ଼ିକ ବହୁତ ସଂକୀର୍ଣ୍ଣ ଏବଂ ପ୍ରସ୍ଥାନ-ପ୍ରବେଶ ସମାନ ପଥରେ ହୋଇଥାଏ। ଏହା ଅବ୍ୟବସ୍ଥିତ ଭିଡ଼ ସୃଷ୍ଟି କରେ। ପ୍ରଶାସନିକ ସ୍ତରରେ କରାଯାଇଥିବା ଅସମ୍ପୂର୍ଣ୍ଣ ଓ ଯାନ୍ତ୍ରିକ ପ୍ରସ୍ତୁତି ପ୍ରାୟତଃ କାଗଜପତ୍ରରେ ସୀମିତ ରହିଯାଏ।

ଏସବୁ ଏଡ଼ାଇବା ପାଇଁ ଭିଡ଼ ସ୍ଥାନରେ ଏକ ବ୍ୟବହାରିକ ନିୟନ୍ତ୍ରଣ ନୀତି କାର୍ଯ୍ୟକାରୀ କରିବା ଜରୁରୀ। ବାସ୍ତବ-ସମୟ ମନିଟରିଂ ଏବଂ ବୈଷୟିକ ନିରୀକ୍ଷଣ ହେବା ଉଚିତ। ଯେପରି ବିମାନବନ୍ଦର କିମ୍ବା ବଡ଼ ଷ୍ଟାଡିୟମରେ କ୍ୟାମେରା, ସେନ୍ସର ଓ ଏଆଇ ଆଧାରିତ ମନିଟରିଂ ଥାଏ, ଧାର୍ମିକ ସ୍ଥଳରେ ମଧ୍ୟ ସମାନ ବ୍ୟବସ୍ଥା କରାଯିବା ଉଚିତ। ଲୋକଙ୍କ ସଂଖ୍ୟାର ଲାଇଭ୍ ଟ୍ରାକିଂ, ସିସିଟିଭି ବିଶ୍ଳେଷଣ ଏବଂ ଭିଡ଼ର ଗତିବିଧି ଉପରେ ନଜର ରଖି ପରିସ୍ଥିତିକୁ ସମୟ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିବ। ପ୍ରମୁଖ ଧାର୍ମିକ ସ୍ଥଳ ଏବଂ କାର୍ଯ୍ୟକ୍ରମ ପାଇଁ ସର୍ବନିମ୍ନ ମାନଦଣ୍ଡ ସ୍ଥିର କରାଯିବା ଉଚିତ। ଯେପରିକି ପ୍ରବେଶ ଏବଂ ପ୍ରସ୍ଥାନ ପଥ ସଂଖ୍ୟା, ଯୋଗାଯୋଗ ବ୍ୟବସ୍ଥା, ଅଡିଓ-ଭିଡିଓ ସୂଚନା ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଇତ୍ୟାଦି। ଭକ୍ତମାନେ ଭିଡ଼ରେ କିପରି ଚାଲିବେ, କ'ଣ କରିବେ ନାହିଁ, ଗୁଜବ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିବେ ନାହିଁ, କେଉଁ ସଙ୍କେତଗୁଡ଼ିକ ପ୍ରତି ଧ୍ୟାନ ଦେବେ ସେ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଚିତ। ଛୋଟ ଭିଡିଓ, ରେଡିଓ ବାର୍ତ୍ତା, ମନ୍ଦିରରେ ପୋଷ୍ଟର, ସ୍ଥାନୀୟ ଟିଭିରେ ବିଜ୍ଞାପନ, ଏସବୁ ସହାୟକ ହୋଇପାରେ। ଏହାବ୍ୟତୀତ ଆଇନ ପ୍ରଣୟନ ଏବଂ ଦାୟିତ୍ୱର ସୁଚାରୁ ବଣ୍ଟନ ହେବା ଆବଶ୍ୟକ। ସାମଗ୍ରିକ ଭାବରେ ପ୍ରତିଥର ଦୁର୍ଘଟଣା ପରେ ବୟାନ ଆସେ, କ୍ଷତିପୂରଣ ଘୋଷଣା କରାଯାଏ, ତଦନ୍ତ ଆୟୋଗ ଗଠନ ହୁଏ। କିନ୍ତୁ ପୁଣି ସେହି ଅବହେଳାର ପୁନରାବୃତ୍ତି।

ବର୍ତ୍ତମାନ ଏକ ସକ୍ରିୟ ନୀତି ଗ୍ରହଣ କରିବା ସମୟର ଆବଶ୍ୟକତା। ପ୍ରତ୍ୟେକ ଘଟଣାକୁ ଏକ ପ୍ରକଳ୍ପ ଭାବରେ ଦେଖାଯିବା ଉଚିତ। ଯାହାର ଲକ୍ଷ୍ୟ କେବଳ ଧାର୍ମିକ ରୀତି ପାଳନ ନୁହେଁ, ବରଂ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ସୁରକ୍ଷା ନିଶ୍ଚିତ ହୋଇପାରୁଥିବ। ବିଶ୍ୱାସ ଓ ସୁରକ୍ଷାର ସନ୍ତୁଳନ ସେତେବେଳେ ହାସଲ ହେବ, ଯେତେବେଳେ ନୀତି, ପ୍ରଯୁକ୍ତିବିଦ୍ୟା, ପ୍ରଶାସନ ଏବଂ ଜନସାଧାରଣ ସମନ୍ୱିତ ଭାବରେ ଏକାଠି କାମ କରିବେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ବିଭୀଷଣ ମନ୍ଦିର

**ଓଜସ୍ୱିନୀ**

### ବିଚିତ୍ର ବିଶ୍ୱାସ

ରାମାୟଣର କଥାବସ୍ତୁ ଆଧାରରେ ରାବଣଙ୍କ ଭ୍ରାତା ବିଭୀଷଣ ମହାନ ରାମଭକ୍ତ ହେଲେ ମଧ୍ୟ ସଦାସର୍ବଦା ତାଙ୍କର ଚରିତ୍ର ପ୍ରତାରଣାର କଳଙ୍କ ବହନ କରିଆସିଛି। କାରଣ ବିଭୀଷଣଙ୍କ ପାଇଁ ହିଁ ଅସୁରରାଜ ରାବଣ ନିହତ ହୋଇଥିଲେ। ତେଣୁ ଆଜି ମଧ୍ୟ ପାରିବାରିକ ବିବାଦ ମଧ୍ୟରେ ବିଭୀଷଣଙ୍କ ଉଦାହରଣ ଦେଇ 'ଘର ଜିଙ୍କି କୁମ୍ଭୀର', 'ଭାଇ ଭଗାରୀ' ଭଳି ଆପ୍ତବାକ୍ୟ ବ୍ୟବହାର କରାଯାଉଛି। ଏସବୁ ସତ୍ତ୍ୱେ ଭାରତର ଗୋଟିଏ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ଅଛି। ଶ୍ରଦ୍ଧାଳୁମାନେ ବିଭୀଷଣଙ୍କୁ ପରମ ରାମଭକ୍ତ ଭାବେ ବିଧିପୂର୍ବକ ପୂଜାର୍ଚ୍ଚନା କରି ଆଶିଷ ପ୍ରାର୍ଥନା କରୁଛନ୍ତି।

ବିଭୀଷଣଙ୍କ ଏହି ମନ୍ଦିର ରାଜସ୍ଥାନର କୋଟା ଜିଲ୍ଲା ଅନ୍ତର୍ଗତ କେଥୁନ୍‌ଠାରେ ରହିଛି। କୋଟା ରେଲୱେ ଷ୍ଟେସନ୍‌ରୁ ଏହାର ଦୂରତା ପ୍ରାୟ ୨୦ କିଲୋମିଟର। ଏହି ମନ୍ଦିର ପ୍ରାୟ ୫୦୦୦ବର୍ଷ ପୂର୍ବେ ନିର୍ମିତ ବୋଲି ଗବେଷକମାନେ ମତ ଦିଅନ୍ତି। ଏଠାରେ ବିଭୀଷଣଙ୍କର ମସ୍ତକର ଏକ ବିଶାଳ ପ୍ରତିମା ପୂଜିତ ହେଉଛି ଏବଂ ସମ୍ପୂର୍ଣ୍ଣ ଶରୀର ଭୂମି ଭିତରେ ଅଛି ବୋଲି କୁହାଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ମସ୍ତକ ପ୍ରତିମା ବର୍ଷକୁ ବର୍ଷ ଚାଉଳ ଦାନା ପ୍ରାୟ ଭୂମିରେ ନିମ୍ନଗାମୀ ହେଉଛି ବୋଲି ମନ୍ଦିରର ପୂଜାରୀ ଓ ପ୍ରତକ୍ଷଦର୍ଶୀମାନେ କହନ୍ତି। ମନ୍ଦିରର ଜିର୍ଣ୍ଣୋଦ୍ଧାର ମହାରାଜା ଦୁର୍ଜନ ସିଂହଙ୍କ ଶାସନ ସମୟରେ ଗୌତମ ପରିବାର ଦ୍ୱାରା ନିର୍ମାଣ କରାଯାଇଥିଲା। ତେଣୁ ଆଜି ମଧ୍ୟ ଉକ୍ତ ପରିବାରର ବଂଶଜ ନବରାତ୍ର ସମୟରେ ଏହି ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରିଆସୁଛନ୍ତି। କେବଳ ରାଜସ୍ଥାନରେ ହିଁ ବିଭୀଷଣଙ୍କ ଏହି ମନ୍ଦିର କାହିଁକି ଓ କିପରି ନିର୍ମାଣ ହେଲା, ସେ ସମ୍ପର୍କରେ ଗୋଟିଏ ସୁନ୍ଦର ଲୋକକଥା ରହିଛି।

ରଘୁକୁଳ ନନ୍ଦନ ଶ୍ରୀରାମ ବନବାସରୁ ଫେରିବା ପରେ ରାଜ୍ୟାଭିଷେକ ସମୟରେ ତିନିଲୋକର ଦେବଦେବୀଙ୍କ ସହିତ ସମସ୍ତ ପ୍ରାଣୀ ଧରାପୃଷ୍ଠରେ ଅବତରଣ କରିଥିଲେ। ଏହି ସମୟରେ ଦେବ ଦେବ ମହାଦେବ ହନୁମାନଙ୍କୁ କହିଲେ ଯେ, ସେ ସମ୍ପୂର୍ଣ୍ଣ ମୃତ୍ୟୁଲୋକ ଭ୍ରମଣ କରିବାକୁ ଚାହାନ୍ତି। ଏହାକୁ ବିଭୀଷଣ ଶୁଣୁଥିଲେ ଏବଂ ସେ ଗୋଟିଏ ଭାର ପ୍ରସ୍ତୁତ କରି ମହାଦେବ ଓ ହନୁମାନଙ୍କୁ ଦୁଇପଟେ ବସାଇ ଭାରତ ଭ୍ରମଣ କରାଇବା ପାଇଁ ମହାଦେବଙ୍କୁ ଅନୁମତି ଭିକ୍ଷା କଲେ। ବିଭୀଷଣଙ୍କ ଏତାଦୃଶ ଆଗ୍ରହରେ ମହାଦେବ ସ୍ୱୀକୃତି ପ୍ରଦାନ କରିବା ସହିତ ଗୋଟିଏ ସର୍ତ୍ତ ରଖିଲେ। ସର୍ତ୍ତ ଅନୁଯାୟୀ ଯେଉଁଠାରେ ଭାର ଭୂମି ସ୍ପର୍ଶ କରିବ, ସେଠାରେ ଯାତ୍ରା ସମାପ୍ତ ହେବ ଏବଂ ମହାଦେବ ଓ ହନୁମାନ ସେଠାରେ ହିଁ ବିରାଜମାନ ହେବେ। ଏହି ସର୍ତ୍ତରେ ରାଜି ହୋଇ ବିଭୀଷଣ ଗୋଟିଏ ବିଶାଳ ଭାର ପ୍ରସ୍ତୁତ କଲେ, ଯାହାର ଲମ୍ବା ୮ କୋଶ(ପ୍ରାୟ ୩୨ କିଲୋମିଟର) ଥିଲା। ମହାଦେବ ଓ ହନୁମାନଙ୍କୁ ଭାରର ଦୁଇପଟେ ବସାଇ ବିଭୀଷଣ ଯାତ୍ରା ଆରମ୍ଭ କଲେ। ଏକଦା ବିଭୀଷଣ ରାଜସ୍ଥାନର କେଥୁନ୍ (ପ୍ରାଚୀନ ନଗର କେଥୁନପୁର) ମଧ୍ୟ ଦେଇ ଯାତ୍ରା କରୁଥିବା ସମୟରେ ମହାଦେବ ବସିଥିବା ଭାର ଭୂମିକୁ ସ୍ପର୍ଶ କଲା। ଏହି ସ୍ଥାନ କେଥୁନ୍‌ଠାରୁ ୪ କୋଶ ଅର୍ଥାତ୍ ୧୬ କିଲୋମିଟର ଦୂର ସ୍ଥିତ ଚାର୍ ଚୋମାରେ ଅବସ୍ଥିତ। ମହାଦେବ ସର୍ତ୍ତ ଅନୁଯାୟୀ ସେଠାରେ ହିଁ ବିରାଜମାନ ହେଲେ ଏବଂ ହୋଇ ସ୍ଥାନର ନାମାନୁସାରେ ଚୋମେଶ୍ୱର ମହାଦେବ ଭାବେ ପୂଜା ପାଇଲେ। ଏଠାରେ ପୂଜା ପାଉଥିବା ଶିବଲିଙ୍ଗ ପଞ୍ଚମୁଖୀ ହୋଇଥିବାରୁ ଶିବଙ୍କ ପାଞ୍ଚଟି ସ୍ୱରୂପ ଏବଂ ପଞ୍ଚଭୂତର ପ୍ରତୀକ ବୋଲି ବିଶ୍ୱାସ ରହିଛି। ଭାରର ଅନ୍ୟ ପଟେ ବସିଥିବା ହନୁମାନଙ୍କ ଭ୍ରମଣ ଯାତ୍ରା କୋଟାର ରଙ୍ଗବାଡ଼ି ନାମକ ସ୍ଥାନରେ ଅଟକି ଯାଇଥିଲା। ତେଣୁ ଏଠାରେ ରାମଭକ୍ତ ହନୁମାନଙ୍କ ଏକ ଭବ୍ୟ ମନ୍ଦିର ଅଛି। ଯେଉଁଠି ବିଭୀଷଣ ଠିଆ ହୋଇଥିଲେ ଉକ୍ତ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ନିର୍ମାଣ ହେଲା।

ପ୍ରତିବର୍ଷ ହୋଲି ସମୟରେ କେଥୁନ୍‌ରେ ୭ଦିନ ଧରି ବିଭୀଷଣ ମେଳାର ଆୟୋଜନ ହୋଇଥାଏ। ସାରା ଭାରତରେ କେବଳ ହୋଲିକା ଦହନ ଆୟୋଜନ କରାଯାଉଥିବାବେଳେ କେଥୁନ୍‌ରେ ହିରଣ୍ୟକଶିପୁ ଦହନ ମଧ୍ୟ କରାଯାଏ। ହୋଲିକା ଦହନ ପରଦିନ ହିରଣ୍ୟକଶିପୁର ପୁତ୍ତଳିକାକୁ ଦହନ କରାଯାଏ। ରାମଭକ୍ତ ବିଭୀଷଣଙ୍କ କୃପା ପ୍ରାପ୍ତ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥାଏ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରୁଙ୍ଗ୍‌ଟା ବିରୋଧରେ ଗର୍ଜିଲେ ଆଦିବାସୀ




- ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ର ଧରି କଲେ ଶୋଭାଯାତ୍ରା
- ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ରାଇରଙ୍ଗପୁର,୭।୮ (ସମିସ): ଦାଣ୍ଡବୋଷ, ଆନନ୍ଦପୁର ଓ କଣ୍ଟାବଣି ଗ୍ରାମରେ ରୁଙ୍ଗ୍‌ଟା ମେଟାଲ ଏବଂ ଷ୍ଟିଲ କମ୍ପାନୀ ପାୱାର୍‌ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆଦିବାସୀଙ୍କ ଜମି ଉପରେ ଲୋଲୁପ ଦୃଷ୍ଟି ପକାଇଛି। ଶାସନ କଳ ଏବଂ ସରକାରଙ୍କୁ ପ୍ରଭାବିତ କରି କଳେବଳେ କୌଶଳେ ଜମି ଅଧିଗ୍ରହଣ ଉଦ୍ୟମ ଚଳାଇଛି। ଏପରି ଅଭିଯୋଗ କରି ଆଜି ଶହଶହ ସଂଖ୍ୟାରେ ଆଦିବାସୀ ରୁଙ୍ଗ୍‌ଟା କମ୍ପାନୀ ବିରୋଧରେ ଗର୍ଜନ କରିଛନ୍ତି। ଆଦିବାସୀ ସାମାଜିକ, ଶିକ୍ଷା ଏବଂ ସାଂସ୍କୃତିକ ସଂଗଠନ (ଆସେକା) ଆନୁକୂଲ୍ୟରେ ଗୁରୁବାର ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ବହୁସଂଖ୍ୟାରେ ଆଦିବାସୀ ଏକ ବିଶାଳ ପଦଯାତ୍ରାରେ ଦାଣ୍ଡବୋଷରୁ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ହାତରେ ଧନୁ, ତୀର, ଅସ୍ତ୍ରଶସ୍ତ୍ର ଧରି ଢୋଲ, ଧୁମସା ବଜାଇ ଶୋଭାଯାତ୍ରାରେ ବାହାରିଥିଲେ। ନିରୀହ ଆଦିବାସୀଙ୍କ ଜମି କମ୍ ଦରରେ ହସ୍ତାନ୍ତର କରାନଯାଉ ବୋଲି ଦାବି କରିଥିଲେ।

କିଛି ଦିନ ତଳେ ପ୍ରଶାସନ ତରଫରୁ କଣ୍ଟାବଣୀ ଗ୍ରାମରେ ଆୟୋଜିତ ପଲ୍ଲୀସଭାରେ ତଞ୍ଚକତା କରାଯାଇ ଆଦିବାସୀଙ୍କ ଅଭିଯୋଗକୁ ଦମନ କରିବାକୁ ଚେଷ୍ଟା କରାଯାଇଥିଲା। ଏହାକୁ ବିରୋଧ କରିବାରୁ ସେମାନଙ୍କୁ ପୁଲିସ୍‌ର ଜୁଲମ୍ ସହିବାକୁ ପଡ଼ିଥିଲା। ତେବେ ଗୁରୁବାର ପୁଣି ଆସେକା ତରଫରୁ ୩ଟି ଗ୍ରାମବାସୀ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଥିଲା।

ଗ୍ରାମସଭା ହେଉ ଅବା ପଲ୍ଲୀସଭା; ସ୍ୱଚ୍ଛତା ଅବଲମ୍ବନ, ଆଦିବାସୀଙ୍କ ଉପରେ ପୁଲିସର ଲାଠିଚାଳନା ବନ୍ଦ, ରାଷ୍ଟ୍ରପତିଙ୍କ ସହରରେ ପ୍ଲାଣ୍ଟ ପ୍ରତିଷ୍ଠା କରାନଯାଇ ପ୍ରଦୂଷଣମୁକ୍ତ କରାଯାଉ, ପେସା ଆଇନ କାର୍ଯ୍ୟକାରୀ, ଐତିହ୍ୟ ପୀଠର ସୁରକ୍ଷା, କାପିବୁରୁ ପାହାଡ଼, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସାଧନା ପୀଠର ସୁରକ୍ଷା, ଗୁଣ୍ଡୁରିଆ ସହିଦ ପୀଠର ସୁରକ୍ଷା ପାଇଁ ବିକ୍ଷୋଭ ବେଳେ ସେମାନେ ଦାବି କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଏବଂ ପ୍ରାକ୍ତନ ବିଡିଓଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାସହ ୪ ଦଫା ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ବିକ୍ଷୋଭରେ ଆସେକାର ସଂପାଦକ ଜିତେନ୍ଦ୍ରନାଥ ବାସ୍କେ, ଝାମୁମୋ ପ୍ରବକ୍ତା ସୁନୀଲ ମାଝୀ, ସାଲୁ କିସ୍କୁ, କଂଗ୍ରେସର ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରାକ୍ତନ କଂଗ୍ରେସ ବିଧାୟକ ଶାମଚରଣ ହାଁସଦା, ଜିଲ୍ଲା ପରିଷଦ ସଦସ୍ୟ ପରେଶ ମୁଣ୍ଡା, ଘାସିରାମ ମୁର୍ମୁ, ସିଦ୍ଧିଲାଭ ମୁର୍ମୁ, ଘନଶ୍ୟାମ ପିଙ୍ଗୁଆ, ପାର୍ବତୀ ବିରୁଆ ସମେତ ବିଭିନ୍ନ ସଂଗଠନର ଆଦିବାସୀ ନେତୃବୃନ୍ଦ ସାମିଲ ହୋଇଥିଲେ।

## ରାଜ୍ୟରେ ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନିଅ :ହାଇକୋର୍ଟ

କଟକ, ୭।୮ (ସମିସ): ରାଜ୍ୟରେ ପ୍ରଚଳିତ ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ। ଓଡ଼ିଶା ଗୋ-ହତ୍ୟା ନିରୋଧ ଆଇନ ୧୯୬୦ରେ ଏହା ଉଲ୍ଲେଖ ଥିବା ବେଳେ ଏହି ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗୋ ଜ୍ଞାନ ଫାଉଣ୍ଡେସନ୍ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ଓଡ଼ିଶା ଗୋହତ୍ୟା ନିରୋଧ ଆଇନ-୧୯୬୦ର ଧାରା ୩ ଅନୁସାରେ ସମ୍ପୂର୍ଣ୍ଣ ଗାଇ ହତ୍ୟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଅନ୍ୟପଟରେ କେବଳ ଗୋରୁ ବା ବଳଦ ହତ୍ୟା ପାଇଁ ପ୍ରାଧିକୃତ ଅଧିକାରୀଙ୍କଠାରୁ ପ୍ରମାଣପତ୍ର ଆଣିବା ପରେ ହିଁ ଅନୁମତି ମିଳିପାରିବ ବୋଲି ଉକ୍ତ ଆଇନରେ ବ୍ୟବସ୍ଥା ରହିଛି। ତେବେ କଟକ ସହରରେ ଗୋ-ହତ୍ୟା ପାଇଁ କୌଣସି ପ୍ରମାଣପତ୍ର ଜାରି ହୋଇନାହିଁ। ସେହିପରି ଏଥିପାଇଁ କୌଣସି ଅନୁମତି ଦିଆଯାଉନାହିଁ କିମ୍ବା ସରକାରଙ୍କ ପକ୍ଷରୁ କେହି ପ୍ରାଧିକୃତ ଅଧିକାରୀ ମଧ୍ୟ ନିଯୁକ୍ତ ହୋଇନଥିବା ନେଇ ପୂର୍ବରୁ କଟକ ମହାନଗର ନିଗମ ପ୍ରଶାସନ ପକ୍ଷରୁ ସତ୍ୟପାଠ ଦିଆଯାଇଥିଲା। ଆଜି ମାମଲାର ଶୁଣାଣି ବେଳେ ଏହି ପ୍ରାଧିକୃତ ଅଧିକାରୀଙ୍କ ନିଯୁକ୍ତି ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ତାହା ମଧ୍ୟ ସ୍ପଷ୍ଟ ହୋଇନଥିଲା। ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର୧କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ ଯେ ଓଡ଼ିଆ ବଜାର, ଜନତାଗଳି, ଦିୱାନ ବଜାର ଓ ହାତୀପୋଖରୀ ଆଦି କେତେକ ଅଞ୍ଚଳରେ ଗୋ-ହତ୍ୟା ପାଇଁ ବେଆଇନ ଭାବେ ଚାଲୁଥିବା କଂସେଇଖାନାକୁ ସ୍ଥାନୀୟ ପୁଲିସ ସହଯୋଗରେ ବନ୍ଦ କରିବା ସହ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଗତ ୨୦୧୯ ମାର୍ଚ୍ଚ ୨୫ରେ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। କିନ୍ତୁ, ଏହି ନିର୍ଦ୍ଦେଶ ପାଳନ ହୋଇ ନଥିବା ବେଳେ ଉପରୋକ୍ତ ଅଞ୍ଚଳର କଂସେଇଖାନାରେ ଆଇନ ଉଲ୍ଲଂଘନ ପୂର୍ବକ ଗୋହତ୍ୟା କରାଯାଇ ଆସୁଥିବା ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ପୀୟୂଷ ପଣ୍ଡା ସହାୟତା କରୁଛନ୍ତି।

## ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ରାୟଗଡ଼ା, ୭।୮ (ସମିସ): ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ଗାଜିଗାଁ ପଞ୍ଚାୟତର ଗାଣ୍ଡାବାଲସା ଗ୍ରାମରେ ଆଜି ଠେଙ୍ଗାରେ ପିଟି ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ମୃତ ମହିଳାଜଣଙ୍କ ହେଲେ, ସିନ୍ଧେ କଣ୍ଡାଗରି(୪୫)। ତେବେ ସ୍ୱାମୀ ମାଲୟା କଣ୍ଡାଗରୀ ଜଣେ ମାନସିକ ଅନଗ୍ରସର ବୋଲି ଗ୍ରାମବାସୀ ପକ୍ଷରୁ ଜଣାପଡିଛି। ଏଥିପୂର୍ବରୁ ସେ ନିଜ ସ୍ତ୍ରୀଙ୍କୁ ବାଡ଼େଇବା ଏବଂ ନିଜେ ଆତ୍ମହତ୍ୟା ପାଇଁ ଚେଷ୍ଟା କରିବା ଭଳି ଘଟଣା ଘଟିଥିବା ପଡ଼ୋଶୀ ପ୍ରକାଶ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୧୨ଟାରେ ସ୍ତ୍ରୀ ସିନ୍ଧେ ଧାନ ବିଲରେ କାମ କରୁଥିବା ଦେଖି ସ୍ୱାମୀ ମାଲେୟା ସ୍ତ୍ରୀକୁ ଘରକୁ ଡାକି ଆଣି ଠେଙ୍ଗାରେ ଆକ୍ରମଣ କରି ଜୀବନରେ ମାରି ଦେଇଥିଲା। ସିନ୍ଧେଙ୍କ ପୁଅ କିରଣ ଡଙ୍ଗରରୁ ଫେରି ଦେଖିବା ବେଳେ ମା'ଙ୍କ ମୃତଦେହ ପଡ଼ିଥିଲା। ବାରମ୍ବାର ଠେଙ୍ଗାରେ ପିଟିବାରୁ ସିନ୍ଧେଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଖୋଦ୍ ହତ୍ୟାକାରୀ ମଳୟା ପ୍ରକାଶ କରିଛି।

### ମହଙ୍ଗା ପଡ଼ିଲା ଅଦାଲତଙ୍କ ଆଦେଶ ଅବମାନନା

## ଡିଇଓଙ୍କୁ ହାଇକୋର୍ଟରେ ହାଜର କରାଇବେ ଆଇଆଇସି

କଟକ,୭।୮(ସମିସ): ଅଦାଲତଙ୍କ ଆଦେଶ ଅବମାନନା କରିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ହାଇକୋର୍ଟଙ୍କ ଆଦେଶ ପାଳନ ପୂର୍ବକ ଡିଇଓଙ୍କ ତରଫରୁ ସତ୍ୟପାଠ ଦିଆଯାଇନଥିଲା କି ଶୁଣାଣି ସମୟରେ ଡିଇଓ ହାଜର ହୋଇନଥିଲେ। ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଆସନ୍ତା ଅଗଷ୍ଟ ୧୩ରେ କଳାହାଣ୍ଡି ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍.କେ. ବେହେରାଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ବିଳମ୍ବରେ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିବା ପାଇଁ ଆବେଦନକାରୀଙ୍କୁ ତିନି ମାସ ମଧ୍ୟରେ ଏହି ଅର୍ଥ ଉପରେ ୬ ପ୍ରତିଶତ ସୁଧ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୨୩, ସେପ୍ଟେମ୍ବର ୨୯ର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନଥିଲା। ଏହାପରେ ଆବେଦନକାରୀ କଳାହାଣ୍ଡି ଡିଇଓଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ୨୦୨୪, ମେ ୨୦ରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଡିଇଓଙ୍କୁ ନୋଟିସ୍ ଜାରି କରିଥିଲେ। ଗତ ଅଗଷ୍ଟ ୬ ସୁଦ୍ଧା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହୁଏ ତେବେ ପ୍ରତିପକ୍ଷ ଡିଇଓ ପରବର୍ତ୍ତୀ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ ଜୁଲାଇ ୧୦ରେ କହିଥିଲେ। ଏଥିପାଇଁ ପୁଣି ଅଧିକ ସମୟ ଲୋଡ଼ି ଲେଖାଯାଇଥିବା ଅଗଷ୍ଟ ୫ର ଏକ ଚିଠି ପ୍ରତିପକ୍ଷଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା। ଏଣୁ ଆସନ୍ତା ଅଗଷ୍ଟ ୧୩ରେ ପ୍ରତିପକ୍ଷ ସମ୍ପୃକ୍ତ ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେଉଛି ବେଶି...

ବୋଲି ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏହି ଯୋଜନାରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀ ଓ ସରକାର ଦୀର୍ଘ ୯ ବର୍ଷ ହେଲା ଫାଇଦା ଉଠାଇ ଚାଲିଛନ୍ତି।

ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣୀ ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ; କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ବୋଲି ଅଭିଯୋଗ ହୋଇଛି। କାରଣ ବର୍ତ୍ତମାନ ଚାଷୀମାନେ ନିଜ ଚାଷର ୩୩ ପ୍ରତିଶତ କ୍ଷତି ହେବା ପରେ କ୍ଷତିପୂରଣ ପାଇଁ ଆବେଦନ କରି ପାରୁଛନ୍ତି। ଏହାସହିତ ପଞ୍ଜିକରଣ ପାଇଁ ୩ ଦିନ ସମୟ ମିଳୁଥିବା ବେଳେ ଏଥିରେ ଅନେକ ଜଟିଳ ପ୍ରକ୍ରିୟା ଛନ୍ଦି ଦିଆଯାଉଛି। ଯେଉଁଥିପାଇଁ ଅନେକ ଯୋଗ୍ୟ ଚାଷୀ ବୀମା କରି ମଧ୍ୟ ସଠିକ୍ ପରିମାଣରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହୁଛନ୍ତି।

### କ୍ଷୋଭ ପ୍ରକାଶ...

ଝିଅ ନ୍ୟାୟ ପାଇଁ ନିବେଦନ କରିବା ପରେ ହତାଶାରେ ନିଜକୁ ନିଆଁ ଲଗାଇ ଦେଇଥିବା ଜାଣି ମୁଁ ଗଭୀର ଦୁଃଖିତ ଏବଂ ମର୍ମାହତ। ଦୁଃଖର ଏହି ମୁହୂର୍ତ୍ତରେ ଯୁବତୀଙ୍କ ପ୍ରତି ମୋର ସମବେଦନା ଏବଂ ପରିବାର ସଦସ୍ୟଙ୍କୁ ସହାନଭୂତି ଜଣାଉଛି। ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଭଗବାନ ତାଙ୍କ ପରିବାର ସଦସ୍ୟଙ୍କୁ ଶକ୍ତି ଦିଅନ୍ତୁ। ମାତ୍ର ଗୋଟିଏ ମାସ ମଧ୍ୟରେ ସମାନ ପରିସ୍ଥିତିରେ ରାଜ୍ୟର ତିନି ଜଣ ଝିଅ ଜୀବନ ହରାଇଛନ୍ତି। ପ୍ରତ୍ୟେକଟି ନିରୀହ ଜୀବନ ଅଦିନରେ ଝଡ଼ିଯିବା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଦର୍ଶାଉଛି। ଏହା ରାଜ୍ୟ ବିଜେପି ସରକାରଙ୍କ ଏକ ଭୟଙ୍କର ଅବହେଳା ବୋଲି ନିଜ କ୍ଷୋଭକ୍ତିରେ ନବୀନ କହିଛନ୍ତି।

ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଆମ ମାଟିର ତିନି ଜଣ ଝିଅ ସ୍ପଷ୍ଟ ଦିବାଲୋକରେ ମୃତ୍ୟୁବରଣ କରିବାର କାରଣ ହେଉଛି ଯେ ପ୍ରଶାସନ ପ୍ରତ୍ୟେକ ସମୟରେ ସେମାନଙ୍କ ଚିତ୍କାର, ନିବେଦନ ଶୁଣିବାରେ ବିଫଳ ହୋଇଛି। ପ୍ରାୟ ପ୍ରତିଦିନ ରାଜ୍ୟ ସାରା ମହିଳାମାନଙ୍କ ବିରୁଦ୍ଧରେ ଏପରି ଅନେକ ଜଘନ୍ୟ ଅପରାଧ ସାମ୍ନାକୁ ଆସୁଛି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେଜଣଙ୍କ ଚିତା ଜଳିବାକୁ ପଡିବ। ବିଜେପି ସରକାର କାର୍ଯ୍ୟାନୁଷ୍ଠାନ ନେବା ଆଗରୁ ଆଉ କେତେ ମାଆଙ୍କୁ ସେମାନଙ୍କ ଝିଅଙ୍କ ଚିତାଭସ୍ମ ଧରିବାକୁ ପଡ଼ିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

### ଦୁଇ ଜଣଙ୍କୁ...

ଜିତନ ହିଁ ପ୍ରଥମ ବ୍ୟକ୍ତି, ଯିଏ ବୋର୍ଡ ଉପସଭାପତି ନୀହାର ମହାନ୍ତିଙ୍କ ଲାପଟପ୍‌ରୁ ପେନଡ୍ରାଇଭ୍ ଜରିଆରେ ପ୍ରଶ୍ନପତ୍ର ନେଇ ରାଜ୍ୟ କ୍ୟାଡର୍ ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ରଙ୍କୁ ଦେଇଥିଲେ। ସେହିପରି ଜିତନଙ୍କୁ ଫୋନ ପେ ଜରିଆରେ ୨ଲକ୍ଷ୫୦ହଜାର ଦେଇଥିଲେ ବିଜୟ। ଉଭୟଙ୍କ ଆର୍ଥିକ କାରବାରକୁ ତର୍ଜମା କରି ପ୍ରଥମେ ସେମାନଙ୍କୁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିଥିଲା। ତେବେ, ଉପସଭାପତି ନୀହାର ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେବା ପାଇଁ ଆବେଦନ ନ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୩ ସୁରକ୍ଷା...

ଅନିରୁଦ୍ଧ ରାଉତରାୟ ବାଲେଶ୍ୱରରେ ଡେରା ପକାଇଛନ୍ତି। ଆଜି ସେ କଲେଜର ୩ଜଣ ସୁରକ୍ଷା କର୍ମୀଙ୍କୁ ଡକାଇ ପଚରାଉଚରା କରିଛନ୍ତି। କଲେଜର ପ୍ରଥମ ଗେଟ୍‌ରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ମାରାଥନ୍ ଜେରା କରାଯାଇଥିଲା। ଘଟଣା ଦିନ କେତେବେଳେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ସୌମ୍ୟାଶ୍ରୀ କେଉଁ ସମୟରେ କଲେଜ କ୍ୟାମ୍ପସକୁ ପଶିଥିଲେ, ଛାତ୍ରୀଙ୍କ ସାଙ୍ଗରେ ଆଉ କିଏକିଏ ଥିଲେ, ଏପରିକି କେତେଜଣ ଅଣଛାତ୍ର ଥିଲେ ଏବଂ ସବୁ ଛାତ୍ରମାନେ ୟୁନିଫର୍ମରେ ନା ସାଦା ପୋଷାକରେ ରହିଥିଲେ; ଏହି ସବୁଦିଗକୁ ନେଇ ସୁରକ୍ଷା କର୍ମୀଙ୍କୁ ପଚରାଉଚରା କରାଯାଇଥିଲା। ଏଥିସହ ଅଧ୍ୟକ୍ଷଙ୍କ ଚାମ୍ବର୍ ଓ କ୍ୟାମ୍ପସରେ ଡ୍ୟୁଟି କରୁଥିବା ସୁରକ୍ଷା କର୍ମୀଙ୍କୁ ମଧ୍ୟ ଏସ୍‌ପି ଜେରା କରିଥିଲେ।


**AFFIDAVIT**

By virtue of an affidavit sworn before The Executive Magistrate, Umerkote, Nabarangpur vide no.5225 dated 05.08.2025 I, Jaimani Jal, W/o- Late Ramachandra Jal resident of Vill.- D.N.k. Umerkote, Po./Ps.- Umerkote, Nabarangpur, Odisha declare that I have changed my name from **Jayamani Jal** to **Jaimani Jal**. Henceforth, I shall be known as **Jaimani Jal** for all purposes.

Sd/- **Jaimani Jal**

**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.62 dated 07.08.2025 I, Madhaba Muduli, S/o- Sida Muduli resident of Vill.- Burudiput, Po.- Semala, Ps.- Nandapur, Dist.- koraput, Odisha, Pin- 764037 declare that I have changed my name from **Madhaba Khora** to **Madhaba Muduli**. Henceforth, I shall be known as **Madhaba Muduli** for all purposes.

Sd/- **Madhaba Muduli**

**AFFIDAVIT**

I Sharmistha Jena, W/o- Ashish Kumar Patra resident of Plot No-1297/2739, Sarada Niwas, Kapilaprasad, Bhubaneswar, P.S.- Airfield, Dist.- Khordha, Odisha, declare by this affidavit No-311243 dtd.31/07/2025 that, I want to change my son's name from **Adeytya Patra** to **Adeitya Patra**. Henceforth he will be known as **Adeitya Patra** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.61 dated 06.08.2025 I, Kameswar Das, S/o- Sreenibasa Das resident of Vill.- Hataguda, Po.- Panthulunga, Ps.- Padwa, Dist.- koraput, Odisha, Pin- 764038 declare that I have changed my name from **Kameswar Hantala** to **Kameswar das**. Henceforth, I shall be known as **Kameswar Das** for all purposes.

Sd/- **Kameswar Das**

**NOTICE**

M/s. JYOTI ENTERPRISERS a partnership firm address at Plot No. 1353, H/O- DIPTI KUMARI SAMANTRAY, CMC HOLDING NO. 995B/4, WARD NO. 24(27), SANKARPUR, P.O- ARUNDOYA MARKET, P.S- BADAMBDI, CUTTACK, PIN-753012, DIST- CUTTACK, STATE-ODISHA registered as FIRM as NO. 7201900168 of 2019 Dt. 07.02.2019 before the Registrar of Firm, ODISHA. By a public Notice it is hereby informed that M/s. JYOTI ENTERPRISERS is a partnership firm which is re-constituted on dt. 01.04.2024 due to retirement of a 2nd partner named SRI MRUTYUNJAYA DASH, by virtue of a Retirement Notice to present Partner SRI JAYADEBA MOHANTY, Managing Partner and also a declaration of No Objection Certificate of retirement executed before the Notary Public, Cuttack on dt. 01.04.2024 and stated as retiring partner (SRI MRUTYUNJAYA DASH) unanimously agreed to leave the above FIRM and confirm that all financial dues, liabilities, or obligations owed to me by the partnership firm up to the date of my retirement have been settled to my satisfaction. I have no objection if the remaining partner, namely SRI JAYADEBA MOHANTY, Managing Partner, continue to operate the partnership firm under the same name and structure and also a new partner may admit as Incoming Partner named SMT. SUJATA MOHANTY. By this notice it informs to the public in general that, one partner of M/s JYOTI ENTERPRISERS is retiring named SRI MRUTYUNJAYA DASH and SMT. SUJATA MOHANTY admit as incoming Partner.

B-376

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ-୪, ଭୁବନେଶ୍ୱର
**Office of the Superintending Engineer, Bhubaneswar (R&B) Division No. IV, Nirman Soudha, Unit-V, Bhubaneswar**
E-mail ID- eernb4bbsr@gmail.com
Tel - (0674)-2390245

**INVITATIONS FOR BIDS THROUGH e-Procurement**
No. 6581/ Date 04.08.2025
Bid Identification No.- C.C. (R&B)- 04
e-Procurement Notice No. 12 of 2025-26

| | | |
|---|---|---|
| 1 | Name of the Work | 1 No. Building Work |
| 2 | Total No of works | 1 No. Building Work |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.13.8.2025 to Dt.25.8.2025 up to 17.30 Hours. |
| 8 | Last Date & Time for Receipt of bids in the Portal | Dt.25.8.2025 at 17.30 Hours. |
| 9 | Opening of Bid through online | Dt.26.8.2025 at 11.30 Hours |
| 10 | Name & Address of the Officer inviting Bid | Er.Sundara Madhaba Padhi, Additional Chief Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://tendersorissa.gov.in

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

*N.B: Subsequent corrigendum / addendum if required shall be available in the website as indicated above*

Additional Chief Engineer,
BBSR (R&B) Division No. IV, BBSR

OIPR-34090/11/0016/2526

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର
ସା: କୁଲଡେରା, ପୋ.: ମାଣ୍ଡୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୧୪

**ସର୍ବସାଧାରଣ ବିଜ୍ଞପ୍ତି**

ମୋଟର ଗାଡିର **FRESH REGISTRATION CERTIFICATE** ନିର୍ଗମନ ପାଇଁ ପଞ୍ଜୀକୃତ ଗାଡିମାଲିକ ମାନଙ୍କୁ **FORM-37** ନୋଟିସ୍ ଜାରି

ଏତଦ୍ୱାରା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିମ୍ନୋକ୍ତ ପଞ୍ଜୀକୃତ ଗାଡିଗୁଡିକର ମାଲିକ ମାନଙ୍କୁ ଅବଗତ କରାଉଛନ୍ତି କି ସେମାନେ ଅର୍ଥ ଲଗାଣକାରି ସଂସ୍ଥା ମାନଙ୍କର ସହାୟତାରେ କିଣି ଥିବା ଉକ୍ତ ଗାଡିଗୁଡିକର ଋଣ କିସ୍ତି ପ୍ରଦାନରେ ଖିଲାପ କାରଣରୁ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ଗାଡିଗୁଡ଼ିକୁ ଜବତ କରିବା ପୂର୍ବକ ଗାଡିଗୁଡିକର ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ରେଜିଷ୍ଟ୍ରେଶନ ସାର୍ଟିଫିକେଟ ରଦ୍ଦ କରିବା ସହିତ ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରିବା ପାଇଁ ଗାଡି ପଞ୍ଜୀକରଣ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିକଟରେ **FORM-36** ରେ ଦରଖାସ୍ତ କରିଅଛନ୍ତି। ନିୟମ ଅନୁଯାୟୀ **FRESH REGISTRATION CERTIFICATE** ଜାରି କରିବା ନିମନ୍ତେ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା କରିଥିବା ଦରଖାସ୍ତ ବାବଦରେ ତୁମ୍ଭର ମତାମତ ଉତ୍ତର ଆଞ୍ଚଳିକ ପରିବହନ ଅଧିକାରୀ, କେନ୍ଦୁଝରଙ୍କ ଠାରେ ଉପସ୍ଥାପନ ନିମନ୍ତେ ତୁମ୍ଭ ନିକଟକୁ **FORM-37** ରେ ନୋଟିସ୍‌ଗୁଡିକ ଗାଡିର ପ୍ରଦତ୍ତ ଠିକଣାରେ ପୋଷ୍ଟାଲ ରେଜିଷ୍ଟ୍ରି ଡାକ ଜରିଆରେ ପ୍ରେରଣ କରଯାଇଥିଲା। କିନ୍ତୁ ଆପଣ ଉକ୍ତ ଠିକଣାରେ ନ ଥିବା ଟିପ୍ପଣୀ ସହିତ ପୋଷ୍ଟାଲ ସଂସ୍ଥା **FORM-37** ରେ ପଠାଯାଇଥିବା ନୋଟିସଗୁଡ଼ିକୁ ଉକ୍ତ କାର୍ଯ୍ୟାଳୟକୁ ଫେରସ୍ତ କରିଅଛନ୍ତି।

| କ୍ର. ସଂ. | ଗାଡିଗୁଡିକର ପଞ୍ଜୀକୃତ ନମ୍ବର | ପଞ୍ଜୀକୃତ ଗାଡି ମାଲିକମାନଙ୍କର ନାମ ଏବଂ ଠିକଣା | ପ୍ରେରଣ କରାଯାଇଥିବା FORM-37 ନୋଟିସର ପତ୍ର ସଂଖ୍ୟା ଓ ତାରିଖ | ସମ୍ପୃକ୍ତ ଗାଡିର ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କର ନାମ |
|---|---|---|---|---|
| 1. | OD09P3246 | Sanjay Singh, S/o: Bansraj Singh, D B Singh, Hudisahi, Joda, Dist.: Keonjhar, Odisha-758034 | No. 87 /Dt.03.06.2025. AND No.1025 / Dt.19.06.2025 | BANK OF INDIA, JODA BRANCH, JODA, KEONJHAR |

ଅତଏବ, ଖବର କାଗଜ ବିଜ୍ଞାପନ ମାଧ୍ୟମରେ ଉପରୋକ୍ତ ଗାଡିଗୁଡିକର ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି ଉକ୍ତ ବିଜ୍ଞାପନ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ **FORM-37** ର ନୋଟିସ୍ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ବ୍ୟକ୍ତିଗତ ଗ୍ରହଣ କରିବା ସହିତ ନୋଟିସର ଉତ୍ତର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କୁ ସେହି ୧୫ ଦିନ ମଧ୍ୟରେ ପ୍ରଦାନ କରିବା ହେବେ। ଯଦି **FORM-37** ନୋଟିସର ଉତ୍ତର ଆପଣଙ୍କ ଠାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରାପ୍ତ ନହୁଏ ତେବେ ଗ୍ରହଣ କରାଯିବକି ଉକ୍ତ ନୋଟିସ୍ ବିରୁଦ୍ଧରେ ତୁମ୍ଭର କିଛି କହିବାର ନାହିଁ। ନିୟମ ଅନୁସାରେ ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ଉକ୍ତ ଗାଡିଗୁଡିକର ରେଜିଷ୍ଟ୍ରେସନ ସାର୍ଟିଫିକେଟ ରଦ୍ଦ କରିବା ସହିତ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରାଯିବ।

ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ
ବଡ଼ବିଲ, ଜିଲ୍ଲା: କେନ୍ଦୁଝର

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025, I **Venkata Ramana Patnala,** Address: Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Venkata Ramana to **Venkata Ramana Patnala.** Henceforth, I shall be known as **Venkata Ramana Patnala** for all purposes.

Venkata Ramana Patnala

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I HARSH KUMAR PAREKH, S/o- GAUTAM CHAND PAREKH, resident of Main Road, Po/PS- KOTPAD, Dt-Koraput, Odisha -764058, Odisha declare by this Affidavit No.757, Dated - 05/08/2025, that now onwards I shall be known as **HARSH PAREKH** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RAJENDRA PRASAD SUBUDHI, S/o- CHINARI KRUSHNA MURTY SUBUDHI, resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.787, Dated - 06/08/2025,that now onwards I shall be known as **CH RAJENDRA PRASAD SUBUDHI** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RUKMUNI SUBUDHI, W/o- CH RAJENDRA PRASAD SUBUDHI , resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.755, Dated - 05/08/2025,that now onwards I shall be known as **CH ROJARANI SUBUDHI** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 06-08-2025 I, Mamata Naik, At- Bijaykrushnachandrapur, PO- Deuli, PS-Chandua, Dist- Mayurbhanj, Pin- 757021 declare that I have changed the name of my son from ATUTOSH BEHERA to ASUTOSH BEHERA. Henceforth, he shall be known as **ASUTOSH BEHERA** for all purposes.

Mamata Naik

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 03-06-2025 I, Sukulal Tudu, Address AT- Bhola, PO- Saluadahr, PS-Suliapada, Dist- Mayurbhanj, Pin- 757022 declare that I have changed the name of my son from Phranchis Tudu to Franchish Tudu. Henceforth, he shall be known as **Franchish Tudu** for all purposes.

Sukulal Tudu

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I GOUTAM CHANDJI PARAKH, S/o KHOOBCHAND PAREKH, resident of Main Road, Po/PS- KOTPAD, Dt-Koraput, odisha - 764 058, Odisha declare by this Affidavit No.786, Dated - 06/08/2025, that now onwards I shall be known as **GAUTAM CHAND PAREKH** for all future purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025 I **Jyotchna Patnala,** Address Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Jyotchna to **Jyotchna Patnala.** Henceforth, I shall be known as **Jyotchna Patnala** for all purposes.

Jyotchna Patnala

**AFFIDAVIT**

By virtue of an affidavit (CF No. 01, date- 07/08/2025) sworn before The Executive Magistrate, Padampur. I, **Lilima Mahananda** (new name), resident of At- Dangarmunda, PS- Gaisilat, Dist- Bargarh, Odisha declare that I have changed my name from **Nili Mahananda** (old name) to **Lilima Mahananda** (new name). Henceforth, I shall be known as **Lilima Mahananda** (new name), D/o Gobinda Mahananda for all future purposes.

**Lilima Mahananda**

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no- 2866, dated 21/07/2025 I, **Rajani Nayak,** W/o- Ranjita Nayak of Address At- Bhapur, Po- Badasireipur, Ps- Banpur, Dist- Khordha declare that I have changed my name from **Kahari Dei** to **Rajani Nayak.** Henceforth, I shall be known as **Rajani Nayak** for all purposes.

**Rajani Nayak**

**AFFIDAVIT**

I, Rahul Kumar Jain, aged about 31 years, S/o- Binod Kumar Jain, resident of Tushura, Po- Tusra, Ps- Tushura, Dist- Bolangir, Odisha, Pin- 767030 declare by this affidavit No. 1576, dtd. 07/08/2025, that now onwards I shall be known as **RAHUL JAIN** for all future purposes.

**AFFIDAVIT**

I, **Sofia Bibi,** D/o: Sheik Mobarak W/o Sk Zabir, resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No.3103 dtd: 05/08/2025 that my name is mentioned as Sufiya Khatoon D/o: Shaikh Mobarak in Transfer Certificate. I declare that **Sufiya Khatoon** and **Sofia Bibi** is one and same person.

**Sd/- Sofia Bibi**

**AFFIDAVIT**

I, **SK. ZABIR,** S/o SK. Razak resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No. 3104 dtd: 05/08/2025 that my name is mentioned as Shaik Zabir S/o: Shaik Razaque in Transfer Certificate. I declare that **SK. Zabir** and **Shaik Zabir** is one and same person.

**Sd/- SK Zabir**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated- 06.08.2025, I **Deepanjali Nayak,** W/o- Ashok Nayak, resident of At- Patanebalipatana, Po.- Kunjuri, PS.- Khordha Sadar, Dist.- Khordha, Odisha- 752056 declare that I have changed my name from **Deepanjili Nayak** to **Deepanjali Nayak.** Henceforth I shall be known as **DEEPANJALI NAYAK** for all purposes.

**Deepanjali Nayak**

### ସିଏଚଓଙ୍କୁ ଗୋଷ୍ଠୀସ୍ୱାସ୍ଥ୍ୟ ଅଧୀକ୍ଷକଙ୍କ ମାନସିକ ନିର୍ଯାତନା ଅଭିଯୋଗ

# ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ଫେରାଦ

ଭଣ୍ଡାରିପୋଖରୀ,୭।୮ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବହୁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନେ ନିର୍ଯାତନା ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଜିଲ୍ଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦ୍ୱାରସ୍ଥ ହୋଇଛନ୍ତି। ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କୁ ମାନସିକ ନିର୍ଯାତନା, ବ୍ୟକ୍ତିଗତ ମର୍ଯ୍ୟାଦାହାନୀ ଟୀକା ଟିପ୍ପଣୀ ପ୍ରଦାନ, କାର୍ଯ୍ୟାଳୟରେ ମନ୍ଦ ଉଦ୍ଦେଶ୍ୟ ସୂଚକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ, ଧାର୍ମିକ ଆକ୍ଷେପ, ଲିଙ୍ଗଗତ ଭେଦଭାବପୂର୍ଣ୍ଣ ପ୍ରଶ୍ନ ପଚାରିବା ଭଳି ଗୁରୁତର ଅଭିଯୋଗ ଅଧକ୍ଷକଙ୍କ ବିରୋଧରେ ଆଣିଛନ୍ତି। ମାସିକ ରତୁସ୍ରାବ ଛୁଟି ଦରଖାସ୍ତ ମଞ୍ଜୁର ପାଇଁ ମେଡିକାଲ ପରୀକ୍ଷା ଜରୁରୀ ବୋଲି ଅଧୀକ୍ଷକ ପୂର୍ବସର୍ତ୍ତ ଆରୋପ କରୁଛନ୍ତି। ଏହାର ପ୍ରତିବାଦ କରୁଥିବା ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ଦରମା ବନ୍ଦ କରାଯାଉଛି। ସେମାନଙ୍କ ଚାକିରି ସମାପ୍ତ କରିବା ଧମକ ଦିଆଯାଉଛି। ଦୈନିକ କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ଅତିକ୍ରାନ୍ତ ହେବା ପରେ ବେଆଇନ ଭାବେ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ କାର୍ଯ୍ୟ ଯାଞ୍ଚ ପାଇଁ ପଠାଯାଉଛି। ଏ ସମ୍ପର୍କରେ ଜିଲ୍ଲା ଆଭ୍ୟନ୍ତରୀଣ କମିଟି ନିକଟରେ ଲିଖିତ ଅଭିଯୋଗ କରି ଡା. ସ୍ୱାଇଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଧୀକ୍ଷକଙ୍କ ଉଭୟ କାର୍ଯ୍ୟାଳୟ ଓ ଅଣକାର୍ଯ୍ୟାଳୟଗତ ଆଚରଣ ଓ ଉଚ୍ଚାରଣ ଯୋଗୁଁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନେ କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ହସ୍ତଗତ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅଭିଯୋଗର ତଦନ୍ତ ଗୁରୁବାର ଆରମ୍ଭ କରିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଡା. ସ୍ୱାଇଁ ଗତ ୨୦୧୩ ମସିହାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ଭାବେ ଅବସ୍ଥାପିତ ହୋଇଥିଲେ। ଗତ ୨୦୧୮ ମସିହା ଅକ୍ଟୋବର ୧୫ ତାରିଖରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଭାବେ କାର୍ଯ୍ୟକରିଆସୁଛନ୍ତି। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ୩ଟି ପଦୋନ୍ନତି ହାସଲ କରିସାରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ନାମରେ ମାଳମାଳ ଅଭିଯୋଗ ବିଭିନ୍ନ ସ୍ତରରେ ହୋଇଆସୁଛି। ସବୁକିଛି ଅଭିଯୋଗକୁ ସଫଳତା ସହ ଅତିକ୍ରମ କରି ଆସୁଥିବା ଡା. ସ୍ୱାଇଁଙ୍କୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକରିବା ପାଇଁ ଗତ ୬ ମାସ ପୂର୍ବେ ଆଦେଶ ଦେଇଥିଲେ। ତାହାକୁ ମଧ୍ୟ ସେ ବିଫଳ କରିଦେଇଥିଲେ। ଏବେ ସଦ୍ୟ ଅଭିଯୋଗ ଡା. ସ୍ୱାଇଁଙ୍କୁ ଅଡୁଆ ପରିସ୍ଥିତିରେ ପକାଇଥିବା ଜଣାଯାଇଛି। ଅଭିଯୋଗ ସମ୍ପର୍କରେ ଅବଗତ ଅଛନ୍ତି, ତଦନ୍ତ ହେଲେ ଜଣାପଡିବ ବୋଲି ଡା.ସ୍ୱାଇଁ ପ୍ରତିକ୍ରିୟା ରଖିଛନ୍ତି।



**ସିଡିଏମ୍ଓଙ୍କ ତଦନ୍ତ ଆରମ୍ଭ**

# କାଉପୁରରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ

ଭଦ୍ରକ,୭।୮(ସମିସ): ଗୁରୁବାର ସାବରଙ୍ଗ କଲ୍ୟାଣ ମଣ୍ଡପରେ "ମୋ ପଞ୍ଚାୟତରେ ମୋ ତହସିଲ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି କାଉପୁର ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ସୁକାନ୍ତ କୁମାର ଦାଶ, ରାଜସ୍ୱ ପରିଦର୍ଶକ ଦ୍ୱୟ ଜ୍ୟୋତିରଂଜନ ପଣ୍ଡା, ବିକାଶ କୁମାର ଦାସ, ସାବରଙ୍ଗ ରାଜସ୍ୱ ନିରୀକ୍ଷକ ତ୍ରିଲୋଚନ ମଲ୍ଲିକ ଓ କାଉପୁର ରାଜସ୍ୱ ନିରୀକ୍ଷକ ଦିପ୍ତିରେଖା ସ୍ୱାଇଁଙ୍କ ସମେତ ସାବରଙ୍ଗ, ଅଟୋ, କାଉପୁର, ସିରାପୁର, ରାଉତରାଗଡିଆ ପାଟଣା, ଜିରାଗମ୍ଭୀରା ଅଞ୍ଚଳର ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ଏବେ ସରକାରଙ୍କ ତରଫରୁ ପ୍ରାଧାନ୍ୟ ଦିଆଯାଉଥିବା ପଟ୍ଟାର ଦୁଇଖାନାରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ୟୁପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ୍ୟ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ତତ୍ ସଙ୍ଗେସଙ୍ଗେ ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କ ବିଭିନ୍ନ ରାଜସ୍ୱ ସମସ୍ୟାର ସମାଧାନ କରାଯାଇଥିଲା। ସାବରଙ୍ଗ ଓ କାଉପୁର ପଞ୍ଚାୟତବାସୀଙ୍କୁ ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ବିଷୟରେ ଅବଗତ କରାଯାଇଥିଲା। କୌଣସି ରାଜସ୍ୱ ସେବା ପାଇବା ପାଇଁ ତହସିଲଦାର, ରାଜସ୍ୱ ନିରୀକ୍ଷକ ବା ଅନ୍ୟ କୌଣସି ତହସିଲ କର୍ମଚାରୀଙ୍କ ନାମ ନେଇ ମଧ୍ୟସ୍ଥିତା କାରବାର କରୁଥିବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ମାଗୁଥାନ୍ତି, ତେବେ ଏହା ବିଷୟରେ ସଂପୃକ୍ତ ଅଧିକାରୀଙ୍କୁ ଜଣାନ୍ତୁ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ୱାଡର୍ ମେମ୍ବର ଓ ଗ୍ରାମବାସୀ ସଂପୂର୍ଣ୍ଣ ଭାବେ ଯୋଡ଼ି ହୁଅନ୍ତୁ। ଏଥିସହିତ ଗ୍ରାମପଞ୍ଚାୟତବାସୀଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ସହ କାର୍ଯ୍ୟକ୍ରମର ଗୁରୁତ୍ୱକୁ ବୁଝିବାକୁ ତହସିଲଦାର ପରାମର୍ଶ ଦେଇଥିଲେ। ଏଥି ସହିତ ତହସିଲଦାର ଶ୍ରୀ ଖୁଣ୍ଟିଆ କ୍ରମାଗତ ଭାବରେ ଭଦ୍ରକ ତହସିଲ ଅଧିନସ୍ଥ ସମସ୍ତ ଗ୍ରାମପଞ୍ଚାୟତ ଗୁଡ଼ିକରେ ରାଜସ୍ୱ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଅତିରିକ୍ତ ତହସିଲଦାର ଓ ତହସିଲଦାର ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଓଲଙ୍ଗ, କୋଡବରୁଆଁ, ହରିପୁର, କୋର୍କୋରା, ଗେଲପୁର, ଆମ୍ବରୋଳି, ଏରେଇଁ, ବହୁଦରଡ଼ା, କାଉପୁର ଓ ସାବରଙ୍ଗ ପଞ୍ଚାୟତ ମାନଙ୍କରେ "ମୋ ପଞ୍ଚାୟତରେ ମୋ ତହସିଲ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଲାଣି।



## ମୁଗ, ବିରି ଚାଷୀ ସହାୟତାରୁ ବଞ୍ଚିତ

ଦୋଳସାହି,୭।୮ (ସମିସ): ତିହିଡ଼ି ବ୍ଲକ୍‌ରେ ଚଳିତବର୍ଷ ଗୁଆମାଳ ପଞ୍ଚାୟତ ଓ ତଳଗୋପବିନ୍ଧା ପଞ୍ଚାୟତର ମୁଗ ଓ ବିରି ଚାଷୀଙ୍କୁ ସରକାରଙ୍କ ତରଫରୁ ଏକର ପ୍ରତି ଆଠ କେଜି ପ୍ରଦାନ କରାଯାଇଥିଲା ବେଳେ ଅଧିକାଂଶ ଚାଷୀ ମୁଗ ଓ ବିରି ପାଇ ନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ତରଫରୁ ଚାଷୀଙ୍କୁ ବିଭିନ୍ନ ପ୍ରକାରର ସରକାରୀ ସହାୟତା ପ୍ରଦାନ କରାଯାଉଥିବା ବେଳେ ଏହି ସରକାରୀ ସହାୟତାରୁ ବାସ୍ତବ ଚାଷୀ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଗୁଆମାଳ ପଞ୍ଚାୟତରେ ଛୋଟ ଓ ବଡ ମୁଗ ବିରି ଚାଷୀଙ୍କୁ ୨୦ କୁଇଣ୍ଟାଲ ମୁଗ ଓ ୨୦ କୁଇଣ୍ଟାଲ ବିରି ଯୋଗାଇ ଦିଆଯାଇଥିଲା ବେଳେ ତଳଗୋପବିନ୍ଧା ପଞ୍ଚାୟତରେ ମୁଗ ୧୦ କୁଇଣ୍ଟାଲ ଓ ବିରି ୧୦ କୁଇଣ୍ଟାଲ ମୁଗ ବିରି ଚାଷୀଙ୍କୁ ସହାୟତା କରାଯାଇଥିବା ତିହିଡି ବ୍ଲକ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବିପଦପୂର୍ଣ୍ଣ ପୁରୁଣା ଗଛ କାଟିବା ପାଇଁ ଅନୁମତି

ବନ୍ତ/ଆଗରପଡ଼ା, ୭।୮ (ସମିସ): ଜୁଲାଇ ୧୫ ତାରିଖରେ 'ପୁରୁଣା ଗଛ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟ ପାଇଁ ବିପଦ; କାର୍ଯ୍ୟାନୁଷ୍ଠାନ ଦାବିରେ ବିଭାଗୀୟଅଧିକାରୀଙ୍କୁ ପତ୍ର' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଡ଼ିଏଫଓ, ଭଦ୍ରକ ପତ୍ର ସଂଖ୍ୟା ୩୩୨୭/୩ଏଫ-୨୩୬/୨୦୨୫,ତା୦୬.୦୮.୨୫ରେ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଗଛକୁ କାଟିବା ପାଇଁ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି। ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଯୋଜନା ଗୁଡ଼ିକର ସଫଳ ରୂପାୟନ ହୋଇପାରୁନଥିବା ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ଶିକ୍ଷାଧିକାରୀଙ୍କ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟର ଗତ ୧୫ ଦିନ ତଳେ ଏକ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଗଳିପଡ଼ିଥିବାର ଦେଖିବାକୁ ମିଳିଥିଲା। ସୌଭାଗ୍ୟବସତଃ ଶ୍ରେଣୀ ଗୃହରେ କେହିବି ପିଲା ଉପସ୍ଥିତ ନ ଥିବାରୁ ବିପଦରୁ ରକ୍ଷା ମିଳିଯାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ପରେ ମରାମତି କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ବିଦ୍ୟାଳୟର ସମ୍ମୁଖ ଭାଗରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଇନଥିବାରୁ ଏବଂ ବିଦ୍ୟାଳୟ ସମ୍ମୁଖ ଭାଗରେ ଯାଇଥିବା ରାସ୍ତା ବିଦ୍ୟାଳୟ ପରିସରରୁ ଅଧିକ ଉଚ୍ଚତାରେ ଥିବାରୁ ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାରୁ ପାଣି ବିଦ୍ୟାଳୟ ପରିସରକୁ ପଶୁଥିବା ବେଳେ ବିଦ୍ୟାଳୟ ପରିସରର ପାଣି ମଧ୍ୟ ନିଷ୍କାସନ ହୋଇ ନ ପାରି ଜମି ରହି ପିଲାଙ୍କ ପାଇଁ ଆଉ ଏକ ବିପଦ ସୃଷ୍ଟି କରୁଛି। ଆଗାମୀ ଦିନରେ ଏହା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କୁ ପ୍ରଭାବ ପକାଇବା ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ବହୁ ପୁରୁଣା ଗଛ ଥିବା ବେଳେ ଏହା ବର୍ଷ ବର୍ଷ ଧରି କଟା ଯାଉନଥିବାରୁ ବର୍ତ୍ତମାନ ଉକ୍ତ ଗଛ ବିଦ୍ୟାଳୟ ଶ୍ରେଣୀ ଗୃହ ସମେତ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ବିଦ୍ୟାଳୟଗୃହ ସମେତ ପିଲାଙ୍କ ଜୀବନକୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ସ୍ଥାନୀୟ ସରପଞ୍ଚ, ପରିଚାଳନା କମିଟି ସଭାପତି, ସଭ୍ୟ/ସଭ୍ୟା ଓ ଅଭିଭାବକଙ୍କ ସହ ଆଲୋଚନା ପରେ ଜିଲ୍ଲାପାଳ, ତହସିଲଦାର, ବନ୍ତ, ରାଜସ୍ୱ ନିରୀକ୍ଷକ ଓ ଫରେଷ୍ଟର ଆଗରପଡ଼ା, ଗୋଷ୍ଠୀ ଶିକ୍ଷାଧିକାରିଣୀ, ବନ୍ତ ପ୍ରମୁଖଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।



# ଜିଲ୍ଲାସ୍ତରୀୟ ସାଂସ୍କୃତିକ ନୃତ୍ୟ ଚୟନ କାର୍ଯ୍ୟକ୍ରମ

ଭଦ୍ରକ,୭।୮ (ସମିସ): ଆଜି ଜିଲ୍ଲା ସଂସ୍କୃତି ଭବନଠାରେ ଅଗଷ୍ଟ ୧୫ ଉପଲକ୍ଷେ ଏକ ଜିଲ୍ଲା ସ୍ତରୀୟ ସାଂସ୍କୃତିକ ନୃତ୍ୟ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ଜିଲ୍ଲାର ଅନେକ ସ୍କୁଲ ଭାଗ ନେଇଥିଲେ। ସେଥିରୁ କୃତିତ୍ୱ ଅର୍ଜନ କରିଥିବା ପ୍ରମୁଖ ତିନି ଦଳ ଭଦ୍ରକ କଲେଜ ପଡିଆ ଠାରେ ଅଗଷ୍ଟ ୧୫ ଦିନ ହେଉଥିବା ପେରେଡ ରେ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ରୋଟାରିଆନ ଅତିସ କୁମାର ବେହେରା ଓ ମିନାକ୍ଷୀ ଗରାବଡୁ। ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ପ୍ରଥମ, ଦ୍ୱିତୀୟ, ତୃତୀୟସ୍ଥାନ ଅଧିକାର କରିଥିବା ସ୍କୁଲ ହେଉଛନ୍ତି ଯଥାକ୍ରମେ କାର୍ମେଲ ସ୍କୁଲ, ଭଦ୍ରକ, ସେଣ୍ଟ ଜାଭିୟର୍ସ, ଚରମ୍ପା, ଜ୍ୟୋତି କନଭେଣ୍ଟ ସ୍କୁଲ, ଭଦ୍ରକ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଚୟନକାରୀ ଥିଲେ ଦିବ୍ୟଜ୍ୟୋତି ବିଶ୍ୱାଳ, ପ୍ରଜ୍ଞା ପ୍ରିୟଦର୍ଶିନୀ ପାଣି, ପ୍ରଭାତ କୁମାର ମହାନ୍ତି। ଏଥିରେ କୃତକାର୍ଯ୍ୟ ସମସ୍ତ ପ୍ରତିଯୋଗୀ ତଥା ଚତୁର୍ଥ ସ୍ଥାନରେ ରହିଥିବା ଜିଲ୍ଲା ସ୍କୁଲକୁ ରୋଟାରୀ ମିଡ ଟାଉନ୍ କ୍ଲବ୍ ତରଫରୁ ଟ୍ରଫି ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ।



## କେନାଲରେ ବୁଡି ଯୁବକଙ୍କ ମୃତ୍ୟୁ

ବାରିକପୁର/ଭଣ୍ଡାରିପୋଖରୀ,୭।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବୟା ଗ୍ରାମର ଜୈନିକ ଯୁବକ ୩ ନମ୍ବର ହାଇଲେବୁଲ କେନାଲରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଗ୍ରାମର ରାମଚନ୍ଦ୍ର ସେନାପତିଙ୍କ ଏକମାତ୍ର ପୁଅ ପୀତାମ୍ବର (୨୬)। ଗୁରୁବାର ଚାଷଜମିରୁ ଫେରିବା ବାଟରେ ନିକଟସ୍ଥ କେନାଲ ତୁଠକୁ ଗାଧୋଇବା ପାଇଁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ; ହେଲେ କୌଣସି ସନ୍ଧାନ ପାଇ ନ ଥିଲେ। ଶେଷରେ ଦମକଳବାହିନୀ ପହଞ୍ଚି ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ସୁଦ୍ଧା ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ରାସ୍ତାକଡରେ ଓଲଟିଲା ଟ୍ରକ



ବାରିକପୁର,୭।୮ (ସମିସ): ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର କହରାପୋଖରୀ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଏକ ୧୪ ଚକିଆ ଟ୍ରକ ଓଲଟି ପଡିଥିଲା। ଟ୍ରକଟି କଟକ ପଟୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ତେବେ ଡ୍ରାଇଭର ଓ ହେଲପର ସୁରକ୍ଷିତ ଥିବା ସୂଚନା ମିଳିଛି। ଟ୍ରକରେ କୌଣସି ରାସାୟନିକ ପଦାର୍ଥ ପରିବହନ ହେଉଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ,୭।୮ (ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍କୁଲ ଲିଟରାସି କ୍ଲବ ଗୁଜିଦରଡ଼ା ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ପରି.ଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୌନ ଶୋଷଣରେ ଶିକାର ହେଉଥିବା ଶିଶୁଙ୍କ ନିମନ୍ତେ ଥିବା ଆଇନ୍, ନିଶାସେବନର ଅପକାରିତା ତଥା ନିଶା ମୁକ୍ତ ନିମିତ୍ତ ସଚେତନତା ମୂଳକ ଆଦି ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ନାଲସା ହେଲ୍ପ ଲାଇନ୍ ନମ୍ବର ୧୫୧୦୦ ର ସଠିକ୍ ବ୍ୟବହାର ସଂପର୍କରେ ମଧ୍ୟ ସଚେତନତା କରାଯାଇଥିଲା। ଅତିଥିଭାବେ ପ୍ରଫେସର ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ, .ଦବାଲି କଲେଜ, ଭଦ୍ରକ, ତାପସ କୁମାର ମହାନ୍ତି, ସହକାରୀ, ଏଲ୍.ଏ.ଡି.ସି.ଏସ, ଭଦ୍ରକ, ପଙ୍କଜ କୁମାର ସାହୁ, ମୁଖ୍ୟ ପରି.ଳକ, ବିରଞ୍ଚି ନାରାୟଣ ମହାନ୍ତି, ନିୟୁଲାଇଫ ନିଶା ନିବାରଣ ଓ ଅନୁସନ୍ଧାନ କେନ୍ଦ୍ର, ହଳଦିଡିହ, ବାଇପାସ, ଭଦ୍ରକ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ପ୍ରଧାନ ଶିକ୍ଷୟିତ୍ରୀ, ଗୁଜିଦରଡ଼ା ଉଚ୍ଚବିଦ୍ୟାଳୟ, ଭଦ୍ରକ ସ୍କୁଲ ଲିଗାଲ ଲିଟରାସି କ୍ଲବର ଭାରପ୍ରାପ୍ତ ଶିକ୍ଷକ ଅଜମଲ ହୋସେନ ଖାନ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଏକାଦଶାହରେ ସ୍ମୃତିସଭା



ଦୋବଲ,୭।୮ (ସମିସ): ଦୋବଲ ପଞ୍ଚାୟତ ଶୋଧ ଗ୍ରାମର ସାମାଜସେବୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଅର୍ଜୁନ ଚରଣ କୁଣ୍ଡୁଙ୍କ ଏକାଦଶାହରେ ସ୍ମୃତିସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୃତିବାସ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୂର୍ବତନ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ବିନୋଦ ନାୟକ, ବିଜେଡ଼ି ବ୍ଲକ ସଭାପତି ପ୍ରତାପ ସାମଲ, କବି ଦୟାନିଧି ମିଶ୍ର, ଭାଜପା ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ କୁମାର ସୂତାର, ସରପଞ୍ଚ ଅଶୋକ କୁମାର ପଣ୍ଡା, ସମିତିସଭ୍ୟାପ୍ରତିନିଧି ସଂଜିତ ସାହୁ, ସମାଜସେବୀ ସେକ ତାଜୁଦ୍ଦିନ, ଯୁଧିଷ୍ଠିର ପଣ୍ଡା, ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ର, ସେବା ନିବୃତ୍ତ ଶିକ୍ଷକ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କେଶବ ଚନ୍ଦ୍ର ପଣ୍ଡା, ହୃଦାନନ୍ଦ କର, କନକଲତା ଦେବୀ, ଧୀରେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ଜଳ ନିଷ୍କାସନ ପଥ ଅବରୋଧ; ବ୍ୟାପକ ଧାନଚାଷ ନଷ୍ଟ

# ଚାଷୀଙ୍କ ଗଣଧାରଣା ଚେତାବନୀ

ବନ୍ତ/ଆଗରପଡ଼ା,୭।୮ (ସମିସ)

ବନ୍ତ ବ୍ଲକ ବିଟିପୁର ପଞ୍ଚାୟତର ବିଟିପୁର, ରାଉତରାପୁର ଏବଂ ଅନ୍ୟାନ୍ୟ ରାଜସ୍ୱ ସ୍ଥାୟୀ ଗ୍ରାମର ବାସିନ୍ଦା ଏସଡ଼ିଓ, ଆଗରପଡ଼ା ଗ୍ରୀଡ଼ ସବ୍‌ଷ୍ଟେସନ(୧୩୨/୩୩) କେଭିଏ, ରାଉତରାପୁରଙ୍କଠାରେ ଆଗରପଡ଼ା-ବଉଳା ରାସ୍ତାରୁ ଗ୍ରୀଡ଼କୁ ଯାଇଥିବା ସରକାରୀ ରାସ୍ତାରେ ପାଣି ନିଷ୍କାସନକୁ ଅବରୋଧ କରାଯିବାରୁ ବ୍ୟାପକ ଧାନଚାଷ ନଷ୍ଟ ହୋଇଛି। ଏ ନେଇ କ୍ଷୟକ୍ଷତି ସମ୍ବନ୍ଧରେ ଲିଖିତ ଅଭିଯୋଗ ହୋଇଛି। ଗ୍ରୀଡ଼ ସନ୍ନିକଟ ଅନେକ ଚାଷ ଜମି, ବଗିଚା, ମୂଲ୍ୟବାନ ବଗାୟତ (ଶାଗୁଆନ, ଆମ୍ବ ଇତ୍ୟାଦି) ଏବଂ ବାସଗୃହ ରହିଛି। ଇତ୍ୟବସରେ ଲଗାତର ବର୍ଷା ଫଳରେ ଆଗରପଡ଼ା-ବଉଳା ରାସ୍ତା ଠାରୁ ଗ୍ରୀଡ଼ ପର୍ଯ୍ୟନ୍ତ ଯାଇଥିବା ସଉଚ କଂକ୍ରିଟ ରାସ୍ତା ନିର୍ମାଣ ଦ୍ୱାରା ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଘରେ ପାଣି ପସିବା, ଗଛ, ଠ ୪/୫ ଏକର ପରିମିତ ଚାଷ ଜମି ନଷ୍ଟ ହୋଇଯାଇଛି। କଂକ୍ରିଟ୍ ରାସ୍ତାରେ କୌଣସି ଜଳ ନିଷ୍କାସନ ପାଇଁ ସ୍ଥାୟୀ ପୋଲ ନ ଥିବାରୁ ଏକ ଅଣ ଓସାରିଆ ହୋମ୍ ପାଇପ୍‌ରେ ଜଳ ନିଷ୍କାସନ ହୋଇପାରୁନାହିଁ। ଯେଉଁ ନିମ୍ନଗାମୀ ଜଳ ନିଷ୍କାସନର ଡ଼ାହାଣ ପାର୍ଶ୍ୱରେ ଥିବା ଜମି ମାଲିକ (ପ୍ଲଟ ନଂ-୧୧୪୧, ୧୧୪୦) ଗ୍ରୀଡ଼ କଂକ୍ରିଟ୍ ରାସ୍ତା ପାର୍ଶ୍ୱର ସରକାରୀ ଜମିକୁ ୪/୫ ଫୁଟ ଉଚ୍ଚତାର ବେନିୟମ ଭାବେ ମାଟି ପକାଇ ଶହ ଶହ ବର୍ଷ ହେଲା ଜଳ ନିଷ୍କାସନ ପାଇଁ ଯାଉଥିବା ରାସ୍ତାକୁ ଅବରୋଧ କରିଛନ୍ତି। ହେଲେ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅବରୋଧ ଯୋଗୁଁ ୨୦/୨୫ ଜଣ ଚାଷୀ ବର୍ଷ ବର୍ଷ ଧରି ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ତେଣୁ ତୁରନ୍ତ ଗ୍ରୀଡ଼କୁ ଯାଇଥିବା ନିଜସ୍ୱ କଂକ୍ରିଟ୍ ରାସ୍ତାରେ ଜଳ ନିଷ୍କାସନ ପାଇଁ ଏକ ପୋଲ ନିର୍ମାଣ କରି ଡ଼ାହାଣ ପାର୍ଶ୍ୱରେ ଥିବା ସରକାରୀ ଜମିରେ ଡ୍ରେନ୍ କରାଇ ଆଗରପଡ଼ା-ବଉଳା ମୁଖ୍ୟ ରାସ୍ତାରେ ଥିବା ଏକ ଜଳ ନିଷ୍କାସନ ପୋଲ ପର୍ଯ୍ୟନ୍ତ (କଣ୍ଡା ଗଡିଆ ନିକଟ) ପ୍ରଶସ୍ତ କରାଇବା ସହ ଚାଷୀମାନେ ଦାବି କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଏହି ଦାବି ପୂରଣ ନ ହେଲେ ବିଭାଗର ମୁଖ୍ୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗର ଏକକିତା ନକଲ ମୁଖ୍ୟମନ୍ତ୍ରୀ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପଠାଇ ଦିଆଯାଇଛି।

### କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ ଆତ୍ମସାତ୍ ଅର୍ଥ ଫେରାଇଲେ ପିଇଓ

# ଦୁଇ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାସୁଦେବପୁର,୭।୮ (ସମିସ)

ଅରଣ୍ଡୁଆ ପଞ୍ଚାୟତର ତମ୍ବାଖଣ୍ଡି ଗ୍ରାମର କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ କରି ଆତ୍ମସାତ କରିଥିବା ଅର୍ଥକୁ ତରବରିଆ ଭାବେ ପିଇଓ ଫେରସ୍ତ କରିଥିବା ନେଇ ବାସୁଦେବପୁର ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି। ଆବାସ ଘର ଦେଖାଇ ଫଲ୍ସ ବିଲ କରିଥିବା କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପତି ଓ ଅର୍ଥ ଆତ୍ମସାତ କରିଥିବା ପିଇଓ ସର୍ବଶ୍ରୀ ପଟ୍ଟନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁସାରେ, ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତର କମ୍ୟୁନିଟି ସେଣ୍ଟର ନାମରେ ତମ୍ବାଖଣ୍ଡି ଗ୍ରାମର ଜଣେ ହିତାଧିକାରୀଙ୍କ ଆବାସ ଘର ଦେଖାଇ ୧ ଲକ୍ଷ ୧୩ ହଜାର ୪ଶହ ଟଙ୍କା ପିଇଓ ସର୍ବଶ୍ରୀ ପଟ୍ଟନାୟକ ସରକାରୀ ଅର୍ଥ ଲୁଟିନେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ଗଣମାଧ୍ୟମରେ ଏକ ଖବର ପ୍ରକାଶ ପାଇଥିଲା। ଫଳରେ ବ୍ଲକ ପ୍ରଶାସନର ନିଦ ଭାଙ୍ଗିଲା। ନିଜ ମୁଣ୍ଡରୁ ଦୋଷ ଖାଇବାକୁ ଯାଇ ତରବରିଆ ଭାବେ ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ ତଦନ୍ତ କଲେ। ଖୋଦ ସହକାରୀ ଯନ୍ତ୍ରୀଙ୍କ ଦସ୍ତଖତରେ ବିଲ୍ ପାରିତ ହୋଇଛି। କାହିଁକି କାମ ଯାଞ୍ଚ ନ କରି ବିଲ ଦସ୍ତଖତ କଲେ ଏବଂ ଅର୍ଥ ଆତ୍ମସାତକାରୀଙ୍କୁ କିଛି ଫେବର କରିଥିଲେ କି ସହକାରୀ ଯନ୍ତ୍ରୀ। ପଞ୍ଚାୟତର ଠାରୁ ବ୍ଲକ ଅଧିକାରୀ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ସବୁ ଲୁଟ୍‌ରେ ଜଡିତ ଥିବାର ଆଲୋଚନା ହୋଇଥିଲା। ଗ୍ରାମବାସୀ ସେଣ୍ଟର ଫଲ୍ସ ବିଲ ଘଟଣାକୁ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ବିଡିଓ ଗଣମାଧ୍ୟମଠାରୁ ସୂଚନା ପାଇ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ କରିବା ନିମନ୍ତେ ପଠାଇଥିଲେ। ବିଭାଗୀୟ ଅଧିକାରୀଙ୍କ ନାମରେ ସିଏଫସି କାର୍ଯ୍ୟାଦେଶ ରହିଛି। କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ କମିଶନଙ୍କ ୨୦୨୪-୨୫ ମସିହାର ଅର୍ଥ ସିଧାସଳଖ ପଞ୍ଚାୟତକୁ ଆସିଥାଏ। ପଞ୍ଚାୟତ ସମିତିର ହସ୍ତକ୍ଷେପ ନ ଥାଏ। କାମ ପୂର୍ବରୁ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପତି ଜାଗା ନ ଦେଖିବା, ଲେଆଉଟ୍ ନଦେବା, ଜାଗାକୁ ନ ଆସି ଫଲ୍ସ ବିଲ କଲେ କିପରି ବୋଲି ପ୍ରଶ୍ନ ଉଠିଛି। ଜଣେ ଦଲାଲ ରଖି ଫଲ୍ସ ବିଲ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଲ୍ସ ବିଲ ପୈଠ ସମୟରେ ସହକାରୀ ଯନ୍ତ୍ରୀ କାମ ଯାଞ୍ଚ କରିବା କଥା; କିନ୍ତୁ ସେ କରିନାହାନ୍ତି। ତଦନ୍ତ ବେଳେ ଫଲ୍ସ ବିଲ ଜାଣିପାରି ତୁରନ୍ତ ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ଦେଲେ। ଅର୍ଥ ଲୁଟେରା ନିଜକୁ ବଞ୍ଚାଇବାକୁ ଅର୍ଥ ବ୍ଲକର ପୈଠ କରିଛନ୍ତି। ଲୁଟେରାଙ୍କ ବିରୋଧରେ ଥାନାର ଏତାଲା ଦେଇ କ୍ରିମିନାଲ ପ୍ରୋସିଡିଂ ବଦଳରେ ପ୍ରଶାସନ ସୁରକ୍ଷା କବଚ ସାଜିଛି। କେନ୍ଦ୍ର ସରକାରଙ୍କ ଅନୁମୋଦନ ଅର୍ଥ ବ୍ଲକର କୌଣସି ଆକାଉଣ୍ଟରେ ଡିପୋଜିଟ ହୋଇପାରିବ ନାହିଁ। ଯେଉଁମାନେ ଅର୍ଥ ଡିପୋଜିଟ କଲେ ସରକାରୀ ଅର୍ଥ ଲୁଟ କରିଥିଲେ ବୋଲି ସ୍ୱୀକାର କଲେ। ବିଡିଓ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ତେଣୁ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ ବ୍ଲକ ଘେରଉ ସହିତ ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଉଚ୍ଛେଦ ସରକାରୀ ଜମିରେ ଉଠାଦୋକାନୀଙ୍କ ପସରା ପୁଣି ଆରମ୍ଭ

ଭଦ୍ରକ, ୭।୮ (ସମିସ)

ଦୀର୍ଘ ବର୍ଷ ଧରି ସରକାରୀ ଜମିରେ ଜବର ଦଖଲ କରି ତହିଁରେ ସ୍ଥାୟୀ, ଅସ୍ଥାୟୀ ଦୋକାନଘର କରି ଗୁଜାରଣ ମେଣ୍ଟାଉଥିବା ଶହ ଶହ ଛୋଟବଡ଼ ବ୍ୟବସାୟୀଙ୍କୁ ଜିଲ୍ଲା ପ୍ରଶାସନ ଗତ ବର୍ଷ ଅଗଷ୍ଟ ମାସରେ ଉଚ୍ଛେଦ କଲା। ଏହି ଉଚ୍ଛେଦରେ ଛୋଟ ଛୋଟ ଅବରୋଧଠାରୁ ଆରମ୍ଭ କରି ବଡ ବଡ କୋଠାଘର, ପାଚେରି, ଏପରିକି ୩ମହଲା, ୨ ମହଲା କୋଠାଘରକୁ ପ୍ରଶାସନ ଧରାଶାୟୀ କରିଦେଲା। ଗତ ଅଗଷ୍ଟ ୧ରୁ ଆରମ୍ଭ ହୋଇଥିବା ଏହି ଉଚ୍ଛେଦକୁ ବର୍ଷେ ଅତିକ୍ରମ କରିଛି। ଅଦ୍ୟାବଧି ଉଚ୍ଛେଦ ପରେ କିଛି ଗଡା ଗଲାନାହିଁ କି କାହାରିକୁ ଥଇଥାନ କରାଗଲାନି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ଏହି ଉଚ୍ଛେଦ ପ୍ରକ୍ରିୟାରେ ସହରର ମୁଖ୍ୟରାସ୍ତାକୁ ଜବରଦଖଲ କରି ମାଡି ବସିଥିବା ଟ୍ରଲି ଓ ଉଠାଦୋକାନୀଙ୍କ ସହ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ଧ୍ୱଂସବିଧ୍ୱସ୍ତ ହୋଇଥିଲା। ଏହି ଉଚ୍ଛେଦ ପ୍ରକ୍ରିୟା ଅପର୍ତିବିନ୍ଧା ଛକଠାରୁ ଲୋକନାଥ ମନ୍ଦିର ପର୍ଯ୍ୟନ୍ତ ଆରମ୍ଭ ହୋଇ ପରେ କଲେଜରୋଡ, ନୂଆବଜାର, ରାଜଘାଟଛକ, ଜଗନ୍ନାଥପୁର, ବନ୍ତଛକରୁ ଚାରିଘରିଆ ଓ ମୋଟେଲ ଛକରୁ ଗବସାହି ଯାଏଁ ପୁଣି ଚରମ୍ପା ବଜାର ଯାଏଁ କରାଯାଇଥିଲା।

ବିଶେଷ କରି ଭଦ୍ରକ ସହରର ପ୍ରମୁଖ ରାସ୍ତା ଓ ଜଳ ନିଷ୍କାସନ ପଥକୁ ଅବରୋଧ କରିବା ସହ ବିଭିନ୍ନ ସରକାରୀ କିସମ ଜମିକୁ ଅକ୍ତିଆରରେ ରଖିଥିବା ଜବରଦଖଲକାରୀ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ସେହିଭଳି ଦୀର୍ଘବର୍ଷ ଧରି ଅସ୍ଥାୟୀ ଦୋକାନୀ ଓ ଠେଲା ଉଠାଦୋକାନୀମାନେ ବେଆଇନଭାବେ ବେପାର କରି ରାସ୍ତାକୁ ସଂକୁଚିତ କରି ଟ୍ରାଫିକ ନିୟନ୍ତ୍ରଣ ବ୍ୟାହତ କରୁଥିବା ସମସ୍ୟାରୁ ଲୋକଙ୍କୁ ନିସ୍ତାର କରି ଏକ ସରସ, ସୁନ୍ଦର ସହର ଗଢ଼ିବା ହିଁ ଏହି ଅଭିଯାନର ଥିଲା ମୂଳ ଲକ୍ଷ୍ୟ ଥିଲା। ତେବେ ଉଚ୍ଛେଦ ଅଭିଯାନକୁ ବର୍ଷ ବିତିଥିବା ବେଳେ ବି ଉଚ୍ଛେଦ ପରେ ଖାଲି ପଡିଥିବା ସରକାରୀ ଜମିରେ ରାସ୍ତାକାର୍ଯ୍ୟ କି ଡ୍ରେନ ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହେଲାନି। ଆଉ ଉଚ୍ଛେଦ ପରେ ଖାଲି ପଡିଥିବା ଉକ୍ତ ଅବରୋଧମୁକ୍ତ ସ୍ଥାନରେ ଏବେ ପୂର୍ବବତ ଉଠାଦୋକାନୀମାନେ ସେମାନଙ୍କ ବ୍ୟବସାୟ ପସରା ମେଲାଇବା ଆରମ୍ଭ କଲେଣି। ଠେଲା ବେପାରୀମାନେ ବି ଧିରେ ଧିରେ ରାସ୍ତାକଡରେ ବେପାର ଚଳାଇଲେଣି।

**ସରକାରୀ ରାସ୍ତା ଓ ଡ୍ରେନରୁ ଜବରଦଖଲ ଉଚ୍ଛେଦକୁ ବର୍ଷେ**
**'ଭାଙ୍ଗିଦେଲେ, ଗଢ଼ିଲେନି କି ଥଇଥାନ ବି କଲେନି'**
**ସହରରେ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ ଦିବା ସ୍ୱପ୍ନ**

ସବୁଠାରୁ ବିଡମ୍ବନାର କଥା ହେଲା, ଏହି ଉଚ୍ଛେଦରେ କ୍ଷତିଗ୍ରସ୍ତ ଶତାଧିକ ଛୋଟବଡ ବ୍ୟବସାୟୀଙ୍କୁ ଏଯାଏଁ ଥଇଥାନ କରାଗଲାନି। ଥଇଥାନ କରିବା ଦୂରର କଥା, ସେମାନଙ୍କ ଥଇଥାନ ପାଇଁ ଆବଶ୍ୟକ ବିକଳ୍ପ ପଦକ୍ଷେପ ମଧ୍ୟ ବିଧିବଦ୍ଧଭାବେ ଗ୍ରହଣ କରାଗଲାନି। ସେମାନଙ୍କର ଆଶାଥିଲା ତୁରନ୍ତ ଥଇଥାନ କରାଯିବ। ସହରର ସୌନ୍ଦର୍ଯ୍ୟକରଣ ଆଳରେ ବର୍ଷକ ତଳେ ଭଦ୍ରକ ସହରର ମୁଖ୍ୟରାସ୍ତା କଡର ବ୍ୟସାୟୀଙ୍କୁ ପ୍ରଶାସନ ଉଚ୍ଛେଦ କରିଥିଲା। ବର୍ଷକ ପରେ ବି ପ୍ରତିଶ୍ରୁତି ଅନୁଯାୟୀ ଥଇଥାନ କରିଲା ନାହିଁ। ଏହାର ପ୍ରତିବାଦରେ କଚେରୀବଜାର ବଣିକ ସଂଘ ପକ୍ଷରୁ ଗତ ୧ତାରିଖରେ ଦିନକୁ କଳାଦିବସ ଭାବେ ପାଳନ କରାଯାଇ ଏହାର ପ୍ରତିବାଦ କରାଯାଇଛି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ଦଶନ୍ଧି ଧରି ଛୋଟ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀଙ୍କ ଜୀବନ ଜୀବିକା ଧୂଳିସାତ ହୋଇଗଲା ବୋଲି ସଂଘ ପକ୍ଷରୁ ଦର୍ଶାଯାଇଛି। ତିନି ମାସ ମଧ୍ୟରେ ଥଇଥାନ କରାଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଆଜକୁ ବର୍ଷେ ହେଲା କିଛି ବି ସେମାନଙ୍କ ପାଇଁ କରାଯାଇନଥିବାରୁ ସଂଘ ଏହି କଳା ଦିବସ ପାଳନ କରିବା ସହ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ଏ ଦିଗରେ କିଛି ପଦକ୍ଷେପ ନ ନେଲେ ସେମାନେ ଗଣତାନ୍ତ୍ରିକ ଉପାୟରେ ବଡ଼ ଧରଣର ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛି।

ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଶହ ଶହ କ୍ଷତିଗ୍ରସ୍ତ ଦୋକାନୀଙ୍କ ମଧ୍ୟରୁ ମାତ୍ର ୪୬ଦୋକାନୀଙ୍କୁ ଗତ ବର୍ଷ ସେପଟେମ୍ବର ମାସ ୨୭ତାରିଖରେ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି(ଆରଏମସି) ପରିସରରେ ଦୋକାନ ଗୃହ ଲାଟେରୀ ମାଧ୍ୟମରେ ବଣ୍ଟନ କରାଯାଇଥିଲା। ତେବେ ଆରଏମସି କ୍ୟାମ୍ପସରେ ବ୍ୟବସାୟିକ ବାତାବରଣ ନଥିବା କାରଣରୁ କେହି ଦୋକାନୀ ସେଠାରେ ବ୍ୟବସାୟ ଆରମ୍ଭ କରିନଥିବା ଜଣାଯାଇଛି। ତେଣୁ ଉଚ୍ଛେଦରେ ଶିକାର କ୍ଷତିଗ୍ରସ୍ତ ଜଣେ ହେଲେ ଦୋକାନୀ ଏଯାଏଁ ଥଇଥାନ ହୋଇନଥିବା ସ୍ୱତଃ ପ୍ରମାଣିତ ହୋଇଛି। ଆଗକୁ ଏହି ଜନଅସନ୍ତୋଷ ଅଧିକ ଭାବେ ଦେଖାଦେବା ନିଶ୍ଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି।





## ୧୬ ଗୋରୁ ସହ ପିକ୍‌ଅପ୍ ଜବତ

**ଚାଳକ ଗିରଫ**

ତିହିଡ଼ି, ୭।୮ (ସମିସ): ତିହିଡ଼ି ପୁଲିସ ଗୋଟିଏ ପିକଅପ ଓ ଏଥିରେ ବୋଝେଇ ହୋଇଥିବା ୧୬ ଗୋରୁ ଜବତ କରିଛି। ଗୋରୁଗୁଡ଼ିକ ଅତି ନିର୍ମମ ଅବସ୍ଥାରେ ଗୋଟିଏ ପରେ ଗୋଟିଏ ଲଦାଯାଇଥିଲା। ଜବତ ଗୋରୁଗୁଡ଼ିକୁ ଗୋଶାଳାରେ ଛଡ଼ାଯାଇଛି। ଏନେଇ ତିହିଡ଼ି ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଗାଡ଼ିର ଡ୍ରାଇଭର ସେକ ସବୀରକୁ ଗିରଫ କରଯାଇଛି। ତା'ର ଘର ବାଁଶଡ଼ା ଥାନା ଅଧୀନ ପରମାନନ୍ଦପୁର ଗ୍ରାମରେ ବୋଲି ଜଣାପଡ଼ିଛି।

## ମଜଦୁର କଂଗ୍ରେସ ସଭାପତି ନିଯୁକ୍ତ




ବାରିକପୁର,୭।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା ଗ୍ରାମର ଯୁବ ସଙ୍ଗଠକ ଶୁଭାଶିଷ ନାୟକ ଭଦ୍ରକ ଜିଲ୍ଲା ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ସେ ଦ୍ୱିତୀୟ ଥର ପାଇଁ ଏହି ନିଯୁକ୍ତି ପାଇଥିବା ଜଣାପଡିଛି। ଶୁଭାଶିଷ ଦୀର୍ଘ ଦିନ ଧରି ଶ୍ରମିକ ମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ରାଜ୍ୟ ଯୁବ ସଭାପତିଙ୍କ ସମେତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ଜି.ସଞ୍ଜୀବା ରେଡ୍ଡୀ, ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ନିଯୁକ୍ତି ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ଖତ ଖାଉଛି ମାର୍କେଟ କମ୍ପ୍ଲେକ୍ସ



ବାରିକପୁର,୭।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟସ୍ଥ ମା' କାଳିତ୍ରାଙ୍କ ପୀଠରେ ନିର୍ମିତ ମାର୍କେଟ କମ୍ପେ୍ଲକ୍ସ ଏବେ ଜରାଜୀର୍ଣ୍ଣ ପାଲଟିଛି। ମା'ଙ୍କ ପୀଠଟି ଅନେକ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଥିଲା। ତତ୍କାଳୀନ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକଙ୍କ ପ୍ରଚେଷ୍ଟା ଯୋଗୁଁ ପୀଠରେ ଉନ୍ନତିକରଣ କାର୍ଯ୍ୟ ସମ୍ଭବ ହୋଇଥିଲା। ପୀଠ ପାଇଁ ଟ୍ରଷ୍ଟ ଗଠନ ହୋଇଥିବା ବେଳେ କାଳିତ୍ରାଙ୍କ ବାସସ୍ଥଳୀ ନବୀକରଣ ସହିତ ଏଠାରେ ଅତ୍ୟାଧୁନିକ ପାର୍କ, ବିଶାଳ ପ୍ରବେଶ ପଥ, କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପେ୍ଲକ୍ସ ନିର୍ମାଣ ସହିତ ଅନ୍ୟାନ୍ୟ ଉନ୍ନତିକରଣ କାର୍ଯ୍ୟ ହୋଇଥିଲା। ଏହା ଏବେ ଜରାଜୀର୍ଣ୍ଣ, ପରିତ୍ୟକ୍ତ ହୋଇ ପଡ଼ିଛି। ଘର ସାମ୍ନାରେ ଲତା ଗୁଳ୍ମ ମାଡି ଗଲାଣି। ଏଠାରେ କୌଣସି ବ୍ୟବସାୟ ପ୍ରତିଷ୍ଠାନ ଖୋଲି ନଥିବା ବେଳେ ଏହାର ରକ୍ଷଣାବେକ୍ଷଣ ମଧ୍ୟ ସଠିକ ଭାବେ ହେଉ ନଥିବା ଅନୁମାନ କରାଯାଉଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇ ନିର୍ମିତ ହୋଇଥିବା ଗୃହଗୁଡିକ କୌଣସି କାର୍ଯ୍ୟରେ ଲାଗୁନାହିଁ। ଏହା ଉପରେ ପ୍ରଶାସନ ଏବଂ ଟ୍ରଷ୍ଟ ପକ୍ଷରୁ ଦୃଷ୍ଟି ଦେବା ଜରୁରୀ ହୋଇଛି।

## ଡ ଚିନ୍ମୟୀ ମହାପାତ୍ରଙ୍କୁ 'ମାନସୀଦେବୀ ସାରସ୍ୱତ ସମ୍ମାନ'



ବାରିକପୁର,୭।୮ (ସମିସ): ସର୍ବଭାରତୀୟ ଆଧ୍ୟାତ୍ମିକ ସାହିତ୍ୟ ସଂସ୍ଥା 'ତୁଳସୀ ସାହିତ୍ୟ ସଂସଦ, ଓଡ଼ିଶା' ଶାଖା ପକ୍ଷରୁ ଚଳିତବର୍ଷ ଗୋସ୍ୱାମୀ ସନ୍ଥ ତୁଳସୀ ଦାସଙ୍କ ନବଦିନାତ୍ମକ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଅନୁଷ୍ଠିତ ସମାରୋହରେ ଚଳିତ ବର୍ଷର ମର୍ଯ୍ୟାଦା ଜନକ 'ମାନସୀ ଦେବୀ ସାରସ୍ୱତ ସମ୍ମାନ' ଭଣ୍ଡାରିପୋଖରୀ ମାଟିର ସୁକନ୍ୟା ତଥା ଶୈଳବାଳା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଡ ମହାପାତ୍ରଙ୍କ ସାମଗ୍ରିକ ପ୍ରତିଭା ଓ ସାହିତ୍ୟ କୃତିକୁ ନେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ଡ. ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଡ. ମହାପାତ୍ରଙ୍କୁ ମାନପତ୍ର, ଉପାୟନ, ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

● ସରକାରୀ ଗାଡ଼ିରେ ଇଂରାଜୀ ପ୍ରୀତି

## ଓଡ଼ିଆରେ ନାମଫଳକ ନିର୍ଦ୍ଦେଶକୁ ଫୁ'

ଅସୁରାଳି, ୭।୮ (ସମିସ): ଓଡ଼ିଆ ପକ୍ଷ ପାଳନ ସହ ମାତୃଭାଷା ଓଡ଼ିଆ ଭାଷାକୁ ନିଜ ଜୀବନର ଅଂଶ କରିବା ଲକ୍ଷ୍ୟରେ ଓଡ଼ିଆ ନାମଫଳକକୁ ବାଧ୍ୟତାମୂଳକ କରାଯାଇଛି। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ନିର୍ଦ୍ଦେଶ ଦେବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଏନେଇ ନିବେଦନ ମଧ୍ୟ କରୁଛନ୍ତି। ମାତ୍ର ତାଙ୍କ ନିର୍ବାଚନମଣ୍ଡଳୀରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ପ୍ରଶାସନିକ ଅଧିକାରୀ ଏବଂ ଅଧିକାରିଣୀଙ୍କ ଇଂରାଜୀ ପ୍ରୀତି ଯାଇନି। ଭଦ୍ରକ ଜିଲ୍ଲାର ବହୁ ପ୍ରଶାସନିକ ଅଧିକାରୀ ଏବଂ ଅଧିକାରିଣୀ ଏବଂ ଧାମନଗର ବ୍ଲକ ପ୍ରଶାସନର ଅଧିକାରୀଙ୍କ ସରକାରୀ ଗାଡ଼ିରେ ଇଂରାଜୀ ନାମ ଫଳକ ଦେଖିବାକୁ ମିଳୁଛି। ଖୋଦ ବ୍ଲକର ମୁଖ୍ୟ ଅଧିକାରୀ ବିଡିଓ ଯାତାୟାତ କରୁଥିବା ସରକାରୀ ଗାଡ଼ିରେ ଇଂରାଜୀ ଭାଷାକୁ ଭଲ ପାଉଥିବା ଦେଖାଉଛନ୍ତି। ଓଡ଼ିଆରେ ନାମଫଳକ ଲେଖିବାକୁ କୁଣ୍ଠାବୋଧ ପ୍ରକାଶ କରିଛନ୍ତି। ଓଡ଼ିଆ ପକ୍ଷ ପାଳନ ଅବସରରେ ଗତ ଏପ୍ରିଲ ୪ ତାରିଖକୁ ସରକାରୀ ସ୍ତରରେ ଓଡ଼ିଆ ନାମଫଳକ ଅଭିଯାନ ଭାବେ ଖୋଦ ଓଡ଼ିଆ ଅସ୍ମିତା ମନ୍ତ୍ରୀ ଉତ୍ସର୍ଗ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ବିଭିନ୍ନ ଦିବସ ମଧ୍ୟ ପାଳନ ହୋଇଛି। ସରକାରୀ ଅଧିକାରୀ ଓ ଅଧିକାରିଣୀମାନେ ଏହାକୁ ଫୁ କରି ଉଡାଇ ଦେଇଛନ୍ତି। ନିକଟରେ ସଚିବ ମଧ୍ୟ ଓଡ଼ିଆରେ ନାମଫଳକ ଲେଖିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ନ ହେଲେ ଫାଇନ କଟାଯିବ ବୋଲି ମଧ୍ୟ ତାଗିଦ କରିଛନ୍ତି। ଏଭଳି ସ୍ଥିତିରେ ଖୋଦ ଓଡ଼ିଆ ଅସ୍ମିତା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ନିର୍ବାଚନମଣ୍ଡଳୀର ଧାମନଗର ବ୍ଲକରେ ସରକାରୀ ଗାଡ଼ିରେ ଇଂରାଜୀରେ ନାମଫଳକ ରହିଥିବା ଲେଖାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟକୁ ଓଡ଼ିଆ ଭାଷା ସମ୍ପର୍କରେ ସଚେତନ କରୁଥିବା ପ୍ରଶାସନିକ ଅଧିକାରୀ ଓ ଅଧିକାରିଣୀମାନେ ପ୍ରଥମେ ଓଡ଼ିଆ ଭାଷା ଆପଣାନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।




ଖଣି ବିଭାଗର ଚଢ଼ଉ

## ଧରାପଡ଼ିଲା ୩ ବାଲି ବୋଝେଇ ହାଇୱା; ଚାଳକ ଫେରାର୍

ଧାମନଗର, ୭।୮ (ସମିସ): ଧାମନଗରର ବିଭିନ୍ନ ସ୍ଥାନରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଧାମନଗର ଛକ ୧୬ ନମ୍ବର ଜାତୀୟ ରାଜପଥ ଉପରୁ ୩ଟି ବାଲି ବୋଝେଇ ହାଇୱା ଜବତ କରି ଧାମନଗର ଥାନାରେ ଜିମା ଦିଆଯାଇଛି। ଜବତ ହୋଇଥିବା ୩ଟି ଯାକ ହାଇୱା ଉପରେ ଆଇନ ଅନୁଯାୟୀ ଜରିମାନା କରାଯିବ ବୋଲି ଖଣି ବିଭାଗର କନିଷ୍ଠ ଅଧିକାରୀ ସୌମ୍ୟରଂଜନ ଦ୍ୱିବେଦୀ କହିଛନ୍ତି। ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଆସୁଛି। ବୈତରଣୀ ଶଯ୍ୟାରେ ଉପଯୁକ୍ତ ପରିମାଣର ବାଲି ଗଚ୍ଛିତ ନଥିବାରୁ ଖଣି ବିଭାଗ ପକ୍ଷରୁ କୌଣସି ଘାଟ ବା ସୈରାତ ଉକ୍ତ ନିଲାମ କରାଯାଇନାହିଁ। ଏବେ ନଦୀରେ ପାଣି ଅଧିକ ଥିବାରୁ ପୂର୍ବରୁ ଉଠା ଯାଇଥିବା ଗଚ୍ଛିତ ବାଲିକୁ ଚଢା ଦରରେ ବିକ୍ରି କରାଯାଉଛି। ଏହାର ସୁଯୋଗ ନେଇ କେତେକ ଗାଡ଼ି ମାଲିକ ମନଇଚ୍ଛା ଏଭଳି ବେଆଇନ ବାଲିଘାଟ ଚଳାଇ ଆସୁଛନ୍ତି। ଏନେଇ ବାରମ୍ବାର ଖବର ପ୍ରକାଶ ପାଉଥିଲେ ବି ଖଣି ବିଭାଗ କର୍ମଚାରୀ ଅଭାବ ଦର୍ଶାଇ ନିରବ ରହି ଆସୁଥିଲା। ବାରମ୍ବାର ଦାବି ପରେ ଭଦ୍ରକ ଖଣି ବିଭାଗର ସୌମ୍ୟ ରଂଜନ ଦ୍ୱିବେଦୀଙ୍କ ଆଜି ଟିମ୍ ଧରି ଧାମନଗର ଅଞ୍ଚଳରେ ଚାଲିଥିବା ବେଆଇନ ବାଲିଘାଟ ଉପରେ ଚଢ଼ଉ କରିବାକୁ ଯାଉଥିଲେ। ରାସ୍ତାରେ ଯିବାବେଳେ ଧାମନଗର ଛକ ନିକଟରେ ଦୁଇଟି ବାଲି ଗାଡ଼ିକୁ ଧରିକି ଥାନାକୁ ଆଣିଥିଲେ। ସେହିପରି ୫ ଦିନ ପୂର୍ବରୁ ମଧ୍ୟ ଏଭଳି ଏକ ହାଇୱା ଧରି ଥାନାରେ ଜିମା ଦେଇଥିଲେ। ୩ଟି ଯାକ ଗାଡ଼ି ଉପରେ କେସ୍ କରାଯାଇଥିବା ଜଣାଯାଇଛି। ସମସ୍ତ ଗାଡ଼ିର ଡ୍ରାଇଭର ଫେରାର ହୋଇଥିବା ଖଣିବିଭାଗ ସୂତ୍ରରୁ ଜଣାପଡିଛି।



● କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ ମାମଲା

## ତରବରିଆ ଅର୍ଥ ଡିପୋଜିଟ୍ କାଳ ହେବ କି ?

ବାସୁଦେବପୁର, ୭।୮ (ସମିସ): ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତର ତମ୍ବାଖଣ୍ଡି ଗ୍ରାମର କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ ମାମଲାରେ ଭୟ ଘାରିଛି ବଡ ବଡିଆ ମାଛଙ୍କୁ। କାର୍ଯ୍ୟାନୁଷ୍ଠାନ ଭୟରେ ତରବରିଆ ଭାବେ କେନ୍ଦ୍ର ସରକାର ସିଏଫସି ଅର୍ଥ ଡିପୋଜିଟ କରିଛନ୍ତି। ସୁଦର୍ଶନପୁର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ କି ବାଲିମେଦ ଆଦି ପଞ୍ଚାୟତର ଆବାସଘର ଦୁର୍ନୀତି ଓ ମୋ ପୋଖରୀର ପୁନରୁଦ୍ଧାର, ଭୂତ ଭତ୍ତା, ପିଡିଏସ ଆଦି ଦୁର୍ନୀତିରେ ବ୍ଲକ ବୁଡି ରହିଛି। ଅଭିଯୋଗ ହେଉଛି ଏଠି କାର୍ଯ୍ୟାନୁଷ୍ଠାନ ଶୂନ।

ତମ୍ବାଖଣ୍ଡି ଗ୍ରାମର ଉକ୍ତ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବାକୁ ୨୦୨୪-୨୦୨୫ ପଞ୍ଚଦଶ ଅର୍ଥ କମିଶନ (ସିଏଫସି)ଙ୍କ ଯୋଜନାରେ ୧ ଲକ୍ଷ ୨୬ ହଜାର ୮୨୪ ଟଙ୍କା ବରାଦ ହୋଇଥିଲା। କମ୍ୟୁନିଟି ସେଣ୍ଟର ପ୍ରକଳ୍ପ ନିର୍ମାଣ ନକରି ତମ୍ବାଖଣ୍ଡି ଗ୍ରାମର ଜଣେ ଅଯୋଗ୍ୟ ହିତାଧିକାରୀଙ୍କ ଆବାସ ଘର ଦେଖାଇ ଦୁଇଟି କିସ୍ତିର ୯ ଜୁନ ୨୦୨୫ ରେ ୧ ଲକ୍ଷ ୧୩ ହଜାର ୪ଶହ ଓ ୧୯ ଜୁନ ୨୦୨୫ରେ ୧୧ ହଜାର ୮୫୮ ଫଲ୍ସ ବିଲ ପିଇଓ ନିଜସ୍ୱ ଜମାଖାତାକୁ ନେଇଛନ୍ତି। ପ୍ରକଳ୍ପ ନିର୍ମାଣ ବେଳଠାରୁ ଆରମ୍ଭ କରି ବିଲ୍ ପୈଠ ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ପାଦ ତମ୍ବାଖଣ୍ଡି ଗ୍ରାମରେ ପଡିନାହିଁ। କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପତି ବିଲ୍ କରିଥିବାର ବେଳେ ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ ବିଲ୍ ପାସ କରିଥିଲେ। ପିଇଓ ସର୍ବଶ୍ରୀ ପଟ୍ଟନାୟକ ଓ ଅରଣ୍ଡୁଆ ସରପଞ୍ଚ ଆର୍ଥିକ ଅନୁଦାନ ଦସ୍ତଖତ କରି ଡିସ୍ ମାଧ୍ୟମରେ ପାସ କରିଛନ୍ତି। ଉକ୍ତ ଅର୍ଥକୁ ଭାଗ ବଣ୍ଟନ କରି ଅଧିକାରୀମାନେ ପକେଟ ଗରମ କରିଥିବା ଅଭିଯୋଗ ହୋଇଛି।

**ନାରୀ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ପ୍ରତିବାଦ**

## ଯୁବ-ଛାତ୍ର ବିଜେଡିର ବିକ୍ଷୋଭ

ବାସୁଦେବପୁର, ୭।୮ (ସମିସ): ଓଡ଼ିଶାରେ ନାରୀ ନିର୍ଯାତନାର ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ପ୍ରତିବାଦ କରିଛି ବାସୁଦେବପୁର ବିଜୁ ଛାତ୍ର ଜନତା ଓ ବିଜୁ ଯୁବ ଜନତାଦଳ। ଅଟଳ ବିହାରୀ କଲେଜ ପରିସରରୁ ଶହ ଶହ ଛାତ୍ର ଛାତ୍ରୀଙ୍କ ସହ ଯୁବ ଜନତାଦଳର କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମ। କରିଥିଲେ। ମୋହନ ସରକାର ବିରୋଧରେ ନାରା ଦେଇ ପରିକ୍ରମା କରିବା ସହ ନୀଳମଣି ମାର୍କେଟ କମ୍ପେ୍ଲକ୍ସ ଆଗରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏହି ପଥପ୍ରାନ୍ତ ସଭାର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ନିର୍ବାଚନମଣ୍ଡଳୀର ଯୁବ ସଭାପତି ଦେବଦର୍ଶନ ଦାଶ, ଛାତ୍ର ସଭାପତି କାଳନ୍ଦୀ ଚରଣ ସାହୁ, ସୋନାଲୀ ମହାକୁଡ, ସତ୍ୟଜିତ ବେହେରା ଉଦବୋଧନ ଦେଇଥିଲେ। ମୋହନ ସରକାର ନାରୀ ସୁରକ୍ଷା ଯୋଗାଇ ନଦେଲେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଛାତ୍ରଛାତ୍ରୀ କହିଛନ୍ତି। ଯୁବ ବିଜୁ ଛାତ୍ର ଜନତା ଦଳ ଓ କଲେଜ ଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ପହଞ୍ଚିଥିଲେ। ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଇଆଇସିଙ୍କୁ ଛାତ୍ରୀମାନେ ପ୍ରଦାନ କରିଛନ୍ତି।




**ହେଉନି ସ୍ଥାୟୀ ବନ୍ୟା ପ୍ରତିକାର**

## ଦୁର୍ଦ୍ଦଶାରେ ହସନାବାଦ ପଞ୍ଚାୟତବାସୀ

ଅସୁରାଳି, ୭।୮ (ସମିସ)

ଧାମନଗର ବ୍ଲକ ହସନାବାଦ ଗ୍ରାମପଞ୍ଚାୟତ ଏକ ପ୍ରମୁଖ କୃଷି ପ୍ରଧାନ ଅଞ୍ଚଳ। ମାତ୍ର ବୈତରଣୀ, କୋଚିଲା ଆଦି ନଦୀରେ ବନ୍ୟା ଆସି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଉଛି। ଅଞ୍ଚଳ ପାଇଁ ସ୍ଥାୟୀ ବନ୍ୟା ପ୍ରତିକାର ହେଉ ନଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ହସନାବାଦ ପଞ୍ଚାୟତବାସୀ। ଚଳିତ ବର୍ଷ ଧାମନଗରରେ ଦୁଇ ଦୁଇଟି ବନ୍ୟା ଆସିଥିବାବେଳେ ହସନାବାଦ ଏଥିରେ ପ୍ରଭାବିତ ହୋଇଥିଲା। ଶଇଲୋଠାରେ ବୈତରଣୀ ନଦୀରୁ ଏକ ଶାଖାନଦୀ କୋଚିଲା ବାହାରି ଏହା ହସନାବାଦର ଗାନ୍ଧୀ ଘାଟଠାରେ ପୁନଶ୍ଚ ବୈତରଣୀ ନଦୀ ସହିତ ମିଶିଛି। ନଦୀ ଦୁଇଟିର ସଙ୍ଗମସ୍ଥଳୀ ଗାନ୍ଧୀ ଘାଟଠାରେ ପ୍ରାୟ ୨୦୦ମିଟର ସମ୍ପୂର୍ଣ୍ଣ ମୁକୁଳା ପଡ଼ିଛି। ନା ଏଠି ବନ୍ଧ ଅଛି ନା ଆନିକଟ ବନ୍ୟା ଜଳକୁ ପ୍ରତିରୋଧ କରିବା ପାଇଁ କୌଣସି ବ୍ୟବସ୍ଥା। ଫଳରେ ନଦୀରେ ବନ୍ୟା ଆସିବା କ୍ଷଣି ଏହି ମୁକୁଳା ସ୍ଥାନରେ ବନ୍ୟାଜଳ ଅସ୍ତକ ଦେଇ ହସନାବାଦ ପଞ୍ଚାୟତରେ ପ୍ରବେଶ କରୁଛି। ଅର୍ଜୁନପୁର, ହସନାବାଦ ପଞ୍ଚାୟତର ଅନଳଡିହ, ତଳ ଅସ୍ତକ, ଉପରଅସ୍ତକ, ଗୋପବନ୍ଧୁ ନଗର, ବନବାଗ, ମଠସାହି ତଥା ବାଲିପାଟଣା, ଶଇଲୋ, ମାମାଦୁଲା ଆଦି ଅଞ୍ଚଳ ପ୍ରଭାବିତ ହୋଇଥାଏ। ଏହାର ପ୍ରଭାବ ପାଳସାହି, ବମକୋରା ଭଳି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଖିବାକୁ ମିଳୁଛି। ପ୍ରତିବର୍ଷ ଏହି ବର୍ଷା ଋତୁରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିଲେ ବି ପ୍ରଶାସନିକ ସ୍ତରରେ ଏହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଧାମନଗରର ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଦ୍ୱାରା ସ୍ଥାୟୀ ବ୍ୟବସ୍ଥା କରିବାକୁ ଯୋଜନାବଦ୍ଧ ନିଷ୍ପରି ଗ୍ରହଣ କରାଯାଇଥିଲେ ବି ଅଦ୍ୟାବଧି ତାହାର ରୂପାୟନ ହୋଇପାରିନାହିଁ। ଚାଷୀମାନେ କରଜ ଧାର କରି ଚାଷ କରୁଥିଲେ ହେଁ ପ୍ରତିବର୍ଷ ବନ୍ୟା ଦାଉରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରପଞ୍ଚ ଅଜୟ ମଲ୍ଲିକ ଓ ବୈତରଣୀ ସୁରକ୍ଷା ମଞ୍ଚ ସଭାପତି ସନ୍ତୋଷ ରାୟ ସ୍ୱର ଉତ୍ତୋଳନ କରିଛନ୍ତି। ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନିକ କ୍ଷେତ୍ରରେ ଏବେ ତତ୍ପରତା ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।



## ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍‌ର ଦାବିପତ୍ର

ଧାମନଗର, ୭।୮ (ସମିସ): ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ସମସ୍ତ ଜିଲ୍ଲା ଏବଂ ବ୍ଲକ ଶିଶୁ ବିକାଶ ଅଧିକାରିଣୀଙ୍କ ମାଧ୍ୟମରେ ସରକାର ତଥା ବିଭାଗୀୟ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଲ୍‌ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରର୍ସ ଆସୋସିଏସନ୍ ଏବଂ ସଂଲଗ୍ନ ଭାରତୀୟ ମଜଦୁର ସଂଘ ପକ୍ଷରୁ ୮ଦଫା ଦାବିପତ୍ର ସିଡିପିଓଙ୍କୁ ପ୍ରଦାନ କରାଯାଇଛି। ସଂଘର ଜିଲ୍ଲା ସମ୍ପାଦିକା ଜୟନ୍ତୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ବ୍ଲକ ସଭାନେତ୍ରୀ ସୁଷମାରାଣୀ ମହାପାତ୍ର, ସମ୍ପାଦିକା ନକ୍ଷତ୍ରମାଳିନୀ ଧନି, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ତିଳୋତ୍ତମା ବାରିକଙ୍କ ସମେତ ଶତାଧିକ ମହିଳା ରାମ ମନ୍ଦିର ଛକଠାରୁ ଏକ ବିଶାଳ ଶୋଭାଯାତ୍ରା କରିଥିଲେ। ଉପମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପୂରଣ ନହେବା ଦର୍ଶାଇ ସଂଘ ତରଫରୁ ୮ଦଫା ଦାବି ପୂରଣ କରିବା ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ସିଡିପିଓ ଦମୟନ୍ତୀ ଦେଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଜୁଜିମା ତ୍ରିପାଠୀ, ସୌଦାମିନୀ ପୁଷ୍ଟି, ତପସ୍ୱିନୀ ଦାସ, ସାବେହା ଖାତୁନ, ଜୁଗୁନ୍ ବେଗମ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ। ଦାବି ପୂରଣ ସହ ସମସ୍ୟାଗୁଡ଼ିକର ସମାଧାନ ନକଲେ ଆଗାମୀ ଦିନରେ ରାଜ୍ୟ ସଚିବାଳୟରେ ଧାରଣା ଦେବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ସକାଳ
THE SAKALA



# ଜଳେଶ୍ୱର କୃଷି କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

ଜଳେଶ୍ୱର, ୭।୮ (ସମିସ)




ଉତ୍ତର ବାଲେଶ୍ୱର କୃଷି ପ୍ରଧାନ ଅଞ୍ଚଳ ହୋଇଥିବା ବେଳେ ଜଳେଶ୍ୱର କୃଷି ଜିଲ୍ଲା କାର୍ଯ୍ୟାଳୟରେ ଦୀର୍ଘଦିନ ଧରି କର୍ମଚାରୀ ମରୁଡି ଦେଖାଦେଇଛି।

୩ ବର୍ଷ ଧରି ଏହି ପ୍ରମୁଖ କାର୍ଯ୍ୟାଳୟ, ମୁରବି ଶୂନ୍ୟ ହୋଇଥିବା ବେଳେ ଗୋଷ୍ଠୀ କୃଷି ଅଧିକାରୀ ନିଯୁକ୍ତି ନ ହେବା ପରିତାପର ବିଷୟ। ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ୫ଥର ବନ୍ୟା ବିପ୍ରାତ ଯୋଗୁଁ ଜଳେଶ୍ୱର କୃଷି ଜିଲ୍ଲାରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଛି। କିନ୍ତୁ ଅଫିସ୍‌ରେ ଅର୍ଦ୍ଧାଧିକ କର୍ମଚାରୀ ନ ଥିବାରୁ କ୍ଷୟକ୍ଷତିର ଆକଳନରେ ଅହେତୁକ ବିଳମ୍ବ ହେଉଛି। ଫଳରେ କୃଷି ବହୁଳ ଅଞ୍ଚଳରେ ଦୟନୀୟ ଭାବେ ଚାଲିଛି କୃଷି ବିକାଶ କାର୍ଯ୍ୟକ୍ରମ। ଜଳେଶ୍ୱର କୃଷି ଜିଲ୍ଲା କାର୍ଯ୍ୟାଳୟ ଅଧୀନରେ ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକ ରହିଛି। କାର୍ଯ୍ୟାଳୟ ଅଧୀନରେ ଥିବା ୩ଟି ବ୍ଲକରେ ପାଖାପାଖି ୬୯୭୩୦ ହେକ୍ଟର ଆବାଦ ଯୋଗ୍ୟ ଚାଷ ଜମି ରହିଛି। ସେସବୁ ଜମି ଉପରେ ଏକ ଲକ୍ଷରୁ ଅଧିକ ଚାଷୀ ଓ ୪୦ ହଜାରରୁ ଅଧିକ କୃଷି ଶ୍ରମିକ ନିର୍ଭର କରିଥାନ୍ତି। କୃଷି ପ୍ରଧାନ ଜିଲ୍ଲାର ମୋଟ ଚାଷର ଅର୍ଦ୍ଧାଧିକ ଫସଲ ଏହି ୩ଟି ବ୍ଲକରେ ହିଁ ହୋଇଥାଏ। କିନ୍ତୁ କୃଷକ ମାନଙ୍କୁ ସହାୟତା କରିବା ପାଇଁ କୃଷି କାର୍ଯ୍ୟାଳୟରେ ୧୯ ଜଣ କର୍ମଚାରୀ ପଦରୁ ୯ ପଦ ଖାଲି ପଡ଼ିଛି। ତଥାପି କୃଷିର ଉନ୍ନତି ପାଇଁ ସରକାର କୁମ୍ଭୀର କାନ୍ଦଣା ଦେଉଥିବା ଦୁର୍ଭାଗ୍ୟଜନକ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଧାନ ଚାଷ ସହିତ ମୁଗ, ବିରି, ଚିନାବାଦାମ, ଝୋଟ, ଆଖୁ ଚାଷ ସହ ପନିପରିବା ଚାଷ ପାଇଁ ଏହି ୩ଟି ବ୍ଲକର ସ୍ୱତନ୍ତ୍ର ସ୍ଥାନ ରହିଛି। ଜଳେଶ୍ୱର କୃଷି ଜିଲ୍ଲା ଅଧିକାରୀଙ୍କ ଅତି କମ୍‌ରେ ୧୭ ଜଣ ଭିଏଲଡବ୍ଲୁ ରହିବା ସ୍ଥଳେ ମାତ୍ର ୮ ଜଣ ରହିଛନ୍ତି। ଏହା ସହିତ ୩ଜଣ ଅଫିସର୍ ପଦ ମଧ୍ୟ ଖାଲି ପଡ଼ିଛି।

- ବନ୍ୟା କ୍ଷୟକ୍ଷତି ଆକଳନରେ ବିଳମ୍ବ
- ୩ ବର୍ଷ ଧରି ବ୍ଲକ କୃଷି ଅଧିକାରୀ ପଦ ଖାଲି

କାର୍ଯ୍ୟାଳୟରେ କୃଷି ଅଧିକାରୀ ପଦ ଦୀର୍ଘ ୩ବର୍ଷ ଧରି ଖାଲି ପଡ଼ିଛି। ବିଭିନ୍ନ ସମୟରେ ଅଧିକାରୀଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଉଥିବା ବେଳେ ବାଲିଆପାଳର ଅବସ୍ଥାପିତ କୃଷି ଅଧିକାରିଣୀ ରଞ୍ଜିତା ପାତ୍ର ଜଳେଶ୍ୱର ଅଫିସ୍‌ର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଛନ୍ତି। ତେଣୁ ଜଳେଶ୍ୱର କୃଷି କାର୍ଯ୍ୟାଳୟ ଅଧିନରେ ହେଉଥିବା କୃଷକ କଲ୍ୟାଣ ଯୋଜନା ଏକ ପ୍ରକାର ଠପ୍ ହୋଇଯାଇଛି। ୩୫ଟି ପଞ୍ଚାୟତ ପାଇଁ ଫଳରେ ଚଳିତବର୍ଷ ଲଗାତାର ବନ୍ୟାରେ ହୋଇଥିବା କ୍ଷୟକ୍ଷତିର ଆକଳନ ହୋଇପାରୁନାହିଁ। ବହୁ ସ୍ଥାନରେ ଧାନ ତଳି ନଷ୍ଟ ହୋଇଥିବା ବେଳେ ସଦ୍ୟ ପୋତା ଧାନ ଚାରା ମଧ୍ୟ ପ୍ରଭାବିତ ହୋଇଛି। ଅତ୍ୟାଧୁନିକ ଜ୍ଞାନ କୌଶଳରେ ଚାଷ କରିବା, ରୋଗ ପୋକ ନିରାକରଣ, ଲାଭଜନକ ଚାଷ, ଜଳ ପରିଚାଳନା, ବିଭିନ୍ନ ପରାମର୍ଶ ଓ ସୂଚନା ଚାଷୀଙ୍କ ପାଖରେ ସହଜରେ ପହଞ୍ଚି ପାରୁନାହିଁ।

## ବିଦ୍ୟାଳୟ ରାସ୍ତାରେ ଜମୁଛି ଅପରିଷ୍କାର ପାଣି

ଜଳେଶ୍ୱର, ୭।୮ (ସମିସ): ସହରର ନୂଆ ବଜାର ହାଇସ୍କୁଲ ସମ୍ମୁଖରେ ଦୀର୍ଘ ଦିନ ଧରି ଅପରିଷ୍କାର ପାଣି ଛିଡ଼ା ହୋଇ ରହୁଛି। ନୂଆ ବଜାର ଛକରୁ ନାମ୍ପୋକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ସଡକରେ ତହସିଲ, ମ୍ୟୁନିସିପାଲିଟି, ଯୋଗାଣ ଭଣ୍ଡାର, ବିଦ୍ୟୁତ୍ ଗ୍ରିଡ ଇତ୍ୟାଦି ଅଫିସ ଓ ବହୁ ଅନୁଷ୍ଠାନ, ପ୍ରତିଷ୍ଠାନ ରହିଥିବାରୁ ସଡ଼କ ଚଳଚଞ୍ଚଳ ରହିଥାଏ। ତିନି ମାସ ପୂର୍ବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଠିକାଦାରଙ୍କ ଦ୍ୱାରା ସଡ଼କ ଖୋଳି ଅଣ୍ଡର ଗ୍ରାଉଣ୍ଡ କେବୁଲ ତାର ବିଛା ଯାଇଥିଲା। କାର୍ଯ୍ୟ ବେଳେ ତଳେ ଯାଇଥିବା ପାଣି ପାଇପ୍ ଫାଟି ଅନବରତ ପାଣି ଝରୁଥିଲା। ବିଭାଗୀୟ ଅବହେଳା ଯୋଗୁଁ ପାଣି ପାଇପ୍ ମରାମତି ନ ହୋଇ ବିଦ୍ୟୁତ୍ ବିଭାଗ ସଡ଼କ ଉପରେ କଙ୍କ୍ରିଟ ଢାଳି ଦାୟିତ୍ୱ ସାରିଥିଲେ। ସେବେଠାରୁ ପାଇପ୍‌ରୁ ପାଣି ଲିକେଜ୍ ହୋଇ ପ୍ରତିଷ୍ଠିତ ସରକାରୀ ହାଇସ୍କୁଲ ସମ୍ମୁଖରେ ଜମା ହୋଇ ରହୁଛି। ଫଳରେ ବ୍ୟସ୍ତ ବହୁଳ ସଡକରେ ନର୍ଦ୍ଦମା ସୃଷ୍ଟି ହୋଇ ପରିବେଶ ଦୂଷିତ ହେଉଅଛି। ସେହିପରି ବଡ଼ ବଜାର ଟାଉନ୍ ହଲ୍ ନିକଟରେ ନର୍ଦ୍ଦମା ଭିତରେ ଥିବା ଲିକେଜ୍ ପାଇପ୍ ଯୋଗେ ପାଣି ଯୋଗାଣ ହେଉଛି। ଜମା ହୋଇଥିବା କର୍ଦ୍ଦମାକ୍ତ ଦୁର୍ଗନ୍ଧ ଛିଟାରେ ଛାତ୍ରଛାତ୍ରୀ ଓ ପଥଚାରୀ ପ୍ରଭାବିତ ହେଉଛନ୍ତି। ଏହା ସହିତ ବଡ଼ ବଜାର ଟାଉନ୍ ହଲ ଠାରେ ପାଣି ପାଇପ୍ ଫାଟି ଦୂଷିତ ସ୍ଥିତିରେ ରହିଛି। ସହର ସୌନ୍ଦର୍ଯ୍ୟକରଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏଭଳି ଅବହେଳାକୁ ଲୋକେ ତୀବ୍ର ସମାଲୋଚନା କରୁଛନ୍ତି। ତେଣୁ ତୁରନ୍ତ ବିଭାଗ ଦ୍ୱାରା ପାଇପ୍ ମରାମତି ସହିତ ସଡ଼କ ପରିଷ୍କାର କରିବାକୁ ସାଧାରଣରେ ଦାବି କରାଯାଇଛି।



## ଘୋଷଣା ଅନୁଯାୟୀ ବନ୍ୟା ବିପନ୍ନଙ୍କୁ ମିଳିଲାନି ରିଲିଫ୍




ନ୍ୟାୟିକ ତଦନ୍ତ ପାଇଁ ପାଇଁ ଏସଆରସିଙ୍କ ନିକଟରେ ଦାବି

ବାଲିଆପାଳ, ୭।୮ (ସମିସ): ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ୫ ଥର ବନ୍ୟା ଆସି ବାଲିଆପାଳ ବ୍ଲକର ବନ୍ୟାଞ୍ଚଳର ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବାବେଳେ ୯ଟି ପଞ୍ଚାୟତର ୩୫ରୁ ଅଧିକ ଗ୍ରାମର ଲୋକଙ୍କର ଜୀବନ ଜୀବିକା ବାଧାପ୍ରାପ୍ତ ହୋଇଛି। ସରକାର ୭ ଦିନର ରିଲିଫ ଚାଉଳ ବଣ୍ଟନ ସହିତ ବାରମ୍ବାର ବନ୍ୟା ସମୟରେ ଶୁଖିଲା ଖାଦ୍ୟ ଚୂଡ଼ା ଗୁଡ଼ ଓ ପିଇବା ପାଣି ଯୋଗାଇ ଦେବାର ଘୋଷଣା କରି ବାଲିଆପାଳ ବ୍ଲକକୁ ସମସ୍ତ ଜିନିଷ ଯୋଗାଇ ଦେଇଛନ୍ତି। ମାତ୍ର ସରକାର ଯେଉଁ ହିସାବରେ ରିଲିଫ ସାମଗ୍ରୀ ଯୋଗାଇଛନ୍ତି ସେହିପରି ଭାବରେ ରିଲିଫ ବଣ୍ଟନ ହୋଇନାହିଁ। ଏଠି ସରକାରୀ ନିୟମକୁ ଫୁ କରି ବ୍ଲକ ପ୍ରଶାସନ ନିଜ ନିଜ ଇଚ୍ଛାରେ ରିଲିଫ ବଣ୍ଟନ କରି ବ୍ୟାପକ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ସରକାର ସାତ ଦିନର ରିଲିଫ ମୁଣ୍ଡ ପିଛା ବଡ଼ଙ୍କ ପାଇଁ ୭ କେଜି ଓ ସାନଙ୍କ ପାଇଁ ୩ କେଜି ୫ ଶହ ଗ୍ରାମ ଚାଉଳ ୯ଟି ପଞ୍ଚାୟତକୁ ଯୋଗାଇଥିବାବେଳେ କୌଣସି ସ୍ଥାନରେ ନିୟମକୁ ପାଳନ କରା ଯାଇ ନାହିଁ। ବିଷ୍ଣୁପୁର ପଞ୍ଚାୟତରେ ବଡ଼ ମାନଙ୍କୁ ୭କେଜି ଓ ସାନଙ୍କୁ ୩ କେଜି ୫୦୦ ଗ୍ରାମ ଲେଖାଏଁ ଚାଉଳ ବଣ୍ଟନ କରାଯାଇଥିଲା ସମସ୍ତ ଲୋକଙ୍କୁ ବଣ୍ଟା ଯାଇ ମଧ୍ୟ ୧୭୫ କୁଣ୍ଟାଲ ଚାଉଳ ବଳକା ହୋଇଥିବା ବେଳେ ମଧୁପୁରା, ଅସ୍ତି, କୁମ୍ଭାରୀ, ଦେଭୋଗ, ଘଣ୍ଟୁଆ, ଜାମକୁଣ୍ଡା, ବାଲିଆପାଳ, ନିଖିରା ପଞ୍ଚାୟତ ଗୁଡିକ କୌଣସି ନିୟମକୁ ନ ମାନି ବଡ଼ଙ୍କୁ ୫ କେଜି ଓ ସାନକୁ ୨ କେଜି ୫୦୦ ଗ୍ରାମ ଚାଉଳ ବଣ୍ଟନ କରିଛନ୍ତି। ବିଷ୍ଣୁପୁର ପଞ୍ଚାୟତ ତୁଳନା ରେ ଅନ୍ୟ ପଞ୍ଚାୟତ ଗୁଡିକରେ କେତେ ପରିମାଣରେ ଗଚ୍ଛିତ ଅଛି ବୋଲି ସୂଚନା ଅଧିକାର ଅଭିଯାନ ସଙ୍ଘ ପକ୍ଷରୁ ନ୍ୟାୟିକ ତଦନ୍ତ ପାଇଁ ଏସଆରସିଙ୍କ ନିକଟରେ ଦାବି କରାଯାଇଛି। ଚାଉଳ ସହିତ ୫ ଥର ବନ୍ୟାରେ ଚୂଡ଼ା ଓ ଗୁଡ଼ ସହିତ ପିଇବା ପାଣି ବୋତଲ ଓ ଗୋଖାଦ୍ୟ ବଣ୍ଟନରେ ମଧ୍ୟ ବ୍ୟାପକ ଅନିୟମିତତା କରାଯାଇ ଥିବାବେଳେ କୌଣସି ସ୍ଥାନରେ ଲୋକଙ୍କୁ ଠିକ ଭାବରେ ରିଲିଫ ସମଗ୍ରୀ ବଣ୍ଟନ କରାଯାଇନାହିଁ ବୋଲି ସଙ୍ଘର ସଭାପତି ଅନୁଜ ମହାପାତ୍ର କହିଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ସୋର, ୭।୮ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଚକ ବାରହାପୁର ଗ୍ରାମର ଜଣେ ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ସତ୍ୟନାରାୟଣ ପଟ୍ଟନାୟକ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ରାଉରକେଲା ଷ୍ଟିଲପ୍ଲାଣ୍ଟରୁ ଅବସର ନେବା ପରେ ନିଜକୁ ସମାଜସେବାରେ ସାମିଲ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପାରିଷଦ ରାଜେନ୍ଦ୍ର ମହାନ୍ତି, ନିଶାକର ମହାନ୍ତି, ଡା. ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅ, ପୁତ୍ରବଧୂ ସମେତ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ। ବଡ଼ପୁଅ ପଙ୍କଜ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ, କର୍ମଚାରୀ ସଙ୍ଘର ସାମ୍ବାଦିକ ସମ୍ମିଳନୀ

## ଦାବି ପୂରଣ ନ ହେଲେ ୧୬ରୁ କାର୍ଯ୍ୟବନ୍ଦ ଚେତାବନୀ




ସୋର, ୭।୮ (ସମିସ): ରାଜ୍ୟରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ୧/୬/୨୦୦୮ରୁ ୧/୬/୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରାଯାଇନାହିଁ। ଯାହାକୁ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କେବଳ ପ୍ରତିଶ୍ରୁତି ବ୍ୟତୀତ କୌଣସି ସମାଧାନ ହୋଇପାରି ନାହିଁ। ଆସନ୍ତା ଅଗଷ୍ଟ ୧୫ ତାରିଖ ମଧ୍ୟରେ ଏହି ସମସ୍ୟାର କୌଣସି ସମାଧାନ ନ ହେଲେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସୋର କଲେଜ ଛକସ୍ଥିତ ଏମ୍‌ସ ଟ୍ୟୁଟୋରିଆଲ ସଭାଗୃହ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ତାପସ କୁମାର ପାତ୍ର, ସୁବାଷ ଚନ୍ଦ୍ର ରାଉତ ଓ ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ମହାପାତ୍ର ଉପସ୍ଥିତ ରହି ଚେତାବନୀ ଦେଇଛନ୍ତି। ପୂର୍ବରୁ ସଂଘ ଅନୁଦାନ ନିମନ୍ତେ ଦେଢ଼ଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କର ମୋଟ ୧୩ଥର ଅଭିଯୋଗ ଶୁଣାଣି ମଧ୍ୟରୁ ୧୧ଥର ସଂଘ ପକ୍ଷରୁ ଉକ୍ତ ଶୁଣାଣିକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁଦାନ ନିମିତ୍ତ ଦାବି ବିଷୟରେ ଆଲୋଚନା କରାଯାଇଛି। ମାତ୍ର ସରକାରଙ୍କ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳିବା ଛଡା କୌଣସି ସମାଧାନ କରାଯାଇନାହିଁ। ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହିତ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଡାକରା ଦିଆଯାଇଥିବା ନେଇ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ପଣ୍ଡା, ଜିଲ୍ଲାର ଖଣ୍ଡ ସଂଯୋଜକ ଅଶୋକ କୁମାର ବାରିକ, ସସ୍ମିତା ନାୟକ, ବନିଶା ମୁଦୁଲି, ପ୍ରିୟଙ୍କା ମହାନ୍ତି, ପ୍ରିୟରଞ୍ଜନ ପ୍ରଧାନ, ଭାଗିରଥି ଘଡ଼େଇ, ସଞ୍ଜିତ ଗିରି, ସୋମନାଥ ସେଠୀ, ସୂର୍ଯ୍ୟ ଦାସ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଶିଶିର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

● ବସ୍ତା ଡାକ୍ତରଖାନା ଦୁର୍ନୀତିକାରୀଙ୍କୁ ଘଣ୍ଟ ଘୋଡାଉଛି ପ୍ରଶାସନ

## ଆମରଣ ଅନଶନରେ ବସିବ ଦେବସେନା ସଂଗଠନ



ରାଜଘାଟ, ୭।୮ (ସମିସ): ଦୁର୍ନୀତି ଅଭିଯୋଗ ପରେ ତଦନ୍ତ ହେଲା କିନ୍ତୁ କାର୍ଯ୍ୟାନୁଷ୍ଠାନ ବେଳକୁ ସମସ୍ତେ ନୀରବ। ଯାହା ଫଳରେ ଆମରଣ ଅନଶନ ଆରମ୍ଭ ହେବ ବୋଲି ଦେବସେନା ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ବସ୍ତା ଡାକ୍ତର ଖାନା ହେଉଛି ଉତ୍ତର ବାଲେଶ୍ୱରର ଲାଇଫ ଲାଇନ। ବସ୍ତା ବ୍ଲକ ସମେତ ବାଲିଆପାଳ, ଜଳେଶ୍ୱର, ଭୋଗରାଇ ସମେତ ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଲୋକ ମଧ୍ୟ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ମାତ୍ର ଏହି ଡାକ୍ତରଖାନାରେ ଡାକ୍ତର ମାନଙ୍କ ମନମୁଖୀ କାର୍ଯ୍ୟ ସହିତ ଅଧିକାରୀଙ୍କ ଦୁର୍ନୀତି ପାଇଁ ଏହା ରସାତଳଗାମୀ ହେବାକୁ ବସିଛି। ଏହି ଡାକ୍ତରଖାନାରେ ବିଭିନ୍ନ ଦୁର୍ନୀତି ସମ୍ପର୍କରେ ସଂଗଠନ ପକ୍ଷରୁ ଜିଲ୍ଲାପାଳ, ସିଡିଏମ୍‌ଓ ଓ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ଏକ ତଦନ୍ତକାରୀ ଟିମ୍ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବ୍ୟାପକ ଦୁର୍ନୀତି ବାବଦରେ ତଦନ୍ତ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସିଡିଏମଓଙ୍କୁ ପଚାରିବାରୁ ସେ କହୁଛନ୍ତି ରିପୋର୍ଟ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଦିଆ ଯାଇଛି କିନ୍ତୁ ଜିଲ୍ଲାପାଳ କାର୍ଯ୍ୟାଳୟ କହୁଛନ୍ତି ଆମ ପାଖରେ କୌଣସି ପ୍ରକାରର ରିପୋର୍ଟ ଆସି ନାହିଁ। ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାରର ସୁଫଳ ମିଳିନଥିବାରୁ ବାଧ ହୋଇ ଅନଶନରେ ବସିବାକୁ ସଂଗଠନ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ପ୍ରକାଶ ଥାଉକି ଦୀର୍ଘ ଦଶ ବର୍ଷ ଧରି ବିନା କୌଣସି ଡିଉଟିରେ ଦରମା ନେଉ ଥିବା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଦେବବ୍ରତ ଜେନାଙ୍କୁ ଏଠାରୁ ବଦଳି କରିବା ସହିତ ବିପିଏମ୍‌ଓ ଅରବିନ୍ଦ ଡିଣ୍ଡାଙ୍କୁ ତୁରନ୍ତ ବହିଷ୍କାର ସହିତ ତାଙ୍କର ଆୟ ବହିର୍ଭୁତ ସଂପତ୍ତିର ଯାଞ୍ଚ କରାଯିବା, ମାସିକିଆ ସ୍ୱାସ୍ଥ୍ୟ ମେଳା ଟଙ୍କାର ତଦନ୍ତ, ଏନ୍‌ଏଚଏମ୍‌ରୁ ଆସୁଥିବା ଅଜସ୍ର ଟଙ୍କାର ଭିଜିଲାନ୍ସ ତଦନ୍ତ, କାୟାକଳ୍ପ ଟଙ୍କାର ଭିଜିଲାନ୍ସ ତଦନ୍ତ ସହିତ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରି ଥିବା ପୁରୁଣା ସାମଗ୍ରୀ ଗୁଡ଼ିକର ନିଲାମିକରଣରୁ କେତେ ଟଙ୍କା ଆସିଛି କେଉଁ କେଉଁ ବିଭାଗରେ ଏହା ଖର୍ଚ୍ଚ ହୋଇଛି ଆଦି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦେବସେନା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା।

## ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର

ସୋର, ୭।୮ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ନଦୀଗାଁ ପଞ୍ଚାୟତ ରଘୁନାଥପୁର ଗଞ୍ଜ ଗ୍ରାମର ହରିହର ଦାସ କୌଣସି କାମରେ ବାଇକ ଯୋଗେ ଜାମୁଝାଡି ଯାଉଥିବାବେଳେ ତଳନଗର ନିକଟ ମୋନାଲି ଢ଼ାବା ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକ ପଛରୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ହରିହର ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ଖବରପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ହରିହରଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

ସୋର, ୭।୮ (ସମିସ): ସୋର ଥାନା ଟେଣ୍ଟେଇ ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତକାଲି ଟେଣ୍ଟେଇ ଗ୍ରାମର ଜଣେ ଯୁବତୀ ଏକୁଟିଆ ଘରେ ଥିବା ବେଳେ ସେହି ଗ୍ରାମର ଘଣ୍ଟରା ମଲିକ (୩୫) ତାଙ୍କ ଘରେ ପହଞ୍ଚି ଅସଦାଚରଣ କରିଥିବା ନେଇ ଯୁବତୀଙ୍କ ପରିବାର ତରଫରୁ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ସୋର ଥାନାରେ ଏକ ମାମଲା ରୁଜୁ କରି ଫାଣ୍ଡି ଅଧିକାରୀ ହୃଷିକେଶ ବିଶ୍ୱାଳ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗତକାଲି ସନ୍ଧ୍ୟାରେ ତଦନ୍ତ କାରି ଅଧିକାରୀ ଶ୍ରୀ ବିଶ୍ୱାଳ ଘଣ୍ଟରାକୁ ତା ଘରୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

## ସାପ କାମୁଡ଼ାରେ ନାବାଳିକା ମୃତ



ବସ୍ତା ବ୍ଲକ, ୭।୮ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ କୁଶୁଡ଼ିହା ଗ୍ରାମର ଜନୈକା ନାବାଳିକାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗତ ଶନିବାର ସନ୍ଧ୍ୟାରେ ଏହି ଗ୍ରାମର ଅରୁଣ ପାତ୍ରଙ୍କ ଝିଅ ଅର୍ଚ୍ଚନା (୧୭) ଘରକୁ ଆସୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ବସ୍ତା ହସ୍ପିଟାଲକୁ ନେଇ ଆସିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ତା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ ହୋଇଛି। ସ୍ୱର୍ଗତ ଅର୍ଚ୍ଚନା ତାଙ୍କ ବାପାଙ୍କ ଗୋଟିଏ ବୋଲି ଝିଅ ବୋଲି ଜଣା ପଡିଛି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

## ଫାଇଲେରିଆ ଦୂରୀକରଣ ନିମନ୍ତେ ଘରକୁ ଘର ବୁଲି ବଣ୍ଟାଯିବ ଔଷଧ




ବାଲିଆପାଳ/କାଳିପଦା, ୭।୮ (ସମିସ): ବାଲିଆପାଳ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାଇଲେରିଆ ଦୂରୀକରଣ ନିମନ୍ତେ ହସ୍ପିଟାଲ ତରଫରୁ ଗୁରୁବାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲାର ଏଡିପିଏଚ ଓ ଡାକ୍ତର ସଂଜୀବ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ପ୍ରୀତମ କୁମାର ସାହୁ, ଭିବିଡି ପରାମର୍ଶଦାତା ସୁପ୍ରିୟା ପାଢ଼ୀ, ବିପିଏମ ବିଶ୍ୱଜିତ ଦାସ, ପିଏଚଇଓ ଝୁନାବାଳା ଦେ, ସ୍ୱର୍ଣ୍ଣ ପ୍ରଭା ସାହୁ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପର ଭାଇଜର ରମାନାଥ କର ଯୋଗ ଦେଇଥିଲେ। ସାରା ଓଡ଼ିଶାରେ ଫାଇଲେରିଆ ନିର୍ମୂଳ ହୋଇଥିବା ବେଳେ କେବଳ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକରେ ଦେଖିବାକୁ ମିଳିଛି। ବାଲିଆପାଳର ପଞ୍ଚୁରୁଖି ଓ କାଳିଆଖିଆ ଗ୍ରାମରେ ୬ ଜଣ ମାଇକ୍ରୋ ଫାଇଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି ଯାହା ସମଗ୍ର ଏସିଆ ମହାଦେଶରେ ଦେଖିବାକୁ ମିଳନ୍ତି ନାହିଁ। କ୍ୟୁଲେକ୍ସ ମଶା ଓ ମାଇକ୍ରୋ ଫାଇଲ ମଶାର ଉପଦ୍ରବ ଚିହ୍ନଟ ହୋଇଛି। ସରକାର ଏହି ବାଲିଆପାଳ ବ୍ଲକକୁ ଅତ୍ୟନ୍ତ ଗୁରୁତ୍ୱ ଦେଇ ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାରା ବ୍ଲକରେ ଘରକୁ ଘର ବୋଲି ଔଷଧ ଖୁଆଇବା ପାଇଁ ୮୯୨ ଜଣ କର୍ମଚାରୀ ଓ ଡାକ୍ତର ଯୋଗ ଦେବେ। ଦୁଇ ବର୍ଷରୁ କମ, ଗର୍ଭବତୀ ମହିଳା ଓ ଅତ୍ୟନ୍ତ ସ୍ୱାସ୍ଥ୍ୟ ଖରାପ ବ୍ୟକ୍ତି ଖାଇବେ ନାହିଁ। ଅନ୍ୟ ସମସ୍ତେ ଖାଇବେ ବୋଲି ଡାକ୍ତର ମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଫାଇଲେରିଆ ଜୀବାଣୁ ଜଣଙ୍କ ଶରୀରରେ ରହିଲେ ୧୫ରୁ ୨୦ ବର୍ଷ ପରେ ତାକୁ ଆକ୍ରାନ୍ତ କରି ଗୋଦର ଗୋଡ଼ ଓ ଏଣ୍ଡକୋଶୀ ଫୁଲାରୋଗ କରିଥାଏ। ସମସ୍ତେ ସଚେତନ ହୋଇ ଏହି ଔଷଧ ସେବନ କରିବା ଉଚିତ ବୋଲି ଡାକ୍ତରମାନେ ଏହି ସାମ୍ବାଦିକ ସମ୍ମିଳନୀରେ କହିଥିଲେ।

## ବିଜୁଳି ଯୋଗାଣ ଓ ଭିତ୍ତିଭୂମି ବିକାଶରେ ଉତ୍କର୍ଷତା ଆଣିଛି ଟିପିଏନ୍‌ଓଡିଏଲ୍

ବାଲେଶ୍ୱର, ୭।୮ (ସମିସ)



ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଉତ୍ତର ଓଡ଼ିଶାରେ ୨୭,୯୨୦ ବର୍ଗ କିଲୋମିଟର ଅଞ୍ଚଳରେ ୧୯.୯ ଲକ୍ଷ ଗ୍ରାହକ ସହ ଅଂଚଳର ୯୯ ଲକ୍ଷରୁ ଅଧିକ ନାଗରିକଙ୍କ ପାଇଁ ବିଦ୍ୟୁତ୍ ବଂଟନ ସେବାରେ ଉତ୍କର୍ଷତା ଆଣିବା ଜାରି ରଖିଛି। ଶୁଭାରମ୍ଭର ଚାରି ବର୍ଷ ମଧ୍ୟରେ ଟିପିଏନ୍‌ଓଡିଏଲ୍ ୨୦୨୩-୨୪ରେ ଶକ୍ତି ମନ୍ତ୍ରଣାଳୟର ବଂଟନ ୟୁଟିଲିଟି ପାଇଁ ସମନ୍ୱିତ ରେଟିଂରେ ଏ+ ରେଟିଂ ହାସଲ କରି ପରିଚାଳନା ଉତ୍କର୍ଷତା କ୍ଷେତ୍ରରେ ଅନ୍ୟତମ ଜାତୀୟ ଅଗ୍ରଣୀ ଭାବେ ଉଭା ହୋଇଛି। ୨୦୨୪-୨୫ ସୁଦ୍ଧା ୧୨୯୫.୨୭ କୋଟି ଟଙ୍କାର ଚକ୍ରବୃଦ୍ଧିର ପୁଞ୍ଜି ବ୍ୟୟ ସହିତ ଟିପିଏନ୍‌ଓଡିଏଲ୍ ପକ୍ଷରୁ ୧୩୭.୭୪ କୋଟି ଟଙ୍କାକୁ ନିରାପତ୍ତା ଓ ସୁରକ୍ଷାରେ ଖର୍ଚ୍ଚ କରାଯାଇଛି। ଏଥିରେ ୨୮୫୦ରୁ ଅଧିକ ଡିଟିଆର୍ ବାଡ଼ ଏବଂ ୫୪ ପିଏସ୍‌ଏସ୍ ପାଚେରୀ (୬୦ଟିରେ ବାଡ଼ ନଥିଲା), ୧୦୩୬.୬୫ କିମିର ତ୍ରୁଟିପୂର୍ଣ୍ଣ ତାର ବଦଳାଇବା ଏବଂ ସେଂଟ୍ରାଲ୍ ଷ୍ଟୋର୍‌ରେ ଫାୟାର ପମ୍ପ ହାଉସ୍-ୱାଟର ହାଇଡ୍ରାଂଟ୍ ସିଷ୍ଟମ୍‌ର ବ୍ୟବସ୍ଥା କରାଯାଇଛି। ଏଥି ସହିତ ସୁରକ୍ଷିତ କ୍ଲିୟରାନ୍ସ ପାଇଁ ୧୨,୫୦୦ରୁ ଅଧିକ ଇଂଟରପୋଲିଂ ଫ୍ଲୁଟ ସ୍ଥାପନ କରାଯିବା ସହିତ ସମସ୍ତ ପାଂଚ ସର୍କଲ୍‌ରେ ସୁରକ୍ଷିତ ହାଣ୍ଡସ ଅନ୍ ବୈଷୟିକ ତାଲିମ (ଏଚ୍‌ଓଟିଟି) (ପ୍ରତି ସର୍କଲ୍‌ରେ ଗୋଟିଏ ଲେଖାଏଁ) ଏବଂ କାର୍ଯ୍ୟ ସମୟରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଲୋଟୋ (ଲକ୍‌ଆଉଟ୍/ ଟ୍ୟାଗ୍‌ଆଉଟ୍) ମୂତୟନ କରାଯାଇଛି। ଡ୍ରୋନ୍ ଆଧାରିତ ସୁରକ୍ଷା ନିରୀକ୍ଷଣ, କାମ ପାଇଁ ଡିଜିଟାଲ୍ ପରମିଟ୍, ଶ୍ରମଶକ୍ତି ଦ୍ୱାରା ସୁରକ୍ଷା ପିପିଇ ବ୍ୟବହାର, କାର୍ଯ୍ୟସ୍ଥଳରେ ସୁରକ୍ଷା ଜୋନ୍ ସୃଷ୍ଟି ଏବଂ ପ୍ରତି ଷ୍ଟାଫ୍‌ଙ୍କ ବାଧ୍ୟତାମୂଳକ ସୁରକ୍ଷା ତାଲିମ ଟିପିଏନ୍‌ଓଡିଏଲ୍‌ର 'ସୁରକ୍ଷା ପ୍ରଥମ' ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଦକ୍ଷତା ବୃଦ୍ଧି କରିବା ପାଇଁ କ୍ଷତି ହ୍ରାସରେ ୧୨୬.୫୫ କୋଟି ଟଙ୍କା ନିବେଶ କରାଯାଇଛି, ଯେଉଁଥିରେ ୧୩୪୩.୬୫ କିମି ଏଲ୍‌ଟି ଖୋଲା କଣ୍ଡକ୍ଟରକୁ ଇନ୍‌ସୁଲେଟେଡ୍ ଲାଇନ୍‌ରେ ପରିବର୍ତ୍ତନ କରାଯାଇଛି ଯାହା ବୈଷୟିକ କ୍ଷତି ହ୍ରାସ ଓ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଛି। ମିଟର ପରୀକ୍ଷଣ ଲ୍ୟାବ୍ ସ୍ଥାପନ ଶକ୍ତି ମାପିବାରେ ସଠିକତା, ଭରସାଯୋଗ୍ୟତା ଓ ନିୟମ ପାଳନକୁ ସୁନିଶ୍ଚିତ କରିଥିବା ବେଳେ ୨.୯ ଲକ୍ଷ ସ୍ମାର୍ଟ ମିଟର ମୂତୟନ ବାସ୍ତବ ସମୟ ବିଦ୍ୟୁତ ଉପଯୋଗିତା ତଥ୍ୟ ଏବଂ ରିମୋଟ୍ ନିରୀକ୍ଷଣ ଓ ବିଲିଂରେ ଗ୍ରାହକମାନଙ୍କୁ ସଶକ୍ତ କରିଛି। ନେଟ୍‌ୱର୍କ ଭରସାଯୋଗ୍ୟତା ସୁଦୃଢ଼ କରିବା ଏବଂ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଭରସାଯୋଗ୍ୟତାରେ ୩୨୪.୩୬ କୋଟି ଟଙ୍କା ଏବଂ ଲୋଡ୍ ଅଭିବୃଦ୍ଧି ଅଭିଯାନରେ ୩୩୦.୩୮ କୋଟି ଟଙ୍କା ନିବେଶ କରାଯାଇଛି। ସେବାର ଭରସାଯୋଗ୍ୟତା ବଢ଼ାଇବା ପାଇଁ ୩୧ ପ୍ରାଥମିକ ସବ୍‌ଷ୍ଟେସନ୍‌ର ଉନ୍ନତୀକରଣ କରାଯାଇଥିବା ବେଳେ ୫୫୦ ବଂଟନ ଟ୍ରାନ୍ସଫର୍ମରକୁ ରିଫରବିସ୍ କରାଯାଇଛି, ୨୨୭ ଅଟୋ ରିକ୍ଲୋଜର, ୧୫୪୦ ଫଲ୍ଟ ପାସେଜ୍ ଇଣ୍ଡିକେଟର ଓ ୪୦୫୫ ଏଲ୍‌ଭି (ଲୋ ଭୋଲଟେଜ୍) ସୁରକ୍ଷା ୟୁନିଟ୍ ମୂତୟନ କରାଯାଇଛି। ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ ଏସ୍ କାଲେ କହିଛନ୍ତି ଯେ, ଆମର ମିଶନ କେବଳ ବିଦ୍ୟୁତ୍ ଯୋଗାଣ ନୁହେଁ। ଆମେ ଏକ ସ୍ଥିର, ଭବିଷ୍ୟତ-ପ୍ରସ୍ତୁତ ଶକ୍ତି ବ୍ୟବସ୍ଥା ଗଠନ କରୁଛୁ ଯାହା ସମ୍ପ୍ରଦାୟକୁ ସଶକ୍ତ କରୁଛି ଏବଂ ଅଂଚଳର ବିକାଶକୁ ପ୍ରେରଣା ଦେଉଛି। ସୁରକ୍ଷା, ବିଶ୍ୱସନୀୟତା ଏବଂ ଭିତିଭୂମି ସମ୍ପ୍ରସାରଣକୁ ପ୍ରାଥମିକତା ଦେଇ ଆମେ ଉତ୍ତର ଓଡିଶାର ବିକଶିତ ଆବଶ୍ୟକତାଗୁଡିକୁ ପୂରଣ କରୁଛୁ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଐତିହ୍ୟ

- ୧୫୪୯- ଫ୍ରାନ୍ସ, ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୮୬୪- ଜେନେଭାରେ ରେଡକ୍ରସ୍‌ର ସ୍ଥାପନା ହେଲା।
- ୧୮୯୯- ଏ.ଟି. ମାର୍ଶଲ ରେଫ୍ରିଜେଟରକୁ ପେଟେଣ୍ଟ କରାଇଲେ।
- ୧୯୪୫- ସୋଭିଏତ୍ ସଂଘ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୯୦- ଇରାକ୍ ଓ କୁଏତ୍ ଔପଚାରିକ ଭାବେ ଏକୀକରଣ କଥା ଘୋଷଣା କଲେ।
- ୨୦୧୩- ପାକିସ୍ତାନର କ୍ୱେଟାରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୨୮ ଲୋକଙ୍କ ପ୍ରାଣହାନି।



### କୀଟପତଙ୍ଗଙ୍କୁ ଅସ୍ତ୍ର କରିବ ଚୀନ୍

# ମହୁମାଛି ପିନ୍ଧିବ ବିପଜ୍ଜନକ ଡିଭାଇସ୍

ମୁଖ୍ୟତଃ ବର୍ଷା ଏବଂ ଶୀତଦିନରେ ଘରେ ତଥା ଘର ବାହାରେ ମଶା, ମାଛି ଆଦି ଦେଖାଯାନ୍ତି। ମଶା, ଡାଆଁଶ, ମାଛି, ମହୁମାଛି କବଳରୁ ରକ୍ଷା କରିବାକୁ ଲୋକେ ଘରଦ୍ୱାର ପରିଷ୍କାର କରନ୍ତି। ହେଲେ ଏହି କୀଟପତଙ୍ଗଗୁଡ଼ିକ ମଣିଷ ଇଚ୍ଛା ମୁତାବିକ ଏବେ କାମ କରିବେ। ଚୀନ୍‌ରେ ଏପରି ଏକ ମହୁମାଛି ପ୍ରସ୍ତୁତ କରାଯାଉଛି, ଯାହା ମଣିଷର ଇଶାରାରେ ଚାଲିବ। ପ୍ରଥମ ଥର ପାଇଁ ବେଜିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ବିଆଇଟି)ର ପ୍ରଫେସର ଝାଓ ଜେଲିଆଙ୍ଗ ଏବଂ ତାଙ୍କର ଟିମ୍ କୀଟର ମସ୍ତିଷ୍କ ନିୟନ୍ତ୍ରଣ ପାଇଁ ଏହି ବିକଳ୍ପ ଖୋଜିଛନ୍ତି। ଏଥିପାଇଁ ସେମାନେ ଏକ ସୂକ୍ଷ୍ମ ଯନ୍ତ୍ରକୁ ମହୁମାଛିର ପିଠିରେ ବାନ୍ଧିବେ। ଏହି ଉପକରଣର ଓଜନ ମହୁମାଛିର ମହୁ ଥଳି ସହିତ ସମାନ। ଏହା ପାଖାପାଖି ୭୪ ମିଲିଗ୍ରାମ୍ ହେବ। ଏହି ଉପକରଣଟି ମହୁମାଛିର ପିଠିରେ ବନ୍ଧା ଯିବା ସହ ତିନିଟି ପତଳା ଛୁଞ୍ଚି ମାଧ୍ୟମରେ ତା'ର ମସ୍ତିଷ୍କ ସହିତ ସଂଯୁକ୍ତ ହେବ। ବୈଦ୍ୟୁତିକ ସଙ୍କେତ ସାହାଯ୍ୟରେ ଏଥିରେ ମହୁମାଛିକୁ ନିର୍ଦ୍ଦେଶ ପଠାଯିବ। ଏହି ଗବେଷଣା 'ଚାଇନିଜ ଜର୍ଣ୍ଣାଲ ଅଫ୍ ମେକାନିକାଲ ଇଞ୍ଜିନିୟରିଂ'ରେ ପ୍ରକାଶ କରାଯାଇଛି। ଯେତେବେଳେ ଏହାକୁ ପରୀକ୍ଷା କରାଯାଇଥିଲା, ସେତେବେଳେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମହୁମାଛି ୧୦ ଥରରୁ ୯ଥର ସଠିକ୍ ଦିଗରେ ଉଡ଼ିଥିଲା। ତେଣୁ ଏହି ପରୀକ୍ଷଣର ସଫଳତାକୁ ଦୃଷ୍ଟିରେ ରଖି କୁହାଯାଉଛି ଯେ, ମହୁମାଛି ଭବିଷ୍ୟତରେ ସେନା ପାଇଁ ଗୁପ୍ତଚର ଭାବେ କାମ କରିପାରିବ। ଏହାବାଦ୍ ଭୂମିକମ୍ପ ପରି ଘଟଣା ପରେ ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କୁ ମଧ୍ୟ ଖୋଜିବାରେ ମଧ୍ୟ ସଫଳ ହେବ। ତେବେ ଏହା ପୂର୍ବରୁ ସିଙ୍ଗାପୁରରେ ମଧ୍ୟ ଏହିପ୍ରକାର ଏକ ଉପକରଣ ବିକଶିତ କରାଯାଇଥିଲା। ଅବଶ୍ୟ ସେହି ଉପକରଣଟି ଚୀନ୍‌ର ଉପକରଣଠାରୁ ତିନି ଗୁଣ ଭାରି ଥିଲା। ଯାହାଫଳରେ ଉପକରଣଟି କେବଳ ଧୀର ଗତିରେ ଗତି କରୁଥିବା ପୋକ ଯେପରିକି ଗୋବର ପୋକ ଏବଂ ଅସରପା ଉପରେ ହିଁ କାମ କରିପାରୁଥିଲା।

# ଛଅ ବର୍ଷ ପରେ ବଲିଉଡ୍‌କୁ ଫେରିବେ ପ୍ରିୟଙ୍କା



ବଲିଉଡ୍‌ଠାରୁ ଆରମ୍ଭ କରି ହଲିଉଡ୍‌ରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ଶେଷ ଥର ପାଇଁ ପ୍ରିୟଙ୍କା ବଲିଉଡ୍ ଫିଲ୍ମ 'ଦ ସ୍କାଏ ଇଜ୍ ପିଙ୍କ୍'ରେ ନଜର ଆସିଥିଲେ। ଏବେ ସେ ଦୀର୍ଘ ଛଅ ବର୍ଷ ପରେ ବଲିଉଡ୍‌କୁ ଫେରୁଛନ୍ତି। ପ୍ରିୟଙ୍କା ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀଙ୍କ ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ ବୋଲି ଚର୍ଚ୍ଚା ହେଉଛି। ସଞ୍ଜୟଙ୍କ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'ରେ ସେ ନଜର ଆସିବେ। କିନ୍ତୁ ଏଯାବତ୍ ଏନେଇ ପ୍ରିୟଙ୍କା କି ସଞ୍ଜୟ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ଏଥିରେ ପ୍ରିୟଙ୍କାଙ୍କର ଏକ ଡ୍ୟାନ୍ସ ନମ୍ବର ରହିବ ବୋଲି କୁହାଯାଉଛି। ଏହା ପୂର୍ବରୁ ପ୍ରିୟଙ୍କା ସଞ୍ଜୟଙ୍କ ଫିଲ୍ମ 'ରାମ ଲୀଲା'ର 'ରାମ ଚାହେ ଲୀଲା' ଗୀତରେ ଜବରଦସ୍ତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଗୀତଟି ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ। ଏଠାରେ ପ୍ରକାଶ ଥାଉ କି, ୨୦୧୫ ମସିହାରେ ପ୍ରିୟଙ୍କା ଆମେରିକା ଚାଲି ଯାଇଥିଲେ। ଏହାପରେ ସେ ମାତ୍ର ଦୁଇଟି ବଲିଉଡ୍ ଫିଲ୍ମରେ କାମ କରିଛନ୍ତି। ସେ ଶେଷ ଥର ପାଇଁ 'ଦ ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ନଜର ଆସିଥିଲେ। ଏହା ୨୦୧୯ ରେ ମୁକ୍ତିଲାଭ କରିଥିଲା।

# ସବୁବେଳେ ଜୋତା ପିନ୍ଧିବା ଭଲ ନୁହେଁ



ସାଧାରଣତଃ ସ୍କୁଲ, କଲେଜ ତଥା ଅଫିସ୍ ଯାଉଥିବା ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିଥାନ୍ତି। କାରଣ ଜୋତା ପାଦ ପାଇଁ ଆରାମଦାୟକ ହୋଇଥାଏ। ହେଲେ ଏବେ ପ୍ରଶ୍ନ ଉଠୁଛି ଦିନସାରା ଜୋତା ପିନ୍ଧି ରହିବା ପାଦ ପାଇଁ କେତେ ଭଲ? ଏ ନେଇ ମୁମ୍ବାଇର କୋକିଳାବେନ୍ ହସପିଟାଲର ଅର୍ଥୋପେଡିକ୍ ସର୍ଜନ ଡା. ବିକାଶ ବାସା ଲୋକଙ୍କୁ ସଚେତନ କରାଇଛନ୍ତି। ସେ କହିଛନ୍ତି, ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିବା ଦ୍ୱାରା ପାଦ ଏକ ବିଶେଷ ଭଙ୍ଗୀରେ ଲକ୍ ବା ଛନ୍ଦି ହୋଇଯାଏ। ଏହାଦ୍ୱାରା ପାଦର ମାଂସପେଶୀ ଅପେକ୍ଷାକୃତ ଅଧିକ ଶକ୍ତ ହେବା ସହ ଭିତରୁ ଦୁର୍ବଳ ହେବାକୁ ଲାଗେ। ଲଗାତାର ଏଭଳି ହେବା ଦ୍ୱାରା ପାଦର ସ୍ୱାଭାବିକ ଚଳନକ୍ରିୟା ହ୍ରାସ ପାଏ। ଫଳରେ ଦୀର୍ଘ ଦିନ ଧରି ପାଦ ସମସ୍ୟା ଲାଗି ରହେ। ମୁଖ୍ୟତଃ ଏହା ପାଦରେ ଟାଇଟ୍ ହୋଇ ରହୁଥିବା ଜୋତା ଯୋଗୁ ହୋଇଥାଏ। ତେବେ ପାଦକୁ ଗୋଟିଏ ପୋଜିସନରେ ଦୀର୍ଘ ସମୟ ଧରି ରଖିବା ଦ୍ୱାରା ମାଂସପେଶୀଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଏ। ଏଥିଯୋଗୁ ପାଦରେ ଯନ୍ତ୍ରଣା ହେବା ସହ ପ୍ଲାଣ୍ଟର ଫାସାଇଟିସ୍ ଭଳି ଅନ୍ୟ ସମସ୍ୟା ମଧ୍ୟ ଦେଖାଯାଇପାରେ। ସେହିପରି ଯେଉଁ ଜୋତା ପାଦକୁ ଆଦୌ ହଲିବାକୁ ଦିଏ ନାହିଁ ଏବଂ ପାଦରେ ଠିକ୍ ଭାବେ ଫିଟିଂ ହୋଇ ନ ଥାଏ, ଏଭଳି ଜୋତା ଯୋଗୁଁ ପାଦରେ ସଂକ୍ରମଣ ତଥା ଚମ ଉତୁରିବା ଭଳି ସମସ୍ୟା ସୃଷ୍ଟି ହୁଏ। ଅନ୍ୟପଟେ ଭୁଲ ସାଇଜ୍‌ର ଓ ଅଧିକ ଫିଟିଂ ଜୋତା ପିନ୍ଧିବା ଦ୍ୱାରା ପାଦ ଓ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ। ସେହିପରି ଦିନ ତମାମ ଜୋତା ପିନ୍ଧିବା ଦ୍ୱାରା ପାଦରୁ ଅଧିକ ଝାଳ ବହେ ଏବଂ ଖରାଦିନେ ଏହା ବେଶି ବଢ଼ିଯାଏ। ଯଦ୍ୱାରା ପାଦରେ କବକ ଏବଂ ଜୀବାଣୁଜନିତ ସଂକ୍ରମଣ ହୋଇଥାଏ। ତେଣୁ କିଛି ସମୟ ବ୍ୟବଧାନରେ ପାଦରୁ ଜୋତା ବାହାର କରିବା ପାଇଁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

## ସଞ୍ଜୀବନୀ



### ଚୁଟ୍‌କିରେ ଦୂର ହେବ

# ଗ୍ୟାସ୍-ପେଟଫମ୍ପା ସମସ୍ୟା

**ବର୍ତ୍ତମାନ ସମୟରେ ଖାଦ୍ୟପେୟ ଶୈଳୀ, ଶାରୀରିକ ସକ୍ରିୟତାର ଅଭାବ, ଅତ୍ୟଧିକ ତେଲ ମସଲା ଓ ରାଗଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ, ଅତିଗରିଷ୍ଠ ଭୋଜନ ଆଦି ଦ୍ୱାରା ଗ୍ୟାସ୍, ପେଟ ଫାମ୍ପିବା, ଅମ୍ଳ ଏବଂ କୋଷ୍ଠକାଠିନ୍ୟ ଆଦି ସାଧାରଣ ସମସ୍ୟା ଭାବେ ଉଭା ହୋଇଛି। ଏହାଦ୍ୱାରା ଅଣନିଃଶ୍ୱାସୀ ଲାଗିବା, ଭୋକ ନ ଲାଗିବା, ମୁଣ୍ଡ ବିନ୍ଧିବା, ତଣ୍ଟି ଓ ଛାତି ଜଳାପୋଡ଼ା, ବାନ୍ତି ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ଏସବୁ ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଅଧିକାଂଶ ଡାକ୍ତରଙ୍କ ବିନା ପରାମର୍ଶରେ ବି ଔଷଧ ସେବନ କରିଥାନ୍ତି। ଯଦିଓ ଔଷଧ ସେବନରୁ ଆରାମ ମିଳିଥାଏ ହେଲେ ଏହାର ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇପାରେ। ତେଣୁ ଏକ୍ଷେତ୍ରରେ ଘରୋଇ ଚିକିତ୍ସା ଉପାୟ ଆପଣାଇ ପାରିବେ।**

ପାନ ମଧୁରୀ, ଜିରା ଏବଂ ଜୁଆଣିକୁ ଅନୁମୋଦିତ ହାରରେ ମିଶାଇ ଏହାକୁ ଅଳ୍ପ ଆଞ୍ଚରେ ହାଲୁକା ଭାଜି ଦିଅନ୍ତୁ। ଏହି ମିଶ୍ରଣକୁ ଗୁଣ୍ଡ କରି ନିର୍ଦ୍ଦିଷ୍ଟ ପରିମାଣରେ ସେବନ କଲେ, ଗ୍ୟାସ୍, ଅମ୍ଳ, ପେଟଫାମ୍ପିବା ସମସ୍ୟାରୁ ଉପଶମ ମିଳିଥାଏ। ଏହା ପାଚନତନ୍ତ୍ରକୁ ସକ୍ରିୟ କରି ଚୟାପଚୟ ପ୍ରକ୍ରିୟାକୁ ତ୍ୱରାନିତ କରେ। ଯାହାଦ୍ୱାରା ଓଜନ ନିୟନ୍ତ୍ରଣ ହୋଇପାରେ। ଆୟୁର୍ବେଦ ଚିକିତ୍ସକଙ୍କ ମତଅନୁଯାୟୀ ପାନ ମଧୁରୀ, ଜିରା ଏବଂ ଜୁଆଣି ତିନିଟିରେ ଭରପୁର ଆଣ୍ଟିଅକ୍ସିଡାଣ୍ଟ ଓ ଔଷଧୀୟ ତତ୍ତ୍ୱ ରହିଛି। ଏହାକୁ ମିଶାଇ ଖାଇବା ଦ୍ୱାରା ଏହା ପାଚନଶକ୍ତିକୁ ମଜଭୁତ କରିଥାଏ।

ଶରୀରରେ ଜମା ହୋଇଥିବା ଦୂଷିତ ପଦାର୍ଥକୁ ବାହାର କରିବାରେ ସହାୟକ ହୋଇଥାଏ। ପେଟକୁ ସଫା କରିବା ସହ ଗ୍ୟାସ୍ ଓ ଅପଚ କମ୍ କରିଥାଏ। ତେଣୁ ଏହି ଗୁଣ୍ଡରେ ଅଳ୍ପ ହେଙ୍ଗୁ କିମ୍ବା କଳା ଲୁଣ ମିଶାଇ ମଧ୍ୟାହ୍ନ ଭୋଜନ ଏବଂ ରାତ୍ର ଭୋଜନ ପରେ ଅଧା ଚାମଚ ଉଷୁମ ପାଣି ସହିତ ମିଶାଇ ପିଇପାରିବେ।

ସେହିପରି ସାଧାରଣଭାବେ ଜିରା, ପାନ ମଧୁରୀ, ଜୁଆଣି ଭଜା ହୋଇ ନ ଥିଲେ, ଏହାକୁ ପାଣିରେ ଫୁଟାଇ ସକାଳୁ ପିଇ ହେବ। ଖାଲି ପାଣିରେ ମଧ୍ୟ ରାତିସାରା ଏହାକୁ ବତୁରାଇ ସକାଳୁ ଏହାକୁ ଛାଣି ସେହି ପାଣି ପିଇବା ଦ୍ୱାରା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, କୋଷ୍ଠକାଠିନ୍ୟ ଉପଶମ କରିବାରେ ସହାୟକ ହୋଇଥାଏ। ସେହିପରି ଖାଦ୍ୟ ଖାଇବାର ଘଣ୍ଟାଏ ପରେ ପାଣି ପିଇବା ଦରକାର। ରାତ୍ରି ଭୋଜନରେ ଅଳ୍ପ ଖାଦ୍ୟ ଖାଇବା ଆବଶ୍ୟକ। ପଞ୍ଚଗବ୍ୟ ଔଷଧଆକାରରେ ଗୋମୂତ୍ର ଅର୍କ, ଜୀବନଧାରା, ଗାୟତ୍ରୀ ଚୂର୍ଣ୍ଣ, ହରିଦ୍ରା ଚୂର୍ଣ୍ଣ ଆଦି ସେବନ କଲେ, ଗ୍ୟାସ୍ ସମସ୍ୟାରୁ ମୁକ୍ତି ମିଳିଥାଏ।

### ମେରୁଦଣ୍ଡ ଯନ୍ତ୍ରଣାକୁ କମ୍ କରିପାରେ

# ବୈଦ୍ୟୁତିକ ଅନ୍ତର୍ସ୍ଥାପନ ଉପକରଣ

ମେରୁଦଣ୍ଡ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଭୁଲ୍ ଶୈଳୀରେ ଦୀର୍ଘ ସମୟ ବସିବା, ବୟସ ବୃଦ୍ଧି, ମୋଟାପଣ, ଜୀବନଶୈଳୀ ଆଦି ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହୋଇଥାଏ। ମେରୁଦଣ୍ଡରେ ଆଘାତ ଲାଗିଲେ, ଅସହ୍ୟ ଯନ୍ତ୍ରଣା ଜୀବନକୁ ପ୍ରଭାବିତ କରିଥାଏ। ତେବେ ଏହି ସମସ୍ୟାରୁ ଉପଶମ ପାଇଁ ମୁଖ୍ୟତଃ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ, ଫିଜିଓଥେରାପି କିମ୍ବା ଆବଶ୍ୟକସ୍ଥଳେ ସର୍ଜରୀ କରାଯାଇଥାଏ। ହେଲେ ନ୍ୟୁଜିଲ୍ୟାଣ୍ଡ, ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଏକ ଟିମ୍ ଏକ ବୈଦ୍ୟୁତିକ ଅନ୍ତର୍ସ୍ଥାପନଯୁକ୍ତ ଉପକରଣ ବିକଶିତ କରିଛନ୍ତି। ଯାହାକି ମେରୁଦଣ୍ଡରେ ଆଘାତ ଲାଗିଲା ପରେ ବି ଏହାର ବ୍ୟବହାର ଚଲାବୁଲା କରିବା କ୍ଷମତାକୁ ପୁନଃସ୍ଥାପିତ କରିପାରିବ। ଉକ୍ତ ବୈଦ୍ୟୁତିକ ଉପକରଣଟି ପିନ୍ଧିବା ଯୋଗ୍ୟ। ଅକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ୱାଇପାପା ତୌମାତା ରାଓ ଫାର୍ମାସୀ ସ୍କୁଲର ଜଣେ ବରିଷ୍ଠ ଗବେଷଣା ଫେଲୋ, ମୁଖ୍ୟ ଗବେଷକ ଡା. ବ୍ରୁସ୍ ହାରଲାଣ୍ଡ ଏବଂ ତାଙ୍କର ଟିମ୍ ବିକଶିତ କରିଥିବା ଏହି ଉପକରଣଟି ବହୁତ ପତଳା, ହାଲୁକା ଭାବେ ଡିଜାଇନ୍ କରାଯାଇଛି। ଡ. ହାରଲାଣ୍ଡ କୁହନ୍ତି, ମେରୁଦଣ୍ଡ ଅସହ୍ୟ ଯନ୍ତ୍ରଣାରୁ ଆଶ୍ୱସ୍ତି ପାଇବାକୁ ଏହି ଉପକରଣକୁ ମେରୁଦଣ୍ଡରେ ଲଗାଯାଇଥାଏ। ବିଶେଷକରି ଯେଉଁସ୍ଥାନରେ ଆଘାତ ଲାଗିଥାଏ, ଉପକରଣଟି ସେଠାରେ ଆଲୋକ ଏବଂ ନିୟନ୍ତ୍ରିତ ବିଦ୍ୟୁତ୍ ପ୍ରବାହ ପଠାଇଥାଏ। ଫଳରେ ଏହା କ୍ଷତ ସ୍ଥାନକୁ ଭରିବାରେ ସାହାଯ୍ୟ କରିଥାଏ। ଏହା ସ୍ନାୟୁଆରୋଗ୍ୟକୁ ଉତ୍ତେଜିତ କରିବାକୁ ପ୍ରାକୃତିକ ବିକାଶ ମୂଳକ ସଙ୍କେତକୁ ଅନୁକରଣ କରିଥାଏ। ଫଳରେ ମେରୁଦଣ୍ଡ ପୁଣି କାର୍ଯ୍ୟକ୍ଷମ ହୋଇପାରେ। ବୈଜ୍ଞାନିକମାନେ ପ୍ରାଥମିକ ପର୍ଯ୍ୟାୟରେ ମୂଷା ଉପରେ ପରୀକ୍ଷା କରିଥିଲେ। ଏଥିରୁ ପ୍ରାକୃତିକ ରୂପେ ସୁସ୍ଥ ହେବା ତୁଳନାରେ ବୈଦ୍ୟୁତିକ ଉତ୍ତେଜନା ଜରିଆରେ କ'ଣ ପାର୍ଥକ୍ୟ ରହୁଛି ତାହା ଦେଖିବାକୁ ମିଳିଥିଲା। ଚାରି ସପ୍ତାହ ଧରି ଯେଉଁ ମୂଷାଙ୍କୁ ବୈଦ୍ୟୁତିକ ଉତ୍ତେଜନା ଚିକିତ୍ସା ଦିଆଯାଉଥିଲା। ଆଦୌ ଏହି ଚିକିତ୍ସା ଦିଆଯାଉନଥିବା ମୂଷାଙ୍କ ତୁଳନାରେ ସେମାନଙ୍କର ଚାଲିବା କ୍ଷମତା ଅପେକ୍ଷାକୃତ ଭଲ ଥିଲା। ୧୨ ସପ୍ତାହ ଧରି ଅଧ୍ୟୟନ କରାଯାଇଥିବାବେଳେ ଉକ୍ତ ମୂଷାମାନେ ହାଲୁକା ସ୍ପର୍ଶରେ ଶୀଘ୍ର ପ୍ରତିକ୍ରିୟା ଦେବା ଆରମ୍ଭ କରିଥିବା ଦେଖାଯାଇଥିଲା। ତେଣୁ ବୈଜ୍ଞାନିକମାନେ ଏହି ଗବେଷଣାରେ ସମ୍ପୂର୍ଣ୍ଣ ଭାବେ ସଫଳତା ପାଇବା ପରେ ଏହା ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିପାରିବ।



# ପୁଣି ଡରାଉଛି ଚିକନଗୁନିଆ

**ବର୍ଷାଦିନେ ବାୟୁମଣ୍ଡଳ ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି। ଏହି ଦିନେ ଭୂତାଣୁ ଓ ଜୀବାଣୁ ଜନିତ ଜ୍ୱର ସାଧାରଣ କଥା। ତେବେ ବିଭିନ୍ନ ସ୍ଥାନରେ ପାଣି ଜମିଯାଉଥିବାରୁ ମଶା, ମାଛି ବଂଶବିସ୍ତାର କରିଥାନ୍ତି। ସଂକ୍ରମଣ, ଫ୍ଲୁ ତଥା ମଶାମାଛିଙ୍କଠାରୁ ବିଭିନ୍ନ ରୋଗ ସୃଷ୍ଟି ହୁଏ। ଏହି କ୍ରମରେ ଏବେ ଚିକନଗୁନିଆ ଚିନ୍ତାର କାରଣ ସାଜିଛି। ୨୦ ବର୍ଷ ପୂର୍ବରୁ ଏହି ଭୂତାଣୁ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲା। ଆଉ ଏବେ ଏହା ଲୋକଙ୍କ ମଧ୍ୟରେ ପୁଣି ଆତଙ୍କ ସୃଷ୍ଟି କରିଛି। ମାୟୋଟେ, ମରିସସ ଆଦି ଦ୍ୱୀପ ସମେତ ଆଫ୍ରିକୀୟ ଦେଶ ପରେ ଚୀନ୍‌ରେ ଚିକନଗୁନିଆ ପୁଣି ବ୍ୟାପିବାରେ ଲାଗିଛି। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମଧ୍ୟ ସତର୍କତା ଜାରି କରିଛି। ତେବେ ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**



ଚିକନଗୁନିଆ ଏକ ଭୂତାଣୁ ଜନିତ ରୋଗ। ମଶା କାମୁଡିବା ଦ୍ୱାରା ଏହା ବ୍ୟାପିଥାଏ। ଏହାକୁ ଚିକନଗୁନିଆ ଜ୍ୱର ବୋଲି କୁହାଯାଏ। ମୁଖ୍ୟତଃ ବର୍ଷାଦିନେ ଏହା ଲୋକଙ୍କୁ ଅଧିକ ପ୍ରଭାବିତ କରିଥାଏ। ଚିକନଗୁନିଆ ଏଡିସ୍ ଏଜିପ୍ଟ ଏବଂ ଏଡିସ୍ ଆଲବୋପିକ୍ଟସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶା ସାଧାରଣତଃ ଦିନରେ ଅଧିକ ସକ୍ରିୟ ରହିଥାନ୍ତି। ତେଣୁ ଏହି ସଂକ୍ରମିତ ମଶା ଜଣଙ୍କୁ କାମୁଡ଼ିଲେ, ଭୂତାଣୁ ଉକ୍ତ ବ୍ୟକ୍ତିଙ୍କ ରକ୍ତରେ ପ୍ରବେଶ କରି ଶରୀରରେ ଦ୍ରୁତ ଗତିରେ ବ୍ୟାପିପାରେ। ଏହା ଶରୀରର ମାଂସପେଶୀ ଏବଂ ସ୍ନାୟୁକୁ ଅଧିକ ପ୍ରଭାବିତ କରେ।

**ଲକ୍ଷଣ:** ଭୂତାଣୁ ସଂକ୍ରମଣ ହେବାର କିଛି ଦିନ ପରେ ଚିକନଗୁନିଆର ଲକ୍ଷଣଗୁଡ଼ିକ ଦେଖାଯାଏ। ରୋଗୀଙ୍କୁ ପ୍ରବଳ ଯନ୍ତ୍ରଣା ଏବଂ ଦୁର୍ବଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପୀଡ଼ିତ ବ୍ୟକ୍ତିଙ୍କୁ ଅତ୍ୟଧିକ ଜ୍ୱର, ପ୍ରବଳ ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ବିନ୍ଧିବା ଭଳି ଲକ୍ଷଣ ଦେଖାଯାଏ। ଗଣ୍ଠି ଯନ୍ତ୍ରଣା ସପ୍ତାହରୁ ପ୍ରାୟ ମାସେ ପର୍ଯ୍ୟନ୍ତ ରହିପାରେ। ଏହାସହ ମୁଣ୍ଡବିନ୍ଧା, ଥକ୍କାପଣ, ଥଣ୍ଡା ଲାଗିବା, ବାନ୍ତି, ଆଖି ଯନ୍ତ୍ରଣା, ଶରୀରରେ ଲାଲ୍ ଫୋଟକା ଭଳି ଦେଖାଦେଇପାରେ। ପ୍ରାୟତଃ ଲକ୍ଷଣଗୁଡିକ ଡେଙ୍ଗୁ ପରି ହୋଇଥିବାରୁ ଏହି ରୋଗକୁ ସଠିକ୍ ଭାବେ ଚିହ୍ନଟ କରିବାରେ ବିଳମ୍ବ ହୋଇପାରେ। ଏହି ସଂକ୍ରମଣ, ବୟସ୍କ, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କଠାରେ ଗମ୍ଭୀର ରୂପ ନେଇପାରେ।

**ଜ୍ୱର ନିୟନ୍ତ୍ରଣ ପାଇଁ ଉପାୟ:** ଉପରୋକ୍ତ ଲକ୍ଷଣ ଶରୀରରେ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରିବା ଜରୁରି। ଚିକନଗୁନିଆର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଜ୍ୱରର ତୀବ୍ରତାକୁ ନିୟନ୍ତ୍ରଣ କରିବାକୁ ସହାୟକ ଚିକିତ୍ସା ଦିଆଯାଏ। ରୋଗୀଙ୍କୁ ତରଳପେୟ ଓ ହାଲୁକା ଭୋଜନ କରିବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ସେହିପରି ମଶା ନ ହେବାକୁ ଘର ଚତୁଃପାର୍ଶ୍ୱରେ ପାଣି ଜମା ହେବାକୁ ଦିଅନ୍ତୁନି। ଶରୀରକୁ ଘୋଡ଼ାଇ ରଖୁଥିବା ପୋଷାକ ପିନ୍ଧନ୍ତୁ। ମଶା ନିୟନ୍ତ୍ରଣ ପାଇଁ ମଶାରୀ ଟାଙ୍ଗି ଶୋଇବା ସହିତ କଏଲ, ଲିକ୍ୟୁଡି ଆଦି ବ୍ୟବହାର କରିପାରିବେ। ଯେଉଁ ସ୍ଥାନରେ ଭୂତାଣୁ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି ସେଠାକୁ ଯାଆନ୍ତୁନି। ଦୈନିକ ଶାରୀରିକ କାର୍ଯ୍ୟ କରିବା ଆବଶ୍ୟକ।

# ସାଇ ସ୍ୱରୂପଙ୍କ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ

## ଜାତୀୟ ଜୁନିଅର ଜଳକ୍ରୀଡ଼ା



ଭୁବନେଶ୍ୱର, ୭।୮ (ସମିସ): ଓଡ଼ିଶାର ଯୁବ ଓ ଉଦୀୟମାନ ସନ୍ତରଣକାରୀ ସାଇ ସ୍ୱରୂପ ସ୍ୱାଇଁଙ୍କ ଦମ୍‌ଦାର ପ୍ରଦର୍ଶନ ଚଳିତ ୫୧ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ପ୍ରତିଯୋଗିତାରେ ଜାରି ରହିଛି। ଅହମ୍ମଦାବାଦରେ ଚାଲିଥିବା ଏହି ଜଳକ୍ରୀଡ଼ା ପ୍ରତିଯୋଗିତାରେ ସାଇ ସ୍ୱରୂପ କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଐତିହାସିକ ସଫଳତା ଆଣିଛନ୍ତି। ଗୁରୁବାର ସେ ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଦୂରତାକୁ ସାଇ ସ୍ୱରୂପ ଏକ ମିନିଟ୍ ୧୦.୬୧ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିପୂର୍ବରୁ ସେ ବୁଧବାର ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ସାଇ ସ୍ୱରୂପ କୌଣସି ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏବେ ସେ ଏହି ଐତିହାସିକ ସଫଳତାରେ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଚଳିତ ଜାତୀୟ ପ୍ରତିଯୋଗିତାରେ ସାଇ ସ୍ୱରୂପଙ୍କ ଏହା ୩ୟ ପଦକ ଥିଲା। ସେ ମଧ୍ୟ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ କାଂସ୍ୟ ପଦକ ହାସଲ କରିଥିଲେ।

ସାଇଙ୍କ ଏହି କ୍ରମାଗତ ସଫଳତା ଲାଗି ତାଙ୍କ ନିକଟକୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ସାଇଙ୍କ ଘର କଟକ ବାରଙ୍ଗରେ ହୋଇଥିବାବେଳେ ତାଙ୍କ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ଓ ମାତା ରୁନୁ ସ୍ୱାଇଁ ଉଭୟ ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ରହିଛନ୍ତି। ବର୍ତ୍ତମାନ ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ-୧ରେ ଅଧ୍ୟୟନରତ। ଗତ ରାଜ୍ୟ ର୍‌ୟାଙ୍କିଙ୍ଗ ସନ୍ତରଣରେ ସାଇ ସ୍ୱରୂପ ୮ଟି ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ହାଇପରଫର୍ମାନ୍ସ ସେଣ୍ଟରରେ ସେ ବର୍ତ୍ତମାନ ପ୍ରଶିକ୍ଷଣ ନେଉଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପଙ୍କ ପୂର୍ବରୁ ରାଜ୍ୟର ଏକମାତ୍ର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ସେଠ୍ ୧୯୯୧ରେ କୋଲକାତାରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ସନ୍ତରଣରେ କାଂସ୍ୟ ପଦକ ଜିତିଥିଲେ। ଓଡ଼ିଶାର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ଗତ ୩୪ ବର୍ଷ ଧରି ଏକମାତ୍ର ଜାତୀୟ ପଦକ ବିଜେତା ରହିଥିଲେ।

## ■ ୪ ବର୍ଷର ବାସନ୍ଦ ଶେଷ ପରେ
# ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଲେ ଟେଲର୍

ହରାରେ, ୭।୮ (ଏଜେନ୍ସି): ଦୀର୍ଘ ୪ ବର୍ଷର ବାସନ୍ଦ ପରେ ଜିମ୍ବାୱେର ଷ୍ଟାର କ୍ରିକେଟର ବ୍ରେଣ୍ଡାନ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଛନ୍ତି।



ଆଜି ଏଠାରେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ସେ ଜିମ୍ବାୱେ ପକ୍ଷରୁ ଖେଳିଥିଲେ। ଜିମ୍ବାୱେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୧୨୫ରେ ଅଲଆଉଟ ହୋଇଥିଲାବେଳେ ଇନିଂସ ଓପନ କରିଥିବା ଟେଲର ସର୍ବାଧିକ ୪୪ ରନ୍ କରିଥିଲେ। ୱିକେଟରକ୍ଷକ ତାଫଜୱା ସିଗା ୩୩ ରନ୍ କରିଥିଲେ। ପତିପକ୍ଷ ଦଳର ମ୍ୟାଟ୍ ହେନରୀ ୫ଟି ଓ ୨୩ ବର୍ଷୀୟ ଡେବ୍ୟୁଟାଣ୍ଟ ଅଲରାଉଣ୍ଡର ଜାକାରୀ ଫୋକ୍ସ ୪ଟି ୱିକେଟ ପାଇଥିଲେ। ଜବାବରେ ପ୍ରଥମ ଦିନ ଖେଳ ଶେଷ ରିପୋର୍ଟ ସୁଦ୍ଧା ଜିମ୍ବାୱେ ୧ ୱିକେଟ୍ ବିନିମୟରେ ୧୬୫ ରନ୍ କରିନେଇଛି। ଏହି ସମୟରେ ଡେଭନ କନୱେ ୭୮ ଓ ଜ୍ୟାକବ୍ ଡଫି ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ୱିଲ ୟଙ୍ଗ୍ ୭୪ ନ୍ କରିଛନ୍ତି। ସୂଚନାଯୋଗ୍ୟ ୪ ବର୍ଷ ପୂର୍ବେ ଭାରତ ଗସ୍ତରେ ଆସିଥିବା ଜିମ୍ବାୱେର ଟେଲର ଜଣେ ଭାରତୀୟ ବୁକିଙ୍କଠାରୁ ୧୫,୦୦୦ ଡଲାର ଲାଞ୍ଚ ନେଇ ଧରାପଡ଼ିଥିଲେ। ଫଳରେ ତାଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୪ ବର୍ଷ ଲାଗି ଆଇସିସି ବାସନ୍ଦ କରିଥିଲା।

## ■ ଫିଫା ର୍‌ୟାଙ୍କିଙ୍ଗ୍‌ରେ
# ଭାରତୀୟ ମହିଳା ଦଳର ଉନ୍ନତି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଭାରତୀୟ ମହିଳା ଫୁଟବଲ ଦଳର ର୍‌ୟାଙ୍କିଙ୍ଗ ଶ୍ରେଷ୍ଠ ହୋଇଛି। ସର୍ବଶେଷ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଭାରତର ସ୍ଥାନ ୬୩ରେ ପହଞ୍ଚିଛି। ପୂର୍ବରୁ ୨୦୨୩ ଅଗଷ୍ଟ ୨୧ରେ ଭାରତ ଫିଫା ର୍‌ୟାଙ୍କିଙ୍ଗ୍‌ରେ ୬୧ତମ ସ୍ଥାନରେ ଥିଲା। ନିକଟରେ ନିଜଠାରୁ ଉନ୍ନତ ର୍‌ୟାଙ୍କିଙ୍ଗ୍ ଦଳ ଥାଇଲାଣ୍ଡକୁ ପରାସ୍ତ କରି ଏଏଫ୍‌ସି ମହିଳା ଏସିଆ କପ୍‌କୁ ଯୋଗ୍ୟତା ଅର୍ଜନ କରିବା ପରେ ଭାରତର ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି ହୋଇଛି।

# ଅନୁରାଗ ଠାକୁର ପୁଣି ଅଯୋଗ୍ୟ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ପୂର୍ବତନ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ତଥା ବିଜେପି ସାଂସଦ ଅନୁରାଗ ସିଂ ଠାକୁରଙ୍କୁ ବଡ଼ ଝଟ୍‌କା ଲାଗିଛି। ପୁଣିଥରେ ସେ ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ)ର ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଅଗଷ୍ଟ ୨୧ରେ ବିଏଫ୍‌ଆଇ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ବୁଧବାର ଜାରି ଅଫିସିଆଲ୍ ଇଲେକ୍ଟୋରାଲ କଲେଜ୍‌ରୁ ତାଙ୍କ ନାମକୁ ବାଦ୍ ଦିଆଯାଇଛି। ଫଳରେ ସେ ଏହି ନିର୍ବାଚନ ଲଢ଼ିପାରିବେ ନାହିଁ। ବିଏଫ୍‌ଆଇର ଆଗାମୀ ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅଗଷ୍ଟ ୨୧ରେ ଅନୁଷ୍ଠିତ ହେବ। ଏଥିରେ ୨୦୨୫-୨୦୨୯ କାର୍ଯ୍ୟକାଳ ଲାଗି ବିଏଫ୍‌ଆଇର କର୍ମକର୍ତ୍ତା ନିର୍ବାଚନ ହେବ। ଏଥିଲାଗି ହିମାଚଳ ବକ୍ସିଂ ସଂଘ (ଏଚ୍‌ପିବିଏ) ପକ୍ଷରୁ ଏହାର ଦୁଇ ପ୍ରତିନିଧି ଭାବେ ଯୋଗଦେବା ଲାଗି ଅନୁରାଗ ଓ ସଭାପତି ରାଜେଶ ଭଣ୍ଡାରୀଙ୍କ ନାମକୁ ଚୟନ କରାଯାଇଥିଲା। କିନ୍ତୁ ଗତ ଏପ୍ରିଲରେ ବିଶ୍ୱ ବକ୍ସିଂ ମହାସଂଘ ଦ୍ୱାରା ଗଠିତ ହୋଇଥିବା ବିଏଫ୍‌ଆଇର ଅନ୍ତରୀଣ କମିଟି ବୁଧବାର ଯାଞ୍ଚ ପରେ ୬୬ ସଦସ୍ୟ ବିଶିଷ୍ଟ ଇଲେକ୍ଟୋରାଲ କଲେଜ୍ ତାଲିକା ଜାରି କରିଥିଲା। ଯେଉଁଥିରେ ଅନୁରାଗଙ୍କ ନାମକୁ ବାଦ୍ ଦିଆଯାଇଥିଲା।

# ଆଶଙ୍କାରେ ଆଇଏସ୍ଏଲ୍; ସେପ୍ଟେମ୍ବରରେ ସୁପର କପ୍

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଆୟୋଜନ ଆଶଙ୍କାରେ। ଏ ସମ୍ପର୍କରେ ଆଇଏସ୍ଏଲ୍‌ରେ ସାମିଲ ଥିବା ୧୩ଟି ଯାକ ଫ୍ରାଞ୍ଚାଇଜ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ଆଜି ଅନୁଷ୍ଠିତ ବୈଠକରେ ଏହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇ ପାରିଲାନି। ବରଂ ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍ ଫୁଟବଲ ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଆୟୋଜିତ ହେବ ବୋଲି ଏଆଇଏଫ୍ଏଫ୍ ସଭାପତି ଚୌବେ କହିବା ପରେ ଆଇଏସ୍ଏଲ୍ ଚଳିତବର୍ଷ ଆଉ ହେବ ନାହିଁ ବୋଲି ସିଇଓ ମାନେ ବିଶ୍ୱାସ କରୁଛନ୍ତି। ଏହି ବୈଠକରେ ସମସ୍ତ ୧୩ଟି ଯାକ କ୍ଲବ୍ ଅଂଶଗ୍ରହଣ କରିଥିଲେ। ଚୌବେଙ୍କ ମତରେ ଆସନ୍ତା ସପ୍ତାହକ ମଧ୍ୟରେ ଏହି ବୈଠକ ଦ୍ୱିତୀୟଥର ଆୟୋଜିତ ହେବ। ଏହା ପରେ କିଛି ଗୋଟାଏ ସମାଧାନର ରାସ୍ତା ବାହାରିବ। ଆଇଏସ୍ଏଲ୍ ବାତିଲ କିମ୍ବା ସ୍ଥଗିତ ହେବ ନାହିଁ। ଏହା ବିଳମ୍ବରେ ହେବ ଓ ଫର୍ମାଟ ବଦଳିବ ବୋଲି ସେ କହିଛନ୍ତି। ଏହାର ଅର୍ଥ ଯଦି ବି ଏହି ମାର୍କମରା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ, ସେଥିଲାଗି ଅନେକ କସରତ କରିବାକୁ ପଡ଼ିବ। ଏଥିଲାଗି ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍‌କୁ ସିଜନ ଆରମ୍ଭରେ ଆୟୋଜନ କରିବାକୁ ଏଆଇଏଫ୍ଏଫ୍



ଯୋଜନା କରୁଛି। ଯାହା ଫଳରେ ଭାରତୀୟ ଖେଳାଳି, କ୍ଲବ୍ ଫିଟ୍ ରହି ପାରିବେ। ଅକ୍ଟୋବର ୯ ଓ ୧୦ରେ ଭାରତର ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ସିଙ୍ଗାପୁର ସହ ଅକ୍ଟୋବର ୯ ଓ ୧୪ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ଏଆଇଏଫ୍ଏଫ୍ ସୁପର କପ୍ ଆଗୁଆ ଆୟୋଜନ କରୁଛି। ସୁପର କପ୍ ଶେଷ ହେଲା ବେଳକୁ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ।

ଏହା ମଧ୍ୟରେ ଆଇଏସ୍ଏଲ୍‌ର ଆୟୋଜକ ନୀତା ଅମ୍ବାନୀଙ୍କ ଫୁଟବଲ ସ୍ପୋର୍ଟ୍ସ ଡେଭଲେପ୍‌ମେଣ୍ଟ ଲିଃ (ଏଫ୍ଏସ୍‌ଡିଏଲ୍) ଓ ଏଆଇଏଫ୍ଏଫ୍ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଯେଉଁ ମାଷ୍ଟର ରାଇଟସ ରାଜିନାମା ହୋଇଥିଲା ତାହାର ଅବଧି ଡିସେମ୍ବର ୮ରେ ଶେଷ ହେବ। କିନ୍ତୁ ଟୁର୍ଣ୍ଣାମେଣ୍ଟ ଆୟୋଜନ ରାଜିନାମାର ନବୀକରଣ ଲାଗି ନୀତାଙ୍କ କମ୍ପାନୀ ପକ୍ଷରୁ କୌଣସି ଆଗ୍ରହ ପ୍ରକାଶ ପାଉନାହିଁ। ବିଶେଷ କରି ଏଫ୍ଏସ୍‌ଡିଲ୍ ସହ ଥିବା କମ୍ପାନୀ ଗୁଡିକ ଆଉ ନବୀକରଣ କରିବାକୁ ଚାହିଁନାହାନ୍ତି। ସେମାନେ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯେତିକି ଅର୍ଥ ଦେଉଛନ୍ତି ତାହା ଫେରୁ ନାହିଁ। ଭାରତରେ ଆଇଏସ୍ଏଲ୍‌ର ଲୋକପ୍ରିୟତା ହେଲା ନାହିଁ କିମ୍ବା ଦର୍ଶକ ଏହାକୁ ବିଶେଷ ଦେଖୁନାହାନ୍ତି। ଏଣୁ ବିଜ୍ଞାପନଦାତା ମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ ଏଆଇଏଫ୍ଏଫ୍ ଏତେ ବଡ଼ ବଜେଟର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବା ସମ୍ଭବ ନୁହେଁ। ସଭାପତି ଚୌବେ ବାରମ୍ବାର ଏ ସମ୍ପର୍କରେ ଆୟୋଜକଙ୍କ ସହ ଆଲୋଚନା କରି ବିଫଳ ହୋଇସାରିଲେଣି। ସେ ବିକଳ୍ପ ଆୟୋଜନ ସନ୍ଧାନରେ ଥାଇ ବିଫଳ ହୋଇଛନ୍ତି। ଏଣୁ ଏହାର ଆୟୋଜନ ହେବା ସମ୍ଭବ ନୁହେଁ ବୋଲି ଟିମ୍ ଗୁଡିକର ସିଇଓଙ୍କର ଉପଲବ୍ଧ ହୋଇଛି।

ଏହା ମଧ୍ୟରେ ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ତାହାର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଚୁକ୍ତିନାମାକୁ ଚଳିତବର୍ଷ ବାତିଲ କରିଛନ୍ତି। ସେମାନେ ଚାହିଁଲେ ଚଳିତବର୍ଷ ଅନ୍ୟ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା କ୍ଲବ୍ ପକ୍ଷରୁ ଖେଳିପାରିବେ। ଏହାର ଅର୍ଥ ଏହି ୩ଟି ଆଇଏସ୍ଏଲ କ୍ଲବ୍ ଯେତେବେଳେ ପ୍ରସ୍ତୁତି ଜୋରଦାର କରିବା କଥା, ସେତେବେଳେ କ୍ଲବ୍‌କୁ ଭାଙ୍ଗିଦେଇଛନ୍ତି। ଏହା ଫଳରେ ଟୁର୍ଣ୍ଣାମେଣ୍ଟ କିପରି ଆୟୋଜିତ ହେବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍। କ୍ଲବ୍ ଗୁଡିକୁ ଆଶ୍ୱାସନା ଦେବା ଓ ଭାରତୀୟ ଖେଳାଳିମାନଙ୍କୁ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ଲାଗି ଫିଟ ରଖିବା ସକାଶେ ସୁପର କପ୍ ଆଗୁଆ କରିବାକୁ ଏଆଇଏଫ୍ଏଫ୍ ପକ୍ଷରୁ ଯୋଜନା କରାଯାଇଛି। କିନ୍ତୁ ଆଇଏସ୍ଏଲ୍ ଆୟୋଜନ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇପାରିନାହିଁ।

# ଗିଲ୍‌ଙ୍କୁ ଉତ୍ତରାଞ୍ଚଳ, ଜୁରେଲଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ



ଦୁଲୀପ୍ ଟ୍ରଫି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଉ ଏକ ବଡ଼ ଦାୟିତ୍ୱ ମିଳିଛି। ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ୍ ଟ୍ରଫି ଲାଗି ଗିଲ୍‌ଙ୍କୁ ଉତ୍ତରାଞ୍ଚଳ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଗିଲ୍‌ଙ୍କ ବ୍ୟତୀତ ଉତ୍ତରାଞ୍ଚଳ ଦଳରେ ଅନେକ ତାରକା ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଆୟୁଷ ବଦୋନୀ ପ୍ରମୁଖ ରହିଛନ୍ତି। କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳର ମୁକାବିଲା ଇଶାନ କିଶାନଙ୍କ ପୂର୍ବାଞ୍ଚଳ ଦଳ ସହ ହେବ। ସେହିଭଳି ଗୁରୁବାର ମଧ୍ୟ କେନ୍ଦ୍ରାଞ୍ଚଳ ଦଳ ଘୋଷଣା କରାଯାଇଛି। ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଦଳରେ ଆଇପିଏଲ୍ ଟ୍ରଫି ବିଜୟୀ ଅଧିନାୟକ ରଜତ ପଟିଦାର, କୁଲଦୀପ୍ ଯାଦବ, ଆଦିତ୍ୟ ଥାକରେ, ଦୀପକ ଚହର, ଖଲିଲ ଅହମ୍ମଦଙ୍କ ଭଳି ତାରକା ଖେଳାଳି ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ଦୁଲୀପ୍ ଟ୍ରଫି ସହ ବିସିସିଆଇର ୨୦୨୫-୨୬ ଘରୋଇ କ୍ରିକେଟ୍ ସିଜନ ଆରମ୍ଭ ହେବ। ଏଥର ୬ ଦଳୀୟ ଜୋନାଲ୍ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାର ସୁଯୋଗ ପାଇଛନ୍ତି। ସେହିଭଳି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଫାଇନାଲ ଅଗଷ୍ଟ ୨୮ରୁ ଆରମ୍ଭ ହେବ। ଦୁଇ କ୍ୱାର୍ଟର ଫାଇନାଲର ବିଜେତା ସେମିଫାଇନାଲରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳକୁ ଭେଟିବେ।

# ବିଏଫ୍‌ଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଲେ ଲଭ୍‌ଲିନା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ତାରକା ମହିଳା ବକ୍ସର ଲଭଲିନା ବୋରଗୋହେଁ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ମଲିକ ତାଙ୍କ ପ୍ରତି ଭେଦଭାବ ଓ ଅପମାନଜନକ ଆଚରଣ ପ୍ରଦର୍ଶନ କରିଥିବା ନେଇ ଲଭ୍‌ଲିନା ଅଭିଯୋଗ କରିଛନ୍ତି। ଦୁଇ ପୃଷ୍ଠା ସମ୍ବଳିତ ଏହି ଅଭିଯୋଗ ପତ୍ରକୁ ଲଭଲିନା କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ, ସାଇ ନିର୍ଦ୍ଦେଶକ ହରି ରଞ୍ଜନ ରାଓ, ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଅଫିସିଆଲ୍ ଓ ବିଏଫ୍‌ଆଇ ନିକଟକୁ ପଠାଇଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ, ଜୁଲାଇ ୮ରେ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଜୁମ୍ ବୈଠକରେ ଏହି ଅଘଟଣ ଘଟିଥିଲା। ଏହି ବୈଠକରେ ଲଭଲିନା ଅନୁରୋଧ କରିଥିଲେ ଯେ ତାଙ୍କର ଆଗାମୀ ୟୁରୋପ ପ୍ରଶିକ୍ଷଣ ଲାଗି ପ୍ରଣମିକା ବୋରୋଙ୍କୁ ସେ ବ୍ୟକ୍ତିଗତ ପ୍ରଶିକ୍ଷକ ଭାବେ ନେବାକୁ ଚାହୁଁଛନ୍ତି। ଏଥିଲାଗି ତାଙ୍କୁ ଅନୁମତି ଦିଆଯାଉ। କିନ୍ତୁ ଏହି ସମୟରେ ଅରୁଣ ମଲିକ ତାଙ୍କୁ ଅପମାନିତ କରି କହିଥିଲେ, 'ଚୁପ୍ ରୁହ ଆମେ ଯାହା କହୁଛୁ ମୁଣ୍ଡ ତଳକୁ କରି ତାହାକୁ ଶୁଣ' ବୋଲି ଲଭଲିନା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ଜାଭେଲିନ୍ ଦିବସ ପାଳିଲା ଓଡ଼ିଶା



କଟକ,୭।୮ (ସମିସ): ଭାରତର ନୀରଜ ଚୋପ୍ରା ଅଗଷ୍ଟ ୭ ତାରିଖରେ ଅଲିମ୍ପିକ୍ସରେ ଜାଭେଲିନ୍‌ରେ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଭାରତ ଲାଗି ଥିଲା ବିରଳ। ଯାହା ଫଳରେ ନୀରଜଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟ ପରଠାରୁ ଭାରତରେ ଅଗଷ୍ଟ ୭କୁ ଜାଭେଲିନ୍ ଦିବସ ଭାବେ ପାଳନ କରାଯାଇଆସୁଛି। ଓଡ଼ିଶାରେ ମଧ୍ୟ ଏହି ଦିବସ ଆଜି ଓଡ଼ିଶା ଆଥଲେଟିକ୍ ସଂଘ ପାଳନ କରିଥିଲା। ଏଥିଲାଗି ସମଗ୍ର ଓଡ଼ିଶାରୁ ୬୦ଜଣ ଜାଭେଲିନ୍ ଫିଙ୍ଗାଳି ଏଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆଥଲେଟିକ୍ସ କୋଚ୍ ଚିତ୍ତରଞ୍ଜନ ମହାପାତ୍ର ଓ ଶୈଳେନ୍ଦ୍ର ପ୍ରସନ୍ନ ବର୍ମା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ନ୍ୟାସନାଲ ଟେକ୍ନିକାଲ ଅଫିସିଆଲ ଭବାନୀ ଶଙ୍କର ଜେନା ଏହି ଉତ୍ସବରେ ସଭାପତିତ୍ୱ କରିଥିଲାବେଳେ ଅନେକ ଆଥଲେଟ ଓ କୋଚ୍ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ୨୦୨୧ ଅଗଷ୍ଟ ୭ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ଜାଭେଲିନ୍‌ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ।

## ଟେନିସ୍ ଇତିହାସରେ ରେକର୍ଡ ପୁରସ୍କାର ରାଶି
# ଏଥର ୟୁଏସ୍ ଓପନ୍ ଚାମ୍ପିଅନଙ୍କୁ ମିଳିବ ୪୩.୭୫ କୋଟି

ନ୍ୟୁୟର୍କ, ୭।୮ (ଏଜେନ୍ସି): ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ୟୁଏସ୍ ଓପନ୍‌ର ଏହା ହେବ ୧୪୫ତମ ସଂସ୍କରଣ। ଏହି ମେଗା ଇଭେଣ୍ଟ ଲାଗି ଆୟୋଜକ ୟୁଏସ୍ ଟେନିସ ସଂଘ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଏଥର ୟୁଏସ୍ ଓପନ୍‌ରେ ମୋଟ୍ ପୁରସ୍କାର ରାଶି ୯୦ ମିଲିୟନ ଡଲାର ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୭ ଶହ ୮୭ କୋଟି ୩୧ ଲକ୍ଷ ଟଙ୍କା ହେବ। ଗତ ସଂସ୍କରଣ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ଗତବର୍ଷ ୬ ଶହ ୫୬ କୋଟି ୨୦ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦିଆଯାଇଥିଲା। ବିଶ୍ୱ ଟେନିସରେ ଆୟୋଜନ କରାଯାଉଥିବା ଯେକୌଣସି ଟୁର୍ଣ୍ଣାମେଣ୍ଟରେ ଏହା ରେକର୍ଡ





ପୁରସ୍କାର ରାଶି ହୋଇଛି। ଯଦି ଗତ ମାସରେ ଅନୁଷ୍ଠିତ ହୋଇଥିବା ୱିମ୍ବଲଡନ ଉପରେ ନଜର ପକାଇବା ତେବେ ସେହି ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶି ୭୩ ମିଲିୟନ ଡଲାର (୬ ଶହ ୩୮ କୋଟି ୫୦ ଲକ୍ଷ ଟଙ୍କା) ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ଏଥର ୟୁଏସ୍ ଓପନ୍‌ର ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନଙ୍କୁ ଆଖିଦୃଶିଆ ରାଶି ମିଳିବ। ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଜେତା ଏଥର ୫ ମିଲିୟନ ଡଲାର ତଥା ୪୩ କୋଟି ୭୫ ଲକ୍ଷ ଟଙ୍କା ସାଙ୍ଗରେ ନେଇ ଘରକୁ ଯିବେ। ୨୦୨୪ରେ ୟୁଏସ୍ ଓପନ୍ ବିଜେତାକୁ ୩୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅର୍ଥାତ୍ ଚଳିତ ବର୍ଷ ଏହି ରାଶିରେ ୩୯ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିଭଳି ଯେଉଁ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେବେ ସେ ୯୬ ଲକ୍ଷ ଟଙ୍କା ପାଇବେ।

# ଜୁନିଅର ମହିଳା ହକି କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୭।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୨ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ମହାରାଷ୍ଟ୍ର (୬) ପଛକୁ ୨ୟ ସ୍ଥାନରେ ରହିଥିଲା। ମହାରାଷ୍ଟ୍ର ଏହାର ଶେଷ ପୁଲ୍ ମୁକାବିଲାରେ ଗୁରୁବାର ଆନ୍ଧ୍ର ପ୍ରଦେଶକୁ ୫-୧ ଗୋଲ୍‌ରେ ହରାଇବା ପରେ ଓଡ଼ିଶାର କ୍ୱାର୍ଟର ଫାଇନାଲ ଖେଳିବା ସ୍ପଷ୍ଟ ହୋଇଥିଲା। ଶନିବାର କ୍ୱାର୍ଟର ଫାଇନାଲ ଖେଳାଯିବ। ଏଥିରେ ଓଡ଼ିଶାର ମୁକାବିଲା ଶକ୍ତିଶାଳୀ ହରିୟାଣା ସହ ହେବ। ପୁଲ୍-ସି'ରେ ହରିୟାଣା ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଅନ୍ୟ ୩ଟି କ୍ୱାର୍ଟରରେ ମହାରାଷ୍ଟ-ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ-ଛତିଶଗଡ଼ ଏବଂ ଝାଡ଼ଖଣ୍ଡ-ପଞ୍ଜାବ ସାମ୍ନାସାମ୍ନି ହେବେ।

# ସିବିଏସ୍ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଆରମ୍ଭ



ଭୁବନେଶ୍ୱର, ୭।୮ (ସମିସ): ସ୍ଥାନୀୟ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଗୁରୁବାର ସିବିଏସ୍ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍ଇ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ସିବିଏସ୍ଇ ରିଜିଅନର ୧୧୫ ସ୍କୁଲର ହଜାରେରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିବିଏସ୍ଇର ପର୍ଯ୍ୟବେକ୍ଷକ ସୋନୁ କାମାତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ୍ ସଞ୍ଜୟ ସୁଆର, ଅଧକ୍ଷା ଡ. ମୋନାଲିସା ବଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅଫିସଆଲ୍‌ଙ୍କୁ ଏହି ପ୍ରତିଯୋଗିତା ଲାଗି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS